

‘କ୍ୟାପ୍ଟେନ୍ ଇଣ୍ଡିଆ’କୁ ମିଳିଲା ନାୟିକା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-57 ◆FRIDAY ◆21 AUGUST 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୫୭ ◆ଶୁକ୍ରବାର ◆୨୧ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସରକାରଙ୍କୁ ସୁହାଇଲା ଜଟିଳ ପ୍ରକ୍ରିୟା

## ୧୫ ଦିନରେ ମାତ୍ର ସାଢ଼େ ୫ ଲକ୍ଷ ଚାଷୀ ପଞ୍ଜିକୃତ

■ ଭୁବନେଶ୍ୱର,୨୦।୮ (ସମିସ): ଖରିଫ ଋତୁର ଧାନ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଅଗଷ୍ଟ ୬ରୁ ଆରମ୍ଭ ହୋଇଥିବା ଏହି ପଞ୍ଜୀକରଣ ପ୍ରକ୍ରିୟାର ଶେଷ ତାରିଖ ଅଗଷ୍ଟ





୩୧କୁ ଧାର୍ଯ୍ୟ ହୋଇଛି। କିନ୍ତୁ ଏବେ ସୁଦ୍ଧା ଖରିଫ ଧାନ ବିକ୍ରି କରିବାକୁ ରାଜ୍ୟର ମାତ୍ର ସାଢ଼େ ୫ ଲକ୍ଷ ଚାଷୀ ପଞ୍ଜୀକରଣ କରିପାରିଛନ୍ତି। ଗତବର୍ଷ ଖରିଫ ଧାନ କିଣା ପାଇଁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ପ୍ରାୟ ୧୯.୬୭ ଲକ୍ଷ ରହିଥିଲା। ମାତ୍ର ଚଳିତ ବର୍ଷ ହାତରେ ଆଉ ୧୦ ଦିନ ବାକି ରହିଥିଲେ ମଧ୍ୟ ପଞ୍ଜିକୃତ ଚାଷୀ ସଂଖ୍ୟା ମଧ୍ୟରେ ଥିବା ବଡ଼ ତାରତମ୍ୟ ପରିଲକ୍ଷିତ ହୋଇଛି। ଏହି ସଂଖ୍ୟାକୁ ଦେଖିଲେ ଏଥର ଧାନ ବିକିଲେ ଚାଷୀ ଏମ୍ଏସ୍ପି ପାଇବା ସହିତ ଇନ୍ପୁଟ ସହାୟତା ମଧ୍ୟ ପାଇବାକୁ ଯୋଗ୍ୟ ହୋଇଥାନ୍ତି। ଏହି ଆଧାରରେ ଗତ କିଛି ବର୍ଷରେ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ଲଗାତାର ଭାବେ ବଢ଼ିବା ସହିତ ପାଖାପାଖି

■ ୧୫ ଲକ୍ଷ ଚାଷୀଙ୍କ ହାତରେ ଆଉ ମାତ୍ର ୧୦ ଦିନ
■ ୨ ଦିନ ହେବ ପଞ୍ଜୀକରଣ ୱେବ୍ସାଇଟ୍ ଅଚଳ

ଚାଷୀ ପଞ୍ଜୀକରଣ କମିଯାଇଛି ନା ନୂଆ ପଞ୍ଜୀକରଣ ବ୍ୟବସ୍ଥା ଯୋଗୁଁ ଚାଷୀମାନେ ପଞ୍ଜୀକରଣ କରିବାରେ ସମସ୍ୟା ଭୋଗୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଛି।

ରାଜ୍ୟରେ ସରକାରୀ ମଣ୍ଡି ମାଧ୍ୟମରେ ଧାନ ବିକ୍ରି କରିବାକୁ ଚାଷୀଙ୍କ ପଞ୍ଜୀକରଣ ଏକ ଅତ୍ୟାବଶ୍ୟକ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ୨୦ ଲକ୍ଷ ପହଞ୍ଚିଥିଲା। ୨୦୨୩-୨୪ ଖରିଫ ଋତୁରେ ୨୦.୪୪ ଲକ୍ଷ, ୨୦୨୪-୨୫ରେ ପ୍ରାୟ ୨୦.୯୧ ଲକ୍ଷ ଚାଷୀ ପଞ୍ଜିକୃତ କରିଥିବା ବେଳେ ୨୦୨୫-୨୬ରେ ଏହି ସଂଖ୍ୟା ପ୍ରାୟ ୧୯.୬୭ ଲକ୍ଷ ଥିଲା। ସେହିପରି ୨୦୨୨-୨୩ରେ ମଧ୍ୟ ୧୯.୫୭ ଲକ୍ଷ ଚାଷୀ ଖରିଫ ଧାନ ବିକ୍ରି କରିବାକୁ ▶ପୃଷ୍ଠା-୭

## ଧାନ ପଞ୍ଜୀକରଣରେ ପି-ପାସ୍ ଅଡୁଆ

- କିଭଳି ହେବ ଦେବୋତ୍ତର ଜମି ପଞ୍ଜୀକରଣ
- ଆଖି ସ୍କାନ୍ ପାଇଁ ସମସ୍ୟାରେ ଭାଗଚାଷୀ

■ ଭୁବନେଶ୍ୱର/ନୟାଗଡ,୨୦।୮ (ସମିସ): ସାରା ରାଜ୍ୟରେ ଅଗଷ୍ଟ ୬ ତାରିଖରୁ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି। ଏହାକୁ ଅଗଷ୍ଟ ୩୦ ସୁଦ୍ଧା ଶେଷ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ପଞ୍ଜିକରଣ କାର୍ଯ୍ୟ କରାଯାଉଥିବା ବେଳେ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ସମୟରେ ଭାଗଚାଷୀ ଓ ମନ୍ଦିର ଜମିକୁ ସେବା ଦଖଲ ଭାବେ ଚାଷ କରୁଥିବା ଚାଷୀଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି ହୋଇଛି। ଭାଗଚାଷୀଙ୍କ ଜମି ପଞ୍ଜିକରଣରେ ଜମି ମାଲିକଙ୍କ ଆଖି ସ୍କାନ ବାଧ୍ୟତା ମୂଳକ ହେଉଥିବାରୁ ଭାଗଚାଷୀମାନେ ପଞ୍ଜିକରଣ କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଭାଗଚାଷୀ, ଦେବୋତ୍ତର ଜମି ସେବା ସୂତ୍ରରେ ନେଇ ଚାଷ କରୁଥିବା ଚାଷୀ, ଗାଁ କୋଠ ଜମି ଓ ଟ୍ରଷ୍ଟ ଜମି କିଭଳି ପଞ୍ଜିକରଣ ହେବ ▶ପୃଷ୍ଠା-୭

## କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା

# ଯାଞ୍ଚ କମିଟି ଗଠନ କଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୦।୮: ଗତ ଜୁଲାଇ ୨୦ ତାରିଖରେ ଦିଲ୍ଲୀରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ ବର୍ବରତାର ଯାଞ୍ଚ କରିବା ଲାଗି ସୁପ୍ରିମକୋର୍ଟ ଆଜି ଏକ ଉଚ୍ଚକ୍ଷମତାସଂପନ୍ନ କମିଟି ଗଠନ କରିଛନ୍ତି। ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଆର. ସୁଭାଷ ରେଡ୍ଡୀଙ୍କୁ କମିଟିର ଅଧ୍ୟକ୍ଷ କରାଯାଇଛି। ପଞ୍ଜାବ ଓ ହରିଆଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ରବି ଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶୈଳନ୍ଦର କୌର, ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଆରକେ ଶୁକ୍ଲା ଏବଂ ମେଘାଳୟର ପୂର୍ବତନ ପୁଲିସ ଡିଜି ଏଲଆର ବିଷ୍ଣୋଇ ଏହି କମିଟିର ସଭ୍ୟ ଅଛନ୍ତି। ଏହି କମିଟି କେବେ ରିପୋର୍ଟ ଦାଖଲ କରିବ, ତାହା ସ୍ପଷ୍ଟ କରାଯାଇନଥିଲେ ମଧ୍ୟ ଆନ୍ଦୋଳନ ବେଳେ ନିର୍ଯାତନା ଓ ମହିଳା ଆନ୍ଦୋଳନକାରୀଙ୍କ ପ୍ରତି ଅସଦାଚରଣ ଅଭିଯୋଗର ଯାଞ୍ଚ ଅଗ୍ରାଧିକାର ଭିତ୍ତିରେ କରି ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦେବାକୁ କୁହାଯାଇଛି।

**କମିଟିରେ ପୂର୍ବତନ ବିଚାରପତି, ବରିଷ୍ଠ ପୁଲିସ ଓ ସିବିଆଇ ଅଧିକାରୀ ସାମିଲ**

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି କମିଟି ଗଠନର ଘୋଷଣା କରି ସ୍ପଷ୍ଟ କରିଛନ୍ତି ଯେ ଉକ୍ତ କମିଟି ସମସ୍ତ ଅଭିଯୋଗର ବିଭିନ୍ନ ଦିଗରୁ ଯାଞ୍ଚ କରିବା ସହିତ ପ୍ରତିକାର ବ୍ୟବସ୍ଥା ପାଇଁ ସୁପାରିସ କରିବ। କେବଳ ଦିଲ୍ଲୀ ନୁହେଁ, ଦେଶର ଯେଉଁ ଭାଗରେ ଆନ୍ଦୋଳନ ବେଳେ ହିଂସା ହୋଇଛି, ତାହାର ମଧ୍ୟ ଯାଞ୍ଚ ହେବ। ପୁଲିସ କାର୍ଯ୍ୟାନୁଷ୍ଠାନରେ ଗୁରୁତର ଆହତଙ୍କ ସଂପର୍କରେ ତଥ୍ୟର ଯାଞ୍ଚ ହେବ। ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ଏବଂ କାର୍ଯ୍ୟାନୁଷ୍ଠାନ ବେଳେ ନିୟମର ପାଳନ କକରାଯାଇଛି କି ନାହିଁ। ଆନ୍ଦୋଳନକାରୀଙ୍କ ବିରୋଧରେ ପେଲେଟ୍ ଗନ୍, ବିଦ୍ୟୁତ ଲାଠି ମାଡ଼ ଅଭିଯୋଗର ଯାଞ୍ଚ ସହିତ ଲାଠିମାଡ଼ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ ପୂର୍ବରୁ ଆନ୍ଦୋଳନକାରୀଙ୍କୁ ସଠିକ ଭାବେ ▶ପୃଷ୍ଠା-୭

# କମିଲା ମୌସୁମୀ ବର୍ଷା: ଥମିଲା ବଢ଼ି; ତଥାପି ହଟିନି ଦୁର୍ଦ୍ଦଶା

■ ଭୁବନେଶ୍ୱର,୨୦।୮ (ସମିସ): ରାଜ୍ୟରେ ବର୍ଷା କମିବା ସହ ବନ୍ୟା ସ୍ଥିତିରେ ମଧ୍ୟ ସୁଧାର ଆସୁଛି। ଯଦିଓ ବନ୍ୟା ପ୍ରଭାବିତ ଗାଁଗୁଡ଼ିକରେ ଏବେ ବି ପାଣି ଅଛି; ତଥାପି ସବୁ ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେବେ ଉଜାଣି ବହୁଥିବା ସୁବର୍ଣ୍ଣରେଖା ଓ ଜଳକା ଏବେବି ବାଲେଶ୍ୱର ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସୁବର୍ଣ୍ଣରେଖା ରାଜଘାଟଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ

- ■ ଏବେବି ଉଜାଣି ବହୁଛି ସୁବର୍ଣ୍ଣରେଖା, ଜଳକା
- ■ ୧୦୦୦ ମିମି ଅତିକ୍ରମ କଲା ମୌସୁମୀ ବର୍ଷା
- ■ ୨୩ ତାରିଖ ପର୍ଯ୍ୟନ୍ତ ବଢ଼ିବ ବିଜୁଳି ଘଡ଼ଘଡ଼ି

ମଥାନୀଠାରେ ଜଳକା ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଜିଲ୍ଲାର ହଜାର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ରହିଥିବାବେଳେ ଅନେକ ଗାଁ ପାଣିଘେରରେ ରହିଛି।

ଅନ୍ୟପଟରେ ରାଜ୍ୟରେ ଚଳିତ ବର୍ଷର ମୌସୁମୀ ବର୍ଷା ୧୦୦୦ମିଲିମିଟରର ଅତିକ୍ରମ କରିଛି। ଚଳିତ ମୌସୁମୀ ଋତୁରେ ଅର୍ଥାତ ଜୁନ୍ ୧ ତାରିଖରୁ ଅଗଷ୍ଟ ୧୯ ତାରିଖ ମଧ୍ୟରେ ରାଜ୍ୟରେ ୧୦୦୬.୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ▶ପୃଷ୍ଠା-୭

# ଅଗଷ୍ଟରେ ଆମେରିକାରୁ ୫୨୦୦ ଭାରତୀୟ ବିତାଡ଼ିତ

■ ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ଆମେରିକାରେ ନିର୍ବାସନ ଅଭିଯାନ ଜୋରଦାର ହୋଇଛି। ଅଗଷ୍ଟ ମାସର ପ୍ରଥମ ୧୫ ଦିନରେ ୫୨୦୦ରୁ ଅଧିକ ଭାରତୀୟଙ୍କୁ ଆମେରିକାରୁ ବିଦା କରାଯାଇଛି। ଏଥିରେ ଛାତ୍ରଙ୍କ ସହ ବୈଧ ଭିସାରେ ଯାଇଥିବା ବା ବେଆଇନ୍ ଭାବେ ରହୁଥିବା କର୍ମଜୀବୀମାନେ ମଧ୍ୟ ଥିବା ଜଣାପଡ଼ିଛି। ଆମେରିକାରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କ

- ■ ଆମେରିକାର ନିର୍ବାସନ ଅଭିଯାନ ଜୋର୍ଦାର୍
- ■ କାନାଡାରେ ୧, ୫୦୦ ଛାତ୍ରଙ୍କ ଉପରେ ବିପଦ
- ■ ୨୦୨୫ରେ ନିର୍ବାସିତ ହୋଇଥିଲେ ୩୫୬୭

ବିରୋଧରେ କାର୍ଯ୍ୟାନୁଷ୍ଠାନ ଜୋରଦାର ହୋଇଥିବା ବେଳେ ବୈଧ ଭିସାଧାରୀମାନେ ମଧ୍ୟ ନିୟମ ଉଲ୍ଲଂଘନ ଅଭିଯୋଗରେ ନିର୍ବାସନର ସମ୍ମୁଖୀନ ହେଉଛନ୍ତି। କିଛି ଛାତ୍ରଙ୍କ ବିରୋଧରେ ଟ୍ରାଫିକ ନିୟମ ଉଲ୍ଲଂଘନ ଏବଂ ସାମାଜିକ ଗଣମାଧ୍ୟମରେ ମତାମତ ଦେବାକୁ ନେଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପଟେ କାନାଡାର ଆଲବର୍ଟା ପ୍ରଦେଶରେ ପଢୁଥିବା ପ୍ରାୟ ▶ପୃଷ୍ଠା-୭

## ପାନପୋଷ ସର୍କିଟ ହାଉସ୍‌ରୁ ବନ୍ଧୁକ ସହ ଅପରାଧୀ ଗିରଫ ଘଟଣା

# ବିଜେପିରୁ ଯୁବନେତା ପ୍ରକାଶ ପାଶ୍ୱାନ ବିଦା

■ରାଉରକେଲା,୨୦।୮ (ସମିସ): ପାନପୋଷ ସର୍କିଟ ହାଉସରୁ ଗୁଳିଭର୍ତ୍ତି ରିଭଲଭର ଓ ଅପରାଧୀ ଗିରଫ ଘଟଣାରେ ବିଜେପି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶେଷରେ ବିଜେପିରୁ ବିଦା ହୋଇଛନ୍ତି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ଅନ୍ତରଙ୍ଗ ତଥା ରାଉରକେଲା ମହାନଗର ନିଗମର ପ୍ରତିନିଧି ବିଜେପି ଯୁବନେତା ପ୍ରକାଶ ପାଶ୍ୱାନ। ଦଳ ବିରୋଧୀ କାର୍ଯ୍ୟ ତଥା ଦଳୀୟ ଶୃଙ୍ଖଳା ଭଙ୍ଗ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବିଜେପି ଶୃଙ୍ଖଳା କମିଟିର ଆବାହକ ସୁଦର୍ଶନ ସାହୁ ଗୁରୁବାର ପ୍ରକାଶଙ୍କୁ ନିଲମ୍ବନ କରିଛନ୍ତି।




ଏନେଇ ଏବେ ଦଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ତେବେ ରାଉରକେଲା ସର୍କିଟ ହାଉସରୁ ଗୁଳିଭର୍ତ୍ତି ରିଭଲଭର ଓ ଅପରାଧୀ ଗିରଫ ଘଟଣାର ଇତି ମଧ୍ୟରେ ୮ ଦିନ ବିତିଥିବା ଏବଂ ସର୍କିଟ୍‌ହାଉସ ବୁକିଂରେ ପ୍ରକାଶଙ୍କ ସମ୍ପୃକ୍ତିକୁ ନେଇ ବିଭିନ୍ନ ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ବ୍ୟାପକ ଚର୍ଚ୍ଚା ହେବା ଏବଂ ଆଜି ବିଜେପି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରକାଶଙ୍କୁ ନିଲମ୍ବିତ କରାଯିବା ଘଟଣା ପରେ ବି କେନ୍ଦ୍ରମନ୍ତ୍ରୀ ମୁହଁ ନ ଖୋଲିବା ଦଳୀୟ ନେତା ତଥା ରାଉରକେଲାବାସୀଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି।

ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ସତରେ କ’ଣ ସର୍କିଟ ହାଉସ ବୁକିଂ ଓ ୧୦୭ ନମ୍ବର ରୁମରେ ଅପରାଧିକ କାର୍ଯ୍ୟକଳାପର ଗୁମର ଖୋଲିବ? ପୁଲିସ ଏପର୍ଯ୍ୟନ୍ତ କୌଣସି ସ୍ଥାନରେ ପ୍ରକାଶଙ୍କ ନାମ ନେଇନାହିଁ। ସର୍କିଟ ହାଉସ୍‌ର ୧୦୭ ନମ୍ବର ରୁମ ବୁକିଂ ପଛରେ ବାସ୍ତବରେ ପ୍ରକାଶ ପାଶ୍ୱାନଙ୍କ ହାତ ରହିଥିଲା କି ନାହିଁ, ଗିରଫ ୭ ଅପରାଧୀଙ୍କ ସହ ପ୍ରକାଶଙ୍କର କି ସମ୍ପର୍କ ▶ପୃଷ୍ଠା-୭

# ତିହାର ଜେଲ୍‌ରେ ଆଖିବୁଜିଲେ ସଜ୍ଜନ କୁମାର

■ ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ୧୯୮୪ ଶିଖ-ବିରୋଧୀ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ



**୧୯୮୪ ଦଙ୍ଗା ମାମଲାରେ ଭୋଗୁଥିଲେ ଆଜୀବନ କାରାଦଣ୍ଡ**

ଭୋଗୁଥିବା ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାର ତିହାର ଜେଲରେ ଶେଷ ନିଶ୍ୱାସତ୍ୟାଗକରିଛନ୍ତି। ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ତିହାର ଜେଲରେ ଆଜୀବନ କାରାଦଣ୍ଡ କାଟୁଥିବା ସଜ୍ଜନ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଆଜି ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ଅଣାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ୨୦୧୮ ମସିହାରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡର ଫଇସଲା ଶୁଣାଇଥିଲେ। ସେହିଦିନ ଠାରୁ ସେ ତିହାର ଜେଲରେ ଥିଲେ। ସଜ୍ଜନ କୁମାର ଆଉଟର ଦିଲ୍ଲୀ ଆସନରୁ ତିନିଥର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୮ ରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିଲେ। ଚଳିତ ବର୍ଷ ଫେବୃଆରୀ ମାସରେ ରାଉଜ୍ ଆଭେନ୍ୟୁ କୋର୍ଟ ଅନ୍ୟ ଏକ ମାମଲାରେ ତାଙ୍କୁ ଅନ୍ୟ ଏକ ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଥିଲେ। ଗୁରୁତର ଅସୁସ୍ଥତା କାରଣରୁ ତିନି ସପ୍ତାହ ପାଇଁ ପାରୋଲ ଆବେଦନ କରିଥିଲେ ସଜ୍ଜନ। ଆଜି ସୁପ୍ରିମ କୋର୍ଟରେ ଏହାର ଶୁଣାଣି ହେବାର ଥିଲା।

**ସରକାରଙ୍କୁ ପୂରିଲା ୮୦୦ ଦିନ**

# ଏବେ ବି ବରିଷ୍ଠ ନାଗରିକ ନିରାଶ

## ୩୦୦୦ ଟଙ୍କା ଭତ୍ତାକୁ ଚାହିଁ ବସିଛନ୍ତି ୩୬ ଲକ୍ଷ ବରିଷ୍ଠ ନାଗରିକ

■ଭୁବନେଶ୍ୱର,୨୦।୮ (ସମିସ): ବୟସର ସାୟାହ୍ନରେ ନିଃସଙ୍ଗ ହୋଇଯାଉଛନ୍ତି ବରିଷ୍ଠ ନାଗରିକ। ଜନ୍ମ କରିଥିବା ପୁଅ, ଝିଅ ମଧ୍ୟ ଶେଷ ମୁହୂର୍ତ୍ତରେ ଦୂରେଇ ଯାଉଛନ୍ତି। ସେମାନଙ୍କୁ ଡ଼ାକ୍ତରଖାନା ନେବା ପାଇଁ କେହି ନାହିଁ କି ଔଷଧ କିଣିବାକୁ ବି ଅନେକଙ୍କ ପାଖରେ ପଇସା ନାହିଁ। ବିଜେପି ରାଜ୍ୟରେ ସରକାର ଗଢ଼ିଲେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା। ମାତ୍ର ସରକାର ଗଠନକୁ ଆଜି ୮୦୦ ଦିନ ପୂରଣ ହୋଇଥିଲେ ବି ରାଜ୍ୟର ୩୬ ଲକ୍ଷ ବରିଷ୍ଠ ନାଗରିକ ୩୦୦୦ ଟଙ୍କା ଭତ୍ତାକୁ ଚାହିଁ ବସିଛନ୍ତି। ବିଡ଼ମ୍ବନା ହେଉଛି ୩୦୦୦ ଟଙ୍କା ଭତ୍ତା ତ ଦୂରର କଥା; ପୂର୍ବ ସରକାର ସମୟରେ ପ୍ରଚଳିତ ୧୦୦୦ ଟଙ୍କା ଭତ୍ତା ବି ସେମାନଙ୍କୁ ନିୟମିତ ମିଳୁନାହିଁ। ଅନ୍ୟପକ୍ଷରେ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟ କେବଳ ଘୋଷଣାରେ ଅଟକି ଯାଇଛି।

ବିଜେପିର ନିର୍ବାଚନୀ ସଂକଳ୍ପରେ ରାଜ୍ୟର ବରିଷ୍ଠ ନାଗରିକଙ୍କ ପାଇଁ ଦୁଇ ପ୍ରକାର ଭତ୍ତା ଘୋଷଣା ହୋଇଥିଲା। ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ପାଇଁ ମାସିକ ୩୫୦୦ ଟଙ୍କା ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପାଇଁ ମାସିକ ୩୦୦୦ ଟଙ୍କା ଭତ୍ତା ଦେବାକୁ ନିର୍ବାଚନ ସମୟରେ

**ବିଜେପି ସରକାର ଏଯାଏ ପୂରଣ କଲେ ନାହିଁ ନିର୍ବାଚନ ପ୍ରତିଶ୍ରୁତି**

ପ୍ରତିଶ୍ରୁତି ଦିଆଯାଇଥିଲା। ରାଜ୍ୟରେ ସରକାର ଗଠନର ପ୍ରାୟ ବର୍ଷକ ପରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପାଇଁ ବର୍ଦ୍ଧିତ ଭତ୍ତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେଲା; ମାତ୍ର ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ଘୋଷିତ ୩୦୦୦ ଟଙ୍କା ଭତ୍ତା ଏଯାଏ ମିଳିନାହିଁ। ଏଥିନେଇ ବିଭିନ୍ନ ସମୟରେ ସରକାରଙ୍କୁ ବିରୋଧୀ ଘେରୁଛନ୍ତି, ବରିଷ୍ଠ ନାଗରିକ ମାନେ ଦାବି କରୁଛନ୍ତି; ତଥାପି ଏହି ରାଶି ପ୍ରଦାନ କରିବାରେ ସରକାର ଅସମର୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରମ କରିଥିଲେ ବି ସାମାଜିକ ସଶକ୍ତିକରଣ ବିଭାଗ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଥିବା ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ୨୦୨୪ ମସିହାରେ ସାମାଜିକ ସଶକ୍ତିକରଣ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ସେଲ୍ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥାର ଡୋମେନ ଏକ୍ସପର୍ଟ(ବିଶେଷଜ୍ଞ) ସଦସ୍ୟ ରହିବେ ଓ ସେମାନେ ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବୃଦ୍ଧାଶ୍ରମଗୁଡ଼ିକର ନିରୀକ୍ଷଣ କରିବା ନିମନ୍ତେ ଯୋଜନା ହୋଇଥିଲା। ବୃଦ୍ଧାଶ୍ରମରେ ରହୁଥିବା ବରିଷ୍ଠ ନାଗରିକଙ୍କ ମାନସିକ ସ୍ୱସ୍ଥତା ସହ ମାନସିକ ଶାନ୍ତି ପାଇଁ ବିଭିନ୍ନ ଆଧ୍ୟାତ୍ମିକ, ପ୍ରେରଣାଦାୟୀ(ମୋଟିଭେସନାଲ) କାର୍ଯ୍ୟକ୍ରମ/ସମାବେଶ ଆୟୋଜନ କରାଯିବା ଲକ୍ଷ୍ୟ ରହିଥିଲା। ସେହିପରି ରାଜ୍ୟରେ ▶ପୃଷ୍ଠା-୭


MAHARAJA SRIRAM CHANDRA BHANJA DEO UNIVERSITY
(Erstwhile North Orissa University)
Sriram Chandra Vihar, Takatpur, Baripada, Odisha - 757003
https://mscbu.ac.in
NAAC – ‘A’



Admissions through CPET-2026 (SAMS), OJEE-2026 (MCA & MBA) and 3 Year Integrated B.Ed.-M.Ed. Entrance (SAMS)

Courses offered

Regular Courses
- M. A. in Odia
- M. A. in Santali
- M. A./ M. Sc. in Mathematics
- Master of Computer Application (MCA)
- M. Sc. in Computer Science
- Master of Business Administration (MBA)
- M. A. in Economics
- M. A./M. Sc. in Anthropology & Tribal Studies
- Master of Social Work (MSW)
- M. Sc. in Chemistry
- M. Sc. in Physics
- M. Sc. in Botany
- M. Sc. in Biotechnology
- M. Sc. in Wildlife & Biodiversity Conservation
- M. Sc. in Zoology
- M. A. in Education
- Integrated B.Ed.-M.Ed. (3 Yrs)

Self-Financing Courses
- M. A. in English
- M. A. in Sanskrit
- M. A. in History
- M. A. in Political Science
- M.A./ M.Sc. in Yoga and Naturopathy
- M.Sc. in Remote Sensing & GIS
- M. Sc. in Geology
- Master of Library & Information Science (MLIS)
- Master of Commerce

Self-Financing Courses offered at School of Information Technology at Rairangpur under MSCB University
- B.Sc. in Computer Science
- M.Sc. in Computer Science
- Master of Computer Application (MCA)

Multidisciplinary Education & Research University (MERU) under PM-USHA

Facilities
- NEP 2020 oriented Academic Calendar
- Timely Publication of Results
- Modern Curriculum
- ICT Enabled Classrooms
- Effective Teaching Methods
- Comprehensive Student-Insurance Coverage
- Career-Oriented Programmes
- Ragging-Free Campus
- Broad Research Partnerships
- Emphasis on Indian Knowledge Systems
- Indigenous Studies
- Top-Tier Facilities
- Centre for Similipal Studies
- Instrumentation Centre
- Central Library
- One-Nation One-Subscription Journals
- Teach Mayurbhanj Programme
- National Service Scheme
- Museums and Animal Room
- Sacred Grove
- Media Centre
- Campus-Wide CCTV Coverage
- Wi-Fi Campus (1 Gbps + 500 Mbps)
- Outdoor and Indoor Stadium
- Separate Gym for Boys and Girls
- 6 Hostels with 750 seats

Distance Courses offered at Centre for Distance & Online Education (CDOE)
- M. A. in English
- M. A. in Economics
- M. A. in Sanskrit
- M. A. in Odia
- Master of Social Work (MSW)
- M.A. in Education
- M.A. in Santali
- M.A. in Anthropology & Tribal Studies
- M.A. in Political Science
- M.A. in History
- Master of Commerce
- Master of Library & Information Sciences (MLIS)

mscb_university   Mscb Baripada   mscb_official

# ଦୁଇ ନାବାଳକ ଛାତ୍ରଙ୍କ ଜଘନ୍ୟକାଣ୍ଡ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଛୁରା ମାରି ହତ୍ୟା


ହାଇଦରାବାଦ୍, ୨୦।୮ (ଏଜେନ୍ସି): ତେଲଙ୍ଗାନାର ନାଲଗୋଣ୍ଡା ଜିଲ୍ଲାରୁ ଏକ ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଜଘନ୍ୟ ଘଟଣା ସାମ୍ନାକୁ ଆସିଛି। ଜଣେ ୪୮ ବର୍ଷୀୟା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତଥା ନିର୍ଦ୍ଦେଶିକା କଲ୍ଲୁ ରୂପା ରେଡ୍ଡୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରିଛି। ଟଙ୍କା ଏବଂ ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଦୁଇଜଣ ନାବାଳକ ଛାତ୍ର ଏହି ଜଘନ୍ୟକାଣ୍ଡ ଘଟାଇଥିବା ଜଣାପଡ଼ିଛି। ଗତ ଅଗଷ୍ଟ ୧୨ ତାରିଖ ସକାଳେ ରୂପା ରେଡ୍ଡୀଙ୍କ ରକ୍ତାକ୍ତ ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଥିଲା। ଦୁଇ ଜଣ ନାବାଳକ ଛାତ୍ର ତାଙ୍କୁ ୨୭ ଥର ଛୁରାମାଡ଼ କରି ହତ୍ୟା କରିଥିଲେ। ଏହାପରେ ସେମାନେ ଫେରାର ହୋଇଯାଇଥିଲେ। ମୃତ୍ୟୁ ପୂର୍ବରୁ ପ୍ରଧାନଶିକ୍ଷୟିତ୍ରୀ ଜଣକ ତାଙ୍କ ପିଉସୀଙ୍କ ସହ କଥା ହେଲାବେଳେ ଶେଷରେ 'ବାବୁ' ଶବ୍ଦ ବ୍ୟବହାର କରିଥିଲେ, ଯାହାକି ପୁଲିସକୁ ଅପରାଧୀଙ୍କ ପାଖରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲା।

ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଛାତ୍ରମାନେ ପ୍ରଚୁର ଟଙ୍କା ଖର୍ଚ୍ଚ କରି ପାର୍ଟି କରିବା ଏବଂ ଗୋଆ ବୁଲିବାକୁ ଯିବା ସେମାନଙ୍କୁ ପୁଲିସ ଆଗରେ ପଦାରେ ପକାଇ ଦେଇଥିଲା। ପୂର୍ବରୁ ହଷ୍ଟେଲ ବ୍ୟାଗରୁ ଟଙ୍କା ଏବଂ ମୋବାଇଲ୍ ମିଳିବା କାରଣରୁ ରୂପା ରେଡ୍ଡୀ ସେମାନଙ୍କୁ କଡ଼ା ଚେତାବନୀ ଦେଇ ହଷ୍ଟେଲରୁ ବାହାର କରିଦେଇଥିଲେ, ଯାହାଫଳରେ ସେମାନେ ପ୍ରତିଶୋଧପରାୟଣ ହୋଇଯାଇଥିଲେ। ପୁଲିସ ଅଭିଯୁକ୍ତମାନଙ୍କଠାରୁ ଲୁଟ୍ ହୋଇଥିବା ଟଙ୍କା, ଆଇଫୋନ୍ ଏବଂ ମୃତକଙ୍କ ମୋବାଇଲ୍ ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଏହି ଘଟଣା ଶିକ୍ଷାନୁଷ୍ଠାନ ଏବଂ ଛାତ୍ରସମାଜକୁ ସ୍ତବ୍ଧ କରିଦେଇଛି। କମ୍ ବୟସରେ ଅର୍ଥ ଏବଂ ବିଳାସପୂର୍ଣ୍ଣ ଜୀବନ ପାଇଁ ପିଲାମାନେ କିପରି ଅପରାଧର ପଥ ଆପଣାଉଛନ୍ତି, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ପୁଲିସ ଏହି ମାମଲାରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।



## ଭାରତ ଆସିପାରନ୍ତି ଜିନପିଙ୍ଗ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ଆଗାମୀ ସେପ୍ଟେମ୍ବର ମାସରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତ ଗସ୍ତରେ ଆସିପାରନ୍ତି। ଯଦି ଏହି ଗସ୍ତ ଚୂଡ଼ାନ୍ତ ହୁଏ, ତେବେ



୨୦୧୯ ଅକ୍ଟୋବର ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଆସନ୍ତା ସେପ୍ଟେମ୍ବର ୧୨ ଏବଂ ୧୩ ତାରିଖରେ ନୂଆଦିଲ୍ଲୀରେ ଏହି ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଏହି ସମ୍ମିଳନୀରେ ଯୋଗଦେବା ନେଇ ଆନୁଷ୍ଠାନିକ ଭାବେ ସ୍ପଷ୍ଟ ହୋଇସାରିଛି। ଏହି ସମ୍ମିଳନୀରେ ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ଅଛି, ଯେଉଁଥିରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ଏବଂ ସୀମା ବିବାଦ ମୁଖ୍ୟ ପ୍ରସଙ୍ଗ ରହିବ। ଚଳିତ ବର୍ଷ ଭାରତ ବ୍ରିକ୍ସର ଅଧ୍ୟକ୍ଷତା କରୁଥିବାରୁ ଏହି ବୈଠକର ଗୁରୁତ୍ୱ ବହୁତ ଯଥେଷ୍ଟ ବଢ଼ିଯାଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଧୀରେ ଧୀରେ ସୁଧାର ଆସୁଥିବାବେଳେ, ଏହି ଶିଖର ସମ୍ମିଳନୀ କୂଟନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।



## ଫକରୁଲ ଇସଲାମ ବାଂଲାଦେଶର ନୂଆ ରାଷ୍ଟ୍ରପତି

ଢାକା, ୨୦।୮ (ଏଜେନ୍ସି): ବାଂଲାଦେଶର ୨୩ତମ ରାଷ୍ଟ୍ରପତି ଭାବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ବରିଷ୍ଠ ନେତା ମିର୍ଜା ଫଖରୁଲ ଇସଲାମ ଆଲମଗୀର ନିର୍ବାଚିତ ହୋଇଛନ୍ତି। ସଂସଦରେ ଗୁରୁବାର ହୋଇଥିବା ନିର୍ବାଚନରେ ସେ ୨୫୫ଟି ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଓଲି ଅହମଦ ୮୮ଟି ଭୋଟ ପାଇଥିଲେ। ମୋଟ ୩୪୯ ଜଣ ସାଂସଦ ଭୋଟ ଦେବାକୁ ଯୋଗ୍ୟ ଥିବାବେଳେ ୩୪୩ ଜଣ ଭୋଟ ଦେଇଥିଲେ। ମୁଖ୍ୟ ନିର୍ବାଚନ କମିଶନର ଏଏମ୍ଏମ୍ ନାସିର ଉଦ୍ଦିନ ଆଲମଗୀରଙ୍କୁ ବିଜୟୀ ଘୋଷଣା କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ବାଂଲାଦେଶର ରାଷ୍ଟ୍ରପତି ନିର୍ବାଚନରେ ଏକାଧିକ ପ୍ରାର୍ଥୀ ମଇଦାନରେ ଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ଆଲମଗୀର ବିଏନ୍ପିର ମହାସଚିବ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ଜୁଲାଇ ୨୪ରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦରୁ ଇସ୍ତଫା ଦେବା ପରେ ନୂଆ ରାଷ୍ଟ୍ରପତି ନିର୍ବାଚନର ଆବଶ୍ୟକତା ପଡ଼ିଥିଲା। ବିଏନ୍ପିର ସାଂଗଠନିକ ନେତୃତ୍ୱରୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦକୁ ମିର୍ଜା ଫଖରୁଲଙ୍କ ଉତ୍ଥାନ ବାଂଲାଦେଶ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି।

## ପତ୍ନୀ, ଭଉଣୀକୁ ଗୁଳି କରି ବ୍ୟାଙ୍କ କର୍ମଚାରୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୨୦।୮ (ଏଜେନ୍ସି): ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାରିବାରିକ ବିବାଦ ଏବଂ ବୈବାହିକ କଳହରୁ ଜଣେ ବ୍ୟାଙ୍କ କର୍ମଚାରୀ ପ୍ରଥମେ ନିଜ ପତ୍ନୀଙ୍କୁ ବ୍ୟାଙ୍କ ସାମନାରେ ଗୁଳି କରି ହତ୍ୟା କରିଥିଲେ ଏବଂ ପରେ ନିଜ ଭଉଣୀକୁ ହତ୍ୟା କରି ନିଜେ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମାନସ ବାଜପେୟୀ ନାମକ ଜଣେ ବ୍ୟକ୍ତି ଗୋମତୀ ନଗର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ବାହାରକୁ ଆସି ତାଙ୍କ ପତ୍ନୀ ତଥା ବ୍ୟାଙ୍କର ସହକାରୀ। ହତ୍ୟାକାଣ୍ଡ ପରେ ମାନସ ଏକ ହ୍ୱାଟ୍ସଆପ୍ ଷ୍ଟାଟସ୍ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ପତ୍ନୀଙ୍କ ପ୍ରତାରଣା କଥା ଉଲ୍ଲେଖ କରି ନିଜେ ଏବଂ ନିଜ ଭଉଣୀକୁ ମଧ୍ୟ ମାରିଦେବେ ବୋଲି ଲେଖିଥିଲେ। ପତ୍ନୀଙ୍କୁ ହତ୍ୟା କରିବା ପରେ ମାନସ ତାଙ୍କ ଭଡ଼ା ଘରକୁ ଫେରିଥିଲେ ଏବଂ ସେଠାରେ ନିଜ ସାନ ଭଉଣୀ ତୁଳିକାଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜକୁ ମଧ୍ୟ ଗୁଳି କରି ଜୀବନ ହାରିଥିଲେ। ପୁଲିସ ଘଟଣାସ୍ଥଳରୁ ମୃତଦେହଗୁଡ଼ିକୁ ଜବତ କରିବା ସହ ସେମାନଙ୍କର ପାରିବାରିକ ବିବାଦ ଏବଂ ଛାଡ଼ପତ୍ର ମାମଲାକୁ ନେଇ ବିସ୍ତୃତ ତଦନ୍ତ ଜାରି ରଖିଛି।

## ଲିଙ୍ଗ ନିରୂପଣ ମାମଲାରେ ପୁଲିସ ମାମଲା ରୁଜୁ କରିପାରିବ ନାହିଁ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ଗର୍ଭଧାରଣ ପୂର୍ବ ଏବଂ ପ୍ରସବପୂର୍ବ ନିରାକରଣ କୌଶଳ ଆଇନ ଅଧୀନରେ ଲିଙ୍ଗ ନିରୂପଣ ସମ୍ବନ୍ଧୀୟ ମାମଲାଗୁଡ଼ିକରେ ପୁଲିସ ସିଧାସଳଖ ମାମଲା ରୁଜୁ କିମ୍ବା ତଦନ୍ତ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ଏନ୍କେ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଏହି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କେବଳ ନିଯୁକ୍ତ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ହିଁ ନିଆଯିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପୁଲିସ ସିଧାସଳଖ ହସ୍ପିଟାଲ କିମ୍ବା ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକରେ ଚଢ଼ାଉ କିମ୍ବା ତଦନ୍ତ କରିପାରିବ ନାହିଁ। କେବଳ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ସହାୟତା କରାଯାଇପାରିବ। ଏହି ଆଇନ ମାଧ୍ୟମରେ ସ୍ତ୍ରୀ ଭ୍ରୂଣହତ୍ୟାକୁ ରୋକିବା ଏବଂ ଦେଶରେ ହ୍ରାସ ପାଉଥିବା ଲିଙ୍ଗାନୁପାତକୁ ସନ୍ତୁଳିତ କରିବା ଲକ୍ଷ୍ୟ ରଖାଯାଇଛି। ଡାକ୍ତରୀ ଜ୍ଞାନ ଏବଂ ସମ୍ବେଦନଶୀଳତାକୁ ଆଖି ଆଗରେ ରଖି ଏହି ମାମଲାଗୁଡ଼ିକର ତଦନ୍ତ ପାଇଁ ସ୍ୱତନ୍ତ୍ର କର୍ତ୍ତୃପକ୍ଷଙ୍କୁ କ୍ଷମତା ଦିଆଯାଇଛି, ଯାହାଦ୍ୱାରା ଡାକ୍ତର କିମ୍ବା ଚିକିତ୍ସାଳୟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବେ ଗ୍ରହଣ କରାଯାଇପାରିବ।

# ଶ୍ରୀଲଙ୍କା ଗଣକବରରୁ ମିଳିଲା ୫୮୨ କଙ୍କାଳ



ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ଶ୍ରୀଲଙ୍କାର ଏକ ଗଣକବରରୁ ଶିଶୁ ଏବଂ ନବଜାତକଙ୍କ ସମେତ ମୋଟ ୫୮୨ଟି ମାନବ କଙ୍କାଳ ଉଦ୍ଧାର କରାଯାଇଛି। ଦେଶର ଗୃହ ଯୁଦ୍ଧ ସମୟରେ ନିଖୋଜ ହୋଇଯାଇଥିବା ସାଧାରଣ ନାଗରିକମାନଙ୍କର ଏହା ଅବଶେଷ ବୋଲି ସନ୍ଦେହ କରାଯାଉଛି। ଶ୍ରୀଲଙ୍କାର

**■ ଶିଶୁଙ୍କ ଦେହାବଶେଷ ମଧ୍ୟ ରହିଛି**
**■ ଖେଳନା ଏବଂ ସ୍କୁଲ ବ୍ୟାଗ୍ ମିଳିଛି**

ଜାଫନା ନିକଟସ୍ଥ ଚେମାନୀ ଅଞ୍ଚଳରେ ଚାଲିଥିବା ଖନନ କାର୍ଯ୍ୟରୁ ଏହି କଙ୍କାଳଗୁଡ଼ିକ ମିଳିଛି। ଏହା ପୂର୍ବରୁ ଗତ ବର୍ଷ ଏହି ସ୍ଥାନରୁ ୨୪୦ଟି କଙ୍କାଳ ଉଦ୍ଧାର କରାଯାଇଥିଲା। କବରରୁ କଙ୍କାଳ ସହିତ ଛୋଟ ପିଲାଙ୍କ ଖେଳନା, କ୍ଷୀର ବୋତଲ, ସ୍କୁଲ ବ୍ୟାଗ୍, ଜୋତା ଏବଂ ଚୁଡ଼ି ଆଦି ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଗୋଟିଏ କଙ୍କାଳର ହାତ ଦୁଇଟି ଛାତିରେ ବନ୍ଧା ହୋଇଥିବା ଦେଖିବାକୁ ମିଳିଛି।

ଶ୍ରୀଲଙ୍କା ସରକାରୀ ସେନା ଏବଂ ତାମିଲ ବିଦ୍ରୋହୀ (ଏଲଟିଟିଇ) ମଧ୍ୟରେ ୧୯୮୩ ମସିହାରୁ ଆରମ୍ଭ ହୋଇଥିବା ଏହି ଭୀଷଣ ଯୁଦ୍ଧରେ ଏକ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଲୋକ ନିଖୋଜ ହୋଇଯାଇଥିଲେ। ଏହି ଗଣକବରର ଖନନ ଏବଂ ତଦନ୍ତ ପାଇଁ ଶ୍ରୀଲଙ୍କା ସରକାର ପ୍ରାୟ ୪୭, ୦୦୦ ପାଉଣ୍ଡ (୬୨ ଲକ୍ଷ ଭାରତୀୟ ଟଙ୍କା) ଅର୍ଥ ଆବଣ୍ଟନ କରିଛନ୍ତି। ଦଶନ୍ଧି ଧରି ଚାଲିଥିବା ଏହି ଯୁଦ୍ଧର କରୁଣ ସ୍ମୃତି ଏବଂ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସତ ସାମ୍ନାକୁ ଆଣିବା କ୍ଷେତ୍ରରେ ଏହି ଗଣକବରର ଆବିଷ୍କାର ଏକ ବଡ଼ ଘଟଣା ପାଲଟିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ସରକାରୀ ସେନା ତାମିଲ ସଂପ୍ରଦାୟର ଲୋକଙ୍କୁ ହତ୍ୟାଶ କରି ଏଠାରେ ପୋତି ଦେଇଥିବା ସନ୍ଦେହ କରାଯାଉଛି।

## ଝାଡ଼ଖଣ୍ଡ ଜେପିଏସ୍ସି ପରୀକ୍ଷା ବାତିଲ୍ ଉପରେ ହାଇକୋର୍ଟଙ୍କ ରୋକ

ରାଞ୍ଚି, ୨୦।୮ (ଏଜେନ୍ସି): ଝାରଖଣ୍ଡ ସରକାରଙ୍କ ଦ୍ୱାରା ଜେପିଏସସି ଏବଂ ଜେଏସଏସସି ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକୁ ବାତିଲ୍ କରାଯିବା ନିଷ୍ପତ୍ତି ଉପରେ ଝାରଖଣ୍ଡ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ଏହି ନିର୍ଦ୍ଦେଶ ଦ୍ୱାରା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ବଡ଼ ଆଶ୍ୱସ୍ତି ପାଇଛନ୍ତି। କୋର୍ଟ ୧୧ରୁ ୧୩ତମ ଜେପିଏସସି



ପରୀକ୍ଷା ଏବଂ ଖାଦ୍ୟ ସୁରକ୍ଷା ଅଧିକାରୀ ପରୀକ୍ଷା ବାତିଲ୍ ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି ଏବଂ ସରକାରଙ୍କୁ ୧୫ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ବଳେ ପୀଡ଼ିତ ପ୍ରାର୍ଥୀମାନେ ତୁରନ୍ତ ସେମାନଙ୍କ କାମକୁ ଫେରିବା ପାଇଁ ଅନୁମତି ପାଇଛନ୍ତି। ନିକଟରେ ବିଭିନ୍ନ ଅନିୟମିତତା ଅଭିଯୋଗକୁ ନେଇ ପ୍ରାର୍ଥୀମାନଙ୍କର ଲମ୍ବା ଆନ୍ଦୋଳନ ପରେ ସରକାର ପରୀକ୍ଷାଗୁଡ଼ିକୁ ବାତିଲ୍ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ବିରୁଦ୍ଧରେ ସଫଳ ପ୍ରାର୍ଥୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାର ଏହି ମାମଲାରେ ଏକ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବା ଏବଂ କମିଶନଗୁଡ଼ିକରେ ଆଭ୍ୟନ୍ତରୀଣ ସତର୍କତା କୋଷ ଗଠନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଯୋଗ୍ୟତା ଭିତ୍ତିରେ ଚାକିରି ପାଇଥିବା ପ୍ରାର୍ଥୀମାନେ ଏହି ନିଷ୍ପତ୍ତି ଦ୍ୱାରା ସୁରକ୍ଷା ପାଇଛନ୍ତି। ପରୀକ୍ଷାଗୁଡ଼ିକରେ ହୋଇଥିବା କଥିତ ଅନିୟମିତତାକୁ ନେଇ ସିଆଇଡି ତଦନ୍ତ ମଧ୍ୟ ଜୋରଦାର କରାଯାଇଛି।

# ସିଆରପିଏଫ୍‌ରେ କାହିଁକି ବଢୁଛି ଆତ୍ମହତ୍ୟା ମାମଲା?



**ଅନୁଧ୍ୟାନ ପାଇଁ ଗଠନ ହେଲା କୋର କମିଟି**

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): କେନ୍ଦ୍ରୀୟ ସଂରକ୍ଷିତ ପୁଲିସ ବଳ (ସିଆରପିଏଫ୍)ରେ କର୍ମଚାରୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଆତ୍ମହତ୍ୟା ଏବଂ ନିଜକୁ କ୍ଷତି ପହଞ୍ଚାଇବା ଭଳି ଘଟଣାକୁ ରୋକିବା ପାଇଁ ଏକ ବରିଷ୍ଠ କମିଟି ଗଠନ କରାଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ ସଂଖ୍ୟକ କର୍ମଚାରୀ ଜୀବନ ହାରିବା ପରେ ବାହିନୀ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ପ୍ରାୟ ୩.୨୫ ଲକ୍ଷ କର୍ମଚାରୀ ଥିବା ସିଆରପିଏଫ୍‌ରେ କେବଳ ୨୦୨୫ ମସିହାରେ ୫୯ ଜଣ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି, ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ। ବାହିନୀର ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ୧୦ ଜଣିଆ ବରିଷ୍ଠ ଅଧିକାରୀଙ୍କ କମିଟି ଗଠନ କରାଯାଇଛି, ଯାହା ପ୍ରତି ମାସରେ ଥରେ ବୈଠକ କରି ଏହି ମାମଲାଗୁଡ଼ିକର ବିସ୍ତୃତ ସମୀକ୍ଷା କରିବ। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜାତୀୟ ମାନବାଧିକାର ଆୟୋଗ ଗତ ଅଗଷ୍ଟ ୧୪ ତାରିଖରେ କେନ୍ଦ୍ର ଗୃହ ସଚିବ ଏବଂ ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ପଠାଇ ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ସାମ୍ନାକୁ ଆସିଥିବା ତଥ୍ୟ ଅନୁଯାୟୀ, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୭୭ ପ୍ରତିଶତରୁ ଅଧିକ ଘଟଣା ଡ୍ୟୁଟିରେ ଥିବା ସମୟରେ ଘଟିଛି। ଲମ୍ବା ସମୟ ଧରି ଘରଠାରୁ ଦୂରରେ ରହିବା, କଠିନ ସେବା ଏବଂ ପାରିବାରିକ ସମସ୍ୟା ଯୋଗୁଁ କର୍ମଚାରୀମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ଏହି ନୂତନ କମିଟି କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରାଯାଉଛି।



## ନବଜାତ ଶିଶୁକୁ ଧରି ବିଧାନସଭାରେ ବିଧାୟିକା

ଚେନ୍ନାଇ, ୨୦।୮ (ଏଜେନ୍ସି): ତାମିଲନାଡୁ ବିଧାନସଭାର ଚଳିତ ଅଧିବେଶନରେ ଏକ ଭିନ୍ନ ପ୍ରକାରର ଦୃଶ୍ୟ ଦେଖିବାକୁ ମିଳିଛି। ଟିଭିକେ ଦଳର ପ୍ରଥମ ଥର ପାଇଁ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ଆର୍ ପଲ୍ଲବୀ ତାଙ୍କ ନବଜାତ ଶିଶୁକୁ ସାଙ୍ଗରେ ଧରି ବିଧାନସଭାକୁ ଆସିଛନ୍ତି, ଯାହାକୁ ନେଇ ସୋସିଆଲ ମିଡ଼ିଆରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ମଧ୍ୟ ପଲ୍ଲବୀ ତାଙ୍କ ଶିଶୁକୁ ଧରି ମୁଖ୍ୟମନ୍ତ୍ରୀ ସି ବିଜୟ ଜୋସେଫ୍ ବିଜୟଙ୍କୁ ଭେଟିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଶିଶୁଟିକୁ ଆଶୀର୍ବାଦ କରିଥିଲେ। ଶିଶୁକୁ ଧରି ବିଧାନସଭା ଆଣିବାକୁ ନେଇ କିଛି ଲୋକ ସୋସିଆଲ ମିଡ଼ିଆରେ ତାଙ୍କୁ ସମାଲୋଚନା କରିଥିବା ବେଳେ, ସେ ନବଜାତ ଶିଶୁକୁ ଘରେ ଏକାକୀ ଛାଡ଼ିବା ଅସମ୍ଭବ ବୋଲି କହି ସମାଲୋଚକଙ୍କୁ କଡ଼ା ଜବାବ ଦେଇଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପଲ୍ଲବୀ ବିଜୟୀ ହୋଇଥିଲେ।

## ନିଟ୍, ସୀମା ନିର୍ଦ୍ଧାରଣକୁ ବିରୋଧ କଲେ ଦକ୍ଷିଣ ଭାରତୀୟ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଦକ୍ଷିଣାଞ୍ଚଳ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇ ନିଟ୍ ପରୀକ୍ଷା ଉଚ୍ଛେଦ, ନ୍ୟାୟସଙ୍ଗତ କେନ୍ଦ୍ରୀୟ ପାଣ୍ଠି ଆବଣ୍ଟନ ଏବଂ ଆସନ ପୁନଃନିର୍ଦ୍ଧାରଣ ସମୟରେ ରାଜ୍ୟଗୁଡ଼ିକର ସ୍ୱାର୍ଥର ସୁରକ୍ଷା ପାଇଁ ଦାବି ଜଣାଇଛନ୍ତି। ଗ୍ରାମାଞ୍ଚଳ ଏବଂ ଅବହେଳିତ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନେ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି, ସେଥିପାଇଁ ରାଜ୍ୟଗୁଡ଼ିକୁ ଏହି ଜାତୀୟ ପ୍ରବେଶିକା ପରୀକ୍ଷାରୁ ବାଦ୍ ଦେବାକୁ ଦାବି କରାଯାଇଛି। ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ରାଜ୍ୟଗୁଡ଼ିକୁ ଆସନ ସଂଖ୍ୟା ହ୍ରାସ କିମ୍ବା ଆର୍ଥିକ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ନେତାମାନେ ମତ ରଖିଛନ୍ତି। କେନ୍ଦ୍ର ସରକାରୀ ପାଣ୍ଠିର ସମାନ ଆବଣ୍ଟନ, ମହିଳା ସଂରକ୍ଷଣ ବିଧେୟକର କାର୍ଯ୍ୟକାରିତା ଏବଂ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ପାଇଁ ମଧ୍ୟ ଆଲୋଚନା ହୋଇଛି। ଦ୍ରୁତଗାମୀ ରେଳ କରିଡର ଭଳି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ତ୍ୱରାନିତ କରିବାକୁ ଦାବି କରାଯାଇଛି। କେନ୍ଦ୍ର ଏବଂ ଦକ୍ଷିଣ ରାଜ୍ୟଗୁଡ଼ିକ ମଧ୍ୟରେ ସହଯୋଗପୂର୍ଣ୍ଣ ବିକାଶ ଜାରି ରଖିବା ସହିତ ଆଞ୍ଚଳିକ ପ୍ରାଥମିକତାଗୁଡ଼ିକୁ ସମାଧାନ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିଛି ରାଜ୍ୟ କେନ୍ଦ୍ର ସହ ମିଳିମିଶି କାମ କରିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ ଅନ୍ୟମାନେ ନିଜର ସ୍ୱତନ୍ତ୍ର ଦାବିକୁ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।

## ଯାଦବପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ସଂଘର୍ଷ

କୋଲକାତା, ୨୦।୮ (ଏଜେନ୍ସି): କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ବୁଧବାର ବିଳମ୍ବିତ ରାତିରେ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ ଉଗ୍ର ରୂପ ନେଇଛି। ପଥରମାଡ଼, ଅଗ୍ନିକାଣ୍ଡ, ଭଙ୍ଗାରୁଜା ଓ ଆହତ ଘଟଣା ପରେ ପରିସ୍ଥିତି ଭୟାବହ ହୋଇପଡ଼ିଥିଲା। ଏକ ଛାତ୍ର ବୈଠକକୁ ନେଇ ବିବାଦରୁ ଘଟଣାର ଆରମ୍ଭ ହୋଇଥିବା ଜଣାପଡ଼ିଛି। ବାମପନ୍ଥୀ ଛାତ୍ର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥକମାନେ ବାଉଁଶ ଠେଙ୍ଗା ଧରି ବୈଠକରେ ପ୍ରବେଶ କରି ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ, ପରିଷଦ ଏହି ଅଭିଯୋଗକୁ ଖଣ୍ଡନ କରି ବାମପନ୍ଥୀ ସଂଗଠନଗୁଡ଼ିକ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ କରିଛି। ପରେ ବିବାଦ କ୍ୟାମ୍ପସର ଅନ୍ୟ ଅଞ୍ଚଳକୁ ବ୍ୟାପିଥିଲା। ବହୁ ସଂଖ୍ୟକ ଲୋକ କ୍ୟାମ୍ପସରେ ପହଞ୍ଚିଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଉତ୍ତେଜନା ବଢ଼ିବାରୁ କିଛି ଛାତ୍ର ଅରବିନ୍ଦ ଭବନ ଭିତରେ ଆଶ୍ରୟ ନେଇଥିଲେ। ବାହାରେ ନିଆଁ ଜଳୁଥିବା, ପଥରମାଡ଼ ହେଉଥିବା ଓ ଫାଟକ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣାରେ ଅନେକ ଛାତ୍ର ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ରାତି ପ୍ରାୟ ୩ଟା ବେଳକୁ ଭିଡ଼ ଛିନ୍ନଭିନ୍ନ ହେବା ପରେ ପରିସ୍ଥିତି ଧୀରେଧୀରେ ଶାନ୍ତ ହୋଇଥିଲା। ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି।

## ପାରସ୍ୟ ଉପସାଗରରେ ସୈନ୍ୟ ସଂଖ୍ୟା ହ୍ରାସ କରିପାରେ ଆମେରିକା

ୱାସିଂଟନ୍, ୨୦।୮ (ଏଜେନ୍ସି): ଇରାନ ସହିତ ଚାଲିଥିବା ଯୁଦ୍ଧ ଏବଂ ସାମରିକ ଘାଟିଗୁଡ଼ିକର କ୍ଷତିକୁ ଦୃଷ୍ଟିରେ ରଖି ଆମେରିକା ପାର୍ସୀୟ ଉପସାଗରୀୟ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତି ଏବଂ ସୈନ୍ୟସଂଖ୍ୟା ହ୍ରାସ କରିବା ନେଇ ବିଚାର କରୁଛି। ବର୍ତ୍ତମାନ ଆମେରିକାର ପ୍ରାୟ ୪୦, ୦୦୫ ସୈନିକ ଜୋର୍ଡାନଠାରୁ ଓମାନ ପର୍ଯ୍ୟନ୍ତ ପ୍ରାୟ ୨୦ଟି ସାମରିକ ଘାଟିରେ ମୁତୟନ ଅଛନ୍ତି।



ଯୁଦ୍ଧ ସମୟରେ ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ଆମେରିକାର ଅନେକ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ସୈନିକ ମୃତ୍ୟୁବରଣ କରିଛନ୍ତି। ଆକ୍ରମଣର ଆଶଙ୍କା କମାଇବା ପାଇଁ ସୈନ୍ୟ ଓ ଯାନ୍ତ୍ରିକ ଉପକରଣଗୁଡ଼ିକୁ ସାଉଦି ଆରବ, ଜୋର୍ଡାନ କିମ୍ବା ଇସ୍ରାଏଲ ଭଳି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ରହିଛି। ସେପ୍ଟେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ଏହି ଯୁଦ୍ଧରେ ଆମେରିକାର ଖର୍ଚ୍ଚ ପ୍ରାୟ ୩୭.୫ ଶହ କୋଟି ଡଲାରରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ଆମେରିକା ଦ୍ୱାରା ଉପସାଗରୀୟ ଅଞ୍ଚଳରେ ସୈନ୍ୟସଂଖ୍ୟା ହ୍ରାସ କରାଗଲେ ଏହା ମଧ୍ୟପ୍ରାଚ୍ୟର ସୁରକ୍ଷା ବ୍ୟବସ୍ଥା ଏବଂ କ୍ଷମତାର ସନ୍ତୁଳନକୁ ବଦଳାଇ ଦେଇପାରେ। ତଥାପି, ଆମେରିକା ଓ ଏହାର ସହଯୋଗୀ ଦେଶମାନଙ୍କ ମଧ୍ୟରେ ସାମରିକ ସହଯୋଗ ଜାରି ରହିବ।

## 'ମୋ ଯୌବନକୁ ନେଇ ସ୍ୱପ୍ନ ଦେଖନ୍ତୁ ନାହିଁ'

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାନାୱତ ଯୋଗ ଗୁରୁ ବାବା ରାମଦେବଙ୍କୁ ଏକ କଡ଼ା ଜବାବ ଦେଇଛନ୍ତି। ବାବା ରାମଦେବ ତାଙ୍କର



ଏକ ବିବାଦୀୟ ମନ୍ତବ୍ୟକୁ ସମାଲୋଚନା କରିବା ପରେ କଙ୍ଗନା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ତାଙ୍କୁ ଯୌବନ ବା ବେଡରୁମ୍ ନେଇ ଦିବାସ୍ୱପ୍ନ ନ ଦେଖିବାକୁ ପରାମର୍ଶ ଦେଇଛନ୍ତି। ବିଜେପି ସାଂସଦ କଙ୍ଗନା ରାନାୱତ କହିଛନ୍ତି ଯେ ତାଙ୍କର ବ୍ୟକ୍ତିତ୍ୱ ବାବା ରାମଦେବଙ୍କ ଅପେକ୍ଷା ବହୁତ ଭଲ। ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ କେବଳ ଗୁଜବ ଏବଂ ଅନୁମାନ ଆଧାରରେ କାହାରି ଚରିତ୍ର ନେଇ ମତ ଦିଆଯାଇପାରିବ ନାହିଁ। କଙ୍ଗନା ଆହୁରି ମଧ୍ୟ କହିଛନ୍ତି ଯେ ଅତିକମରେ ସୁପ୍ରିମକୋର୍ଟଙ୍କଠାରୁ ମିଥ୍ୟା ଦାବି ଏବଂ ଠକେଇ ଅଭିଯୋଗରେ ତାଙ୍କୁ କେବେ ମଧ୍ୟ ଭର୍ତ୍ସନା କରାଯାଇ ନାହିଁ। ତେଣୁ ତାଙ୍କୁ ଚରିତ୍ରର ପାଠ ପଢ଼ାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ବାବା ରାମଦେବ କଙ୍ଗନାଙ୍କ ଏକ ମନ୍ତବ୍ୟକୁ କଟାକ୍ଷ କରି ତାଙ୍କର ଅତୀତ ଏବଂ ଯୌବନକୁ ନେଇ ପ୍ରଶ୍ନ ଉଠାଇଥିଲେ। କଙ୍ଗନାଙ୍କର ଏହି କଡ଼ା ପ୍ରତିକ୍ରିୟା ସେହି ପ୍ରଶ୍ନର ଜବାବରେ ଆସିଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ରାଜନୈତିକ ଏବଂ ସାମାଜିକ ସ୍ତରରେ ବେଶ୍ ଚର୍ଚ୍ଚା ଜାରି ରହିଛି। ଉଭୟଙ୍କ ମଧ୍ୟରେ ଏହି ବୟାନବାଜି ସୋସିଆଲ ମିଡିଆରେ ଏକ ବଡ଼ ବିବାଦର ରୂପ ନେଇଛି।

**ଗାଁରେ ମିଳିବ ସହରୀ ସୁବିଧା**

## ପଞ୍ଚାୟତ ପାଇଁ ପାଣି ବର୍ଷା କରିବେ ସରକାର

ଭୁବନେଶ୍ୱର,୨୦।୮(ସମିସ): ଗାଁରେ ମିଳିବ ସହରୀ ସୁବିଧା। ପଞ୍ଚାୟତବାସୀଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। "ଗ୍ରାମ ସମ୍ପଦ କାର୍ଯ୍ୟକ୍ରମ" ଜରିଆରେ ପଞ୍ଚାୟତସ୍ତରରେ ଆଦର୍ଶ ଖେଳ ପଡ଼ିଆ, କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ପୋଖରୀ, ପାର୍କ, ପାଠାଗାର ଓ ଶ୍ମଶାନ ଭଳି ବିଭିନ୍ନ ଭିତ୍ତିଭୂମି ବିକଶିତ କରାଯିବ। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ପଞ୍ଚାୟତରେ କେଉଁ ପ୍ରକଳ୍ପର ଆବଶ୍ୟକତା ରହିଛି, ତାହା ଗ୍ରାମସଭା ମାଧ୍ୟମରେ ନିର୍ଦ୍ଧାରଣ କରାଯିବ। ଲୋକଙ୍କ ଆବଶ୍ୟକତା ଓ ପ୍ରସ୍ତାବ ଆଧାରରେ ବିଭିନ୍ନ ବିକାଶମୂଳକ କାମ କରିବାକୁ ନିଷ୍ପତ୍ତି ହେବ। ଏହା ମାଧ୍ୟମରେ ଗାଁରେ ମନୋରଞ୍ଜନ, କ୍ରୀଡ଼ା, ସାମାଜିକ କାର୍ଯ୍ୟ ଓ ସାର୍ବଜନୀନ ସୁବିଧାକୁ ଆହୁରି ସୁଦୃଢ଼ କରାଯିବ ବୋଲି ବିଭାଗ କହିଛି।

ଏହି କ୍ରମରେ ଗୁରୁବାର ବିଭାଗ ପକ୍ଷରୁ କୁହାଯାଇଛି। 'ଗ୍ରାମ ସମ୍ପଦ' ମାଧ୍ୟମରେ ମନୋରଞ୍ଜନ, ଶିକ୍ଷା, କ୍ରୀଡ଼ା, ଜଳ ସୁରକ୍ଷା, ଜୀବିକା, ସାମାଜିକ କାର୍ଯ୍ୟକ୍ରମ, ପରିବେଶ ସୁରକ୍ଷା ଭଳି ମୁଖ୍ୟ ଗ୍ରାମୀଣ ଆବଶ୍ୟକତାକୁ ପୂରଣ କରିବା ଏହି ଆଦର୍ଶ ସମ୍ପଦର ଯୋଜନା ପାଇଁ ଡିଜାଇନ୍, ମୂଲ୍ୟ ଆକଳନ, କାର୍ଯ୍ୟାନ୍ୱୟନ, ଗୁଣବତ୍ତା ନିୟନ୍ତ୍ରଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଏକ ଏସ୍ଓପି ଗ୍ରହଣ କରାଯାଇଛି। ଏଥିରେ ୭ଟି ଆଦର୍ଶ ସମ୍ପତ୍ତିର ଆନୁମାନିକ ନିର୍ମାଣ ଖର୍ଚ୍ଚ ଚୂଡ଼ାନ୍ତ କରାଯାଇଛି। ଆଦର୍ଶ ଖେଳ ପଡ଼ିଆ ପାଇଁ ୬୫.୭୫ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ ଲକ୍ଷ, ଆଦର୍ଶ ପୋଖରୀ/ଜଳାଶୟ ପାଇଁ ୩୪ ଲକ୍ଷ, ଆଦର୍ଶ ଶ୍ମଶାନ ୨୨ ଲକ୍ଷ, ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ ଲକ୍ଷ, ଆଦର୍ଶ ଗ୍ରାମୀଣ ହାଟ ପାଇଁ ୧୬.୫୦ଲକ୍ଷ, ଆଦର୍ଶ ପଞ୍ଚାୟତ ପାଠାଗାର ପାଇଁ, ୧୦ ଲକ୍ଷ ଟଙ୍କା ବ୍ୟୟ କରାଯିବ।

■ କଲ୍ୟାଣ ମଣ୍ଡପଠାରୁ ନିର୍ମାଣ ହେବ ଆଦର୍ଶ ଶ୍ମଶାନ
■ ଆଦର୍ଶ ହାଟ ପାଇଁ ସରକାର ଦେବେ ୧୬.୫୦ ଲକ୍ଷ

ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୬୦୩୨ ସ୍କୃଟ୍ ଅଞ୍ଚଳରେ ଆଦର୍ଶ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ଏଥିରେ ଦୁଇଟି ଗ୍ରୀନ୍ ରୁମ୍ ସହ ପେଣ୍ଡାଲର ବ୍ୟବସ୍ଥା ରହିବ। ନାଚ, ଗୀତ, ଡ୍ରାମା ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯାଇପାରିବ। ଭୋଜିଭାତ ପାଇଁ ମଧ୍ୟ ସୁବିଧା ରହିବ ଏବଂ ପଞ୍ଚାୟତ ପକ୍ଷରୁ ପାଣି ଯୋଗାଣ କରାଯିବ। ଆଦର୍ଶ ପୋଖରୀ ନିର୍ମାଣ ଓ ବିକାଶ ପାଇଁ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପୋଖରୀ ଚାରିପଟେ ପଥର ବନ୍ଧେଇ ସହ ପେଭର ବ୍ଲକ୍ ଲଗାଯିବ। ଏହା ସହ ଜିମ୍ ସାମଗ୍ରୀର ବ୍ୟବସ୍ଥା ମଧ୍ୟ ରହିବ। ଗାଁର ଶ୍ମଶାନର ଉନ୍ନତିକରଣ ପାଇଁ ସରକାର ୨୨ ଲକ୍ଷ ଟଙ୍କା ଦେବେ। ଶ୍ମଶାନର ଚାରିପଟେ ପାଚେରୀ ନିର୍ମାଣ କରାଯିବ। ଆଦର୍ଶ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପାର୍କରେ ଜିମ୍ ସହ ଲୋକଙ୍କ ବସିବା ପାଇଁ ସ୍ଥାନ ରହିବ। ଗ୍ରାମୀଣ ହାଟକୁ ମଧ୍ୟ ଆଦର୍ଶ ରୂପ ଦିଆଯିବ। ହାଟରେ ପାନୀୟ ଜଳର ବ୍ୟବସ୍ଥା ସହ ପ୍ରବେଶ ପାଇଁ ସୁନ୍ଦର ଗେଟ୍ ଓ ଆବଶ୍ୟକ ଭିତ୍ତିଭୂମି ବିକଶିତ କରାଯିବ। ପରିବେଶ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।

ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗ୍ରାମ ପଞ୍ଚାୟତରେ ୭୦୦ଟି ଗଛ ଲଗାଯିବ ବୋଲି ଯୋଜନା ରହିଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ପାଠକଙ୍କ ପାଇଁ ଆଦର୍ଶ ପାଠାଗାର ନିର୍ମାଣ କରାଯିବ। ଏଥିପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଗ୍ରାମସଭାର ପ୍ରସ୍ତାବ ଆଧାରରେ ଏହି ସବୁ ପ୍ରକଳ୍ପକୁ ଆଗକୁ ନିଆଯିବ। ମୋଟାମୋଟି ଭାବେ, ଗାଁରେ ସହରୀ ସୁବିଧା ଯୋଗାଇ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ନୂଆ ରୂପ ଦେବା ଉପରେ ଫୋକସ୍ କରିଛି ପଞ୍ଚାୟତିରାଜ ବିଭାଗ।

**ବିଜେଡିର ସମାଲୋଚନା**

## ପ୍ରତି ପଞ୍ଚାୟତକୁ ୩ କୋଟି ଘୋଷଣା କେବଳ ଏକ ଭେଳିକି



ଭୁବନେଶ୍ୱର, ୨୦।୮ (ସମିସ): ପ୍ରତି ପଞ୍ଚାୟତକୁ ୩ କୋଟି ଟଙ୍କା ଅନୁଦାନ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ସୂଚନା ଦେଇଥିବା ବେଳେ ଏହା ରାଜ୍ୟ ସରକାରଙ୍କର ଆଉ ଏକ ଭେଳିକି ବୋଲି କହିଛି ବିଜେଡି। ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଦେବାରେ ସରକାର ବିଫଳ ହୋଇଛନ୍ତି। ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ସରକାର ଏହି ଭେଳିକି କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

- ବନ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ
- ୨ ବର୍ଷରେ ରାଜ୍ୟ ସରକାର ୧,୩୮,୦୦୦ କୋଟି ଟଙ୍କା ଋଣ କରିଛନ୍ତି
- ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ଏହି ଘୋଷଣା

ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ବଜେଟରେ କୌଣସି ବ୍ୟବସ୍ଥା ନଥିବା ବେଳେ ଏହି ଘୋଷଣା କେବଳ ଏକ ଭେଳିକି ଛଡ଼ା କିଛି ନୁହେଁ। ରାଜ୍ୟର ବଜେଟରେ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ଟଙ୍କା ଖର୍ଚ୍ଚ ହୋଇନପାରି ପଡ଼ି ରହୁଥିବା ବେଳେ, ଆଜିର ଏହି ଘୋଷଣା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨ ବର୍ଷରେ ବିଜେପିର ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ହୋଇଛି। ବିଜେପି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ଋଣର ସିଂହଭାଗ ଖୋଲା ବଜାରରୁ ଅଧିକ ସୁଧରେ ନିଆଯାଇଛି, ଯାହା ରାଜ୍ୟର ଆର୍ଥିକ ବୋଝ ବୃଦ୍ଧି କରିଛି। ପ୍ରତି ପଞ୍ଚାୟତକୁ ୩ କୋଟି ପ୍ରଦାନ କଲେ ରାଜ୍ୟକୁ ସମୁଦାୟ ପ୍ରାୟ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ରାଜ୍ୟ ବଜେଟରେ ବ୍ୟବସ୍ଥା ନଥିବା ବେଳେ, ଏହି ୨୧ ହଜାର କୋଟି ଟଙ୍କା କେଉଁଠାରୁ ଆସିବ ତାର କୌଣସି ସ୍ପଷ୍ଟତା ନାହିଁ। ବିଜେପି ସରକାରଙ୍କ ସମୟରେ ହୋଇଥିବା ଅଧିକାଂଶ ଘୋଷଣା କାର୍ଯ୍ୟକାରୀ ହୋଇପାରୁ ନାହିଁ। ରାଜ୍ୟରେ ବିକାଶ କାର୍ଯ୍ୟ ଠପ୍ ହୋଇଛି। ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜିର ୩ କୋଟି ଘୋଷଣା କେବଳ ଭେଳିକି ଛଡ଼ା ଆଉ କିଛି ନୁହେଁ ବୋଲି ଡ.ମହାନ୍ତି କହିଛନ୍ତି।

## ବନ୍ୟା ପ୍ରଭାବିତ ୪ ଜିଲ୍ଲାକୁ ମିଳିବ ଅତିରିକ୍ତ ରିଲିଫ୍ ଚାଉଳ

ଭୁବନେଶ୍ୱର,୨୦।୮(ସମିସ): ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ରାଜ୍ୟର ଏକାଧିକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଲକ୍ଷାଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ତେବେ ବନ୍ୟାରେ ସର୍ବାଧିକ ପ୍ରଭାବିତ ୪ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ଅଧିକ ଚାଉଳ ଆବଶ୍ୟକ ଥିବା ଜଣାପଡ଼ିଛି। ତେଣୁ ଏହି ଜିଲ୍ଲାକୁ ତୁରନ୍ତ ଅତିରିକ୍ତ ରିଲିଫ୍ ଚାଉଳ ଯୋଗାଇବାକୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ରାଜେଶ ପ୍ରଭାକର ପାଟିଲ୍ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍ଆରସିଙ୍କ ପକ୍ଷରୁ ଏହି ୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ଲିଖିତ ଚିଠିରେ ଦର୍ଶାଯାଇଛି, "ଲଗାଣ ବର୍ଷା ଯୋଗୁଁ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଏକାଧିକ ତଳିଆ ଗ୍ରାମ ପଞ୍ଚାୟତ ଓ ଗାଁ ଜଳମଗ୍ନ ହୋଇଛି। ଅନେକ ଅଞ୍ଚଳର ଲୋକେ ଜଳବନ୍ଦୀ ହୋଇଥିବାବେଳେ ଜନଜୀବନ ପ୍ରଭାବିତ ହୋଇଛି। ଏହା ସହିତ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଏବେ ସାମୂହିକ ରୋଷେଇ କେନ୍ଦ୍ର ଓ ଜରୁରୀକାଳୀନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଜାରି ରହିଛି। ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଯୋଗାଣ ଏବଂ ଜଳବନ୍ଦୀ ଅଞ୍ଚଳରେ ଚାଉଳ ବଣ୍ଟନ ବନ୍ୟା ପରିସ୍ଥିତି ସୁଧୁରିବା ଓ ବିସ୍ଥାପିତ ପରିବାର ଗୁଡ଼ିକ ନିରାପଦରେ ଘରକୁ ଫେରିବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ କୁହାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେଇଛନ୍ତି। ତେଣୁ ଅତିରିକ୍ତ ରିଲିଫ୍ ଚାଉଳର ତୁରନ୍ତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

ପ୍ରତ୍ୟେକ ପ୍ରାପ୍ତବୟସ୍କଙ୍କ ପାଇଁ ଦୈନିକ ୧ କିଲୋଗ୍ରାମ ଏବଂ ୧୨ ବର୍ଷରୁ କମ୍ ଶିଶୁଙ୍କ ପାଇଁ ଦୈନିକ ୫୦୦ ଗ୍ରାମ ହିସାବରେ ଚାଉଳ ବଣ୍ଟନ କରାଯିବ। ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାରେ ପ୍ରଭାବିତ ଲୋକଙ୍କ ଆନୁମାନିକ ସଂଖ୍ୟା, ସ୍ୱତନ୍ତ୍ର ରିଲିଫ୍ କେତେଦିନ ଆବଶ୍ୟକ ହେବ ଏବଂ ମୋଟ କେତେ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ, ତାହାର ଆକଳନ କରି ଶୀଘ୍ର ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ, ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଚାଉଳ ପଠାଇବାରେ ଯେପରି କୌଣସି ବିଳମ୍ବ ନ ହୁଏ, ସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ପ୍ରାଥମିକତା ଭିତ୍ତିରେ ଚାଉଳ ଯୋଗାଇବାକୁ କୁହାଯାଇଛି।

## ୨୦ ହଜାର ଲାଞ୍ଚ ନେବାବେଳେ କାବୁ ହେଲେ ବିପିଏମ୍

କୁଜଙ୍ଗ,୨୦।୮(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ଲକ୍ ପ୍ରୋଗ୍ରାମ୍ ଅଫିସର (ବିପିଏମ୍) ମନୋରଞ୍ଜନ ନାୟକ ଆଜି ଜନୈକା ଆଶା କର୍ମୀଙ୍କ ଠାରୁ ମେଡିକାଲ ପରିସର ମଧ୍ୟରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରି ନେଇଯାଇଛନ୍ତି। ପୂର୍ବରୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ପ୍ରମାଣ ପତ୍ର ପ୍ରଦାନରେ ବହୁ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ନେଇ ତଦନ୍ତ ଚାଲିଥିବା ବେଳେ ଆଜି ଗୁରୁବାର ପୁଣି ଲାଞ୍ଚ କାରବାର ବେଳେ ଭିଜିଲାନ୍ସ ପଶି ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କୁ ଟଙ୍କା ସହ କାବୁ କରିବା କୁଜଙ୍ଗରେ ଜୋର ଚର୍ଚ୍ଚା ଚାଲିଛି। କୁଜଙ୍ଗ ବ୍ଲକ ଫତେପୁର ଗ୍ରାମର ରୀନା ଲେଙ୍କା ଆଶା କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୦୫ ମସିହାରେ ସେ ନିଯୁକ୍ତ ହୋଇଥିବାରୁ ତାଙ୍କର ଆଧାର କାର୍ଡ ନଥିଲା। ଫଳରେ ସେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ଚାକିରି କରିଥିଲେ। ପରେ ଆଧାର ବାହାରିବା ପରେ ସ୍କୁଲ ସାର୍ଟିଫିକେଟ ଓ ଆଧାର ବୟସ ମଧ୍ୟରେ ଦୁଇ ବର୍ଷର ଫରକ ରହିଥିଲା। ଆଧାର ଅନୁଯାୟୀ ତାଙ୍କର ଅବସର ସମୟ ହୋଇଯାଇଥିବା ବେଳେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ତାଙ୍କର ଆଉ ଦୁଇବର୍ଷ ଚାକିରି କାର୍ଯ୍ୟକାଳ ରହିଥିଲା। ତେବେ ଅଭିଯୁକ୍ତ ବିପିଏମ୍ ମନୋରଞ୍ଜନ ରୀନାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ଆଧାର ଅନୁଯାୟୀ ତାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର କରିଦେବେ ବୋଲି ଧମକ ଦେଇଥିଲେ। ୨୦ ହଜାର ହାତ ଗୁଞ୍ଜା ଦେଲେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ଆଉ ଦୁଇବର୍ଷ ଚାକିରି କରାଇଦେବେ ବୋଲି କହିଥିଲେ। କେବଳ ରୀନା ଏକା ନୁହେଁ; ଏହିପରି ୨୦ ଜଣ ଆଶା କର୍ମୀ ରହିଥିଲେ। ମନୋରଞ୍ଜନ ବାରମ୍ବାର ଟଙ୍କା ମାଗିବାରୁ ରୀନା ଭିଜିଲାନ୍ସ ସହିତ ଯୋଗାଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରୀନା ମନୋରଞ୍ଜନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ଖାମ୍‌ରେ ୨୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ତାକୁ କାବୁ କରି ନେଇଥିଲେ।

## ଭିଜିଲାନ୍ସ ଜାଲରେ ଲାଠିକଟା ତହସିଲଦାର

ରାଉରକେଲା,୨୦।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲାଠିକଟାର ତହସିଲଦାର କମ୍ ସବ୍‌ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲଙ୍କୁ ପିଛା କରି ଭିଜିଲାନ୍ସ ତାଙ୍କ ସ୍କର୍ପିଓରୁ ୫ ଲକ୍ଷ ଟଙ୍କା ଜବତ କରିଛି। ଏହି ଅର୍ଥ ସେ ଅସାଧୁ ଉପାୟରେ ଅର୍ଜିତ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଉର୍ମାଲଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏନେଇ ୩ଟି ସ୍ଥାନରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଚଢ଼ଉ ଜାରି ରଖିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଗୁରୁବାର ଭିଜିଲାନ୍ସର ଏକ ଟିମ୍ ତହସିଲଦାର ଉର୍ମାଲ ଲାଠିକଟା ସ୍ଥିତ କାର୍ଯ୍ୟାଳୟରୁ ବାସଭବନକୁ ଯାଉଥିବାବେଳେ ପିଛା କରିଥିଲା। ଲାଠିକଟା ବ୍ଲକ ଅନ୍ତର୍ଗତ ରାମଜୋଡ଼ି ମୁଣ୍ଡାଜୋର ନିକଟ ରାଜାବସା ଛକ ନିକଟରେ ଉର୍ମାଲ ଯାଉଥିବା ଅଫିସ ସ୍କର୍ପିଓକୁ ଅଟକାଇଥିଲା। ତଲାସିବେଳେ ସେଥିରୁ ୫ ଲକ୍ଷ ଟଙ୍କା ନଗଦ ମିଳିଥିଲା। ଜବତ ହୋଇଥିବା ଉକ୍ତ ୫ ଲକ୍ଷ ଟଙ୍କା ସେ କେଉଁଠାରୁ ଆଣିଲେ ସେ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଫଳରେ ଭିଜିଲାନ୍ସ ପକ୍ଷରୁ ସମ୍ପୂର୍ଣ୍ଣ ୫ ଲକ୍ଷ ଟଙ୍କା ସହ ସ୍କର୍ପିଓ ଗାଡ଼ିଟିକୁ ଜବତ କରାଯାଇଥିଲା। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଉର୍ମାଲଙ୍କ ସହ ସମ୍ପୃକ୍ତ ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇ ନଥିବାବେଳେ ଚଢ଼ଉ ପରେ ସ୍ପଷ୍ଟ କରାଯିବ ବୋଲି କୁହାଯାଇଛି।

- ସ୍କର୍ପିଓରୁ ୫ ଲକ୍ଷ ଟଙ୍କା ଜବତ
- ୩ ସ୍ଥାନରେ ଏକକାଳୀନ ଚଢ଼ଉ

**● ରାଜ୍ୟ ସରକାରଙ୍କ ନିଷ୍ପତ୍ତି**

## ଏଣିକି ପ୍ରତି ମାସରେ ୨ଥର କ୍ୟାବିନେଟ

ଭୁବନେଶ୍ୱର,୨୦।୮(ସମିସ): ଏଣିକି ପ୍ରତି ମାସରେ ୨ଥର ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଯାହାଫଳରେ ରାଜ୍ୟରେ ବିକାଶ ପ୍ରକ୍ରିୟାକୁ ବଳ ମିଳିବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ନିଷ୍ପତ୍ତି ଅଧିକ ସଂଖ୍ୟାରେ ନିଆଯାଇପାରିବା ସହଜ ହୋଇପାରିବ ବୋଲି ସରକାର ଚିନ୍ତା କରିଛନ୍ତି। ନିକଟରେ ମୁଖ୍ୟ ଶାସନ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ନିଷ୍ପତ୍ତି ଅନୁଯାୟୀ କ୍ୟାବିନେଟ ବୈଠକ ପୂର୍ବରୁ ସମସ୍ତ ପ୍ରଶାସନିକ ବିଭାଗ ଆଗୁଆ ଭାବେ ନିଜ ନିଜ ପ୍ରସ୍ତାବ ପ୍ରସ୍ତୁତ କରିବେ। ଏହା ସହ ନିର୍ଦ୍ଧାରିତ ବୈଠକର ଯଥେଷ୍ଟ ପୂର୍ବରୁ କ୍ୟାବିନେଟ ନୋଟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାଖଲ କରାଯିବ। ଏହା ଦ୍ୱାରା କ୍ୟାବିନେଟରେ ପ୍ରସ୍ତାବ ଉପରେ ସମୟୋଚିତ ନିଷ୍ପତ୍ତି ନେବାର ପ୍ରକ୍ରିୟା ଅଧିକ ସୁସଂଗଠିତ ହେବ ବୋଲି ଆଶା କରାଯାଉଛି। ତେବେ କେବଳ ନିଷ୍ପତ୍ତି ନେବାରେ ସରକାରଙ୍କ ଫୋକସ୍ ସୀମିତ ରହିବ ନାହିଁ। କ୍ୟାବିନେଟରେ ଅନୁମୋଦିତ ନିଷ୍ପତ୍ତିଗୁଡ଼ିକର ନିୟମିତ ଅନୁଧ୍ୟାନ କରି ସେଗୁଡ଼ିକୁ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ରହିଛି। ଏଥିପାଇଁ ନିଷ୍ପତ୍ତିର ଅଗ୍ରଗତି ଉପରେ ନିୟମିତ ନଜର ରଖିବା ଏବଂ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଅନେକ ସମୟରେ କ୍ୟାବିନେଟ ବୈଠକରେ ନିଆଯାଉଥିବା ନିଷ୍ପତ୍ତିର ସଠିକ୍ ତଥା ସମୟୋଚିତ ଅନୁପାଳନ ହେଉନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ବେଳେ ଏହାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି ସରକାର। ଅପରପକ୍ଷେ ସଚିବମାନଙ୍କୁ ଜିଲ୍ଲା ଗସ୍ତ ପାଇଁ ବାରମ୍ବାର କୁହାଯାଉଥିଲେ ମଧ୍ୟ କେତେକ ସଚିବ ଏହାକୁ ଗୁରୁତର ସହ ଗ୍ରହଣ କରୁନାହାନ୍ତି। ଏନେଇ ମଧ୍ୟ ମୁଖ୍ୟ ସଚିବ ଉକ୍ତ ବୈଠକରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଯେଉଁ ସଚିବ ମେ-ଜୁଲାଇ ମାସରେ ଜିଲ୍ଲାଗସ୍ତ କରିନାହାନ୍ତି, ସେମାନେ ତୁରନ୍ତ ନିଜ ଗସ୍ତ ସମାପ୍ତ କରିବାକୁ କୁହାଯାଇଛି। ଏହାସହ ନିଜ ଗସ୍ତ ସମ୍ପର୍କିତ ବିସ୍ତୃତ ବିବରଣୀ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ ସଚିବଙ୍କ ନିକଟରେ ଦାଖଲ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

- ବୈଠକ ପୂର୍ବରୁ ମୁଖ୍ୟ ସଚିବଙ୍କ ନିକଟରେ ଦାଖଲ ହେବ କ୍ୟାବିନେଟ ନୋଟ୍
- ତାଗିଦ ସତ୍ତ୍ୱେ ଜିଲ୍ଲାଗସ୍ତ କରୁନାହାନ୍ତି ବାବୁ
- ତୁରନ୍ତ ଜିଲ୍ଲା ଗସ୍ତ ସମାପ୍ତ କରି ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

## ଇଭି, ମେଥାନଲ୍ ଓ ଇଥାନଲ୍ ଚାଳିତ ବଡ଼ ଗାଡ଼ିକୁ ପରମିଟ୍ ଫି' ଛାଡ଼

ଭୁବନେଶ୍ୱର,୨୦।୮(ସମିସ): ରାଜ୍ୟରେ ଚାଲୁଥିବା ସମସ୍ତ ବ୍ୟାଟେରୀ ଚାଳିତ (ଇଲେକ୍ଟ୍ରିକ୍), ମେଥାନଲ୍ ଏବଂ ଇଥାନଲ୍ ଇନ୍ଧନ ଚାଳିତ ପରିବହନ ଯାନ ଗୁଡ଼ିକୁ ପରମିଟ୍ ଫି' ଛାଡ କରାଯିବ। ଏହି ନିୟମ ଅଧୀନରେ ଯୋଗ୍ୟ ଗାଡ଼ିଗୁଡ଼ିକୁ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିନା କୌଣସି ପରମିଟ୍ ଦେୟରେ ଉପଯୁକ୍ତ ପରମିଟ୍ ପ୍ରଦାନ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ୩୦୦୦ କିଲୋଗ୍ରାମରୁ କମ୍ 'ଜିଭିଡବ୍ଲ୍ୟୁ' ଥିବା ମାଲ୍ ପରିବହନ ଗାଡ଼ି ଗୁଡ଼ିକ ଏହି ଫି' ଛାଡ଼ ବ୍ୟବସ୍ଥାରୁ ବାଦ୍ ପଡ଼ିବେ। ମୋଟର ଯାନ ଅଧିନିୟମ, ୧୯୮୮ର ନିୟମାବଳୀ ଅନୁଯାୟୀ ଏହି ସମସ୍ତ ଯାନ ପାଇଁ ପରମିଟ୍ ନେବା ବାଧ୍ୟତାମୂଳକ ରହିବ, କିନ୍ତୁ ଏଥିପାଇଁ କୌଣସି ପରମିଟ୍ ଫି' ଦେବାକୁ ପଡ଼ିବ ନାହିଁ। ଏହା ସହିତ ଗାଡ଼ିଗୁଡ଼ିକର ବୈଧ ପଞ୍ଜୀକରଣ, ବୀମା, ଫିଟନେସ୍ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ସରକାରୀ ଟିକସ ପୈଠ ଭଳି ସମସ୍ତ ପ୍ରଚଳିତ ନିୟମ ପାଳନ କରିବା ସମାନ ଭାବେ ଆବଶ୍ୟକ ରହିବ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ବୈଦ୍ୟୁତିକ ଗାଡ଼ିର ବ୍ୟବହାର ବୃଦ୍ଧି ପାଇବ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏହା ବେଶ୍ ସହାୟକ ହେବା ନେଇ ବିଭାଗ ଆଶା ରଖିଛି।

**କ୍ରିପ୍ଟୋ-ପୁଞ୍ଜି ଠକେଇ**

## 'ୟେସ୍ ୱାର୍ଲ୍ଡ'ର ଆଉ ଜଣେ ଗିରଫ

ଭୁବନେଶ୍ୱର ୨୦।୮(ସମିସ): କ୍ରିପ୍ଟୋ-ପଞ୍ଜି ଠକେଇ ମାମଲାରେ ଆଉ ଜଣଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଜିଲ୍ଲାର ଚିତ୍ତରଞ୍ଜନ ମହାନ୍ତି। ତାଙ୍କ ବିରୋଧରେ ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଇଓଡବ୍ଲ୍ୟୁ ସୂଚନାନୁସାରେ, ଚିତ୍ତରଞ୍ଜନ ମହାନ୍ତି, ଶଙ୍କର ସରକାର ଓ ଅନ୍ୟ ସହଯୋଗୀମାନେ "ୟେସ୍ ୱାର୍ଲ୍ଡ' ନାମରେ ଏକ ୱେବ୍ ପ୍ଲାଟଫର୍ମ



ଚଳାଉଥିଲେ। କ୍ରିପ୍ଟୋ ଆକାଉଣ୍ଟରେ ନିବେଶ କଲେ ଅଳ୍ପ ସମୟରେ ଅତ୍ୟଧିକ ଲାଭ ମିଳିବ ବୋଲି ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରୁଥିଲେ। ପିରାମିଡ୍ ପଞ୍ଜି ଯୋଜନା ଯୋଜନା ଆଳରେ ଅଧିକ ସଦସ୍ୟ ଯୋଡ଼ିବା ପାଇଁ "ଡାଉନ୍‌ଲାଇନ୍' ସଦସ୍ୟ ଯୋଡ଼ି ସେମାନଙ୍କୁ ପ୍ରଲୋଭିତ କରୁଥିଲେ। କେବଳ ରାଜ୍ୟର ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କେନ୍ଦୁଝର ଓ ନୟାଗଡ଼ ଆଦି ଅଞ୍ଚଳର ୮ ହଜାରରୁ ଅଧିକ ନିବେଶକ ଏହି ଯୋଜନାରେ ଟଙ୍କା ଲଗାଇଛନ୍ତି। ସେହିପରି ଦେଶବ୍ୟାପୀ ଏହି ଯୋଜନାରେ ପ୍ରାୟ ୨.୫ ଲକ୍ଷ ସଦସ୍ୟ ଥିବାବେଳେ ମୋଟ ଅର୍ଥ କାରବାର ୨୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ତଦନ୍ତକାରୀ ସଂସ୍ଥା ଆକଳନ କରିଛି।

ନୂଆ ସଦସ୍ୟ ଯୋଡ଼ିବା ପାଇଁ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରେ ସଭା, ସେମିନାର ଏବଂ ଭର୍ଚୁଆଲ୍ ବୈଠକ କରୁଥିଲେ। ୱେବସାଇଟ୍, ମୋବାଇଲ୍ ଆପ୍ ଓ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମିଥ୍ୟା ରିଟର୍ଣ୍ଣ ଓ ନେଟୱର୍କ ବୃଦ୍ଧିର ତଥ୍ୟ ପ୍ରଦର୍ଶନ କରୁଥିଲେ। ଗିରଫ ଚିତ୍ତରଞ୍ଜନ "ୟେସ୍ ୱାର୍ଲ୍ଡ'ର ଜଣେ ପ୍ରମୁଖ ସଦସ୍ୟ ଥିଲା। ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ସଭା କରି ସେ ନିବେଶକମାନଙ୍କୁ ଏହି ଯୋଜନାରେ ସାମିଲ କରୁଥିଲା। ବ୍ୟାଙ୍କ ଆକାଉଣ୍ଟ ଓ ନଗଦ ମାଧ୍ୟମରେ ନିବେଶକ ମାନଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରୁଥିଲା। ଚିତ୍ତରଞ୍ଜନର ଦୁଇଟି ବ୍ୟକ୍ତିଗତ ଆକାଉଣ୍ଟକୁ ନିବେଶକମାନଙ୍କ ଆକାଉଣ୍ଟରୁ ସିଧାସଳଖ ୧୯.୩୨ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ସଂପୃକ୍ତି ସ୍ପଷ୍ଟ ହେବାପରେ ଆଜି ଚିତ୍ତରଞ୍ଜନକୁ ଗିରଫ କରି କଟକ ସ୍ଥିତ ଓପିଆଇଡି କୋର୍ଟକୁ ଚାଲାଣ କରିଛି ଇଓଡବ୍ଲ୍ୟୁ। ତା' ଠାରୁ ଦୁଇଟି ମୋବାଇଲ୍ ହ୍ୟାଣ୍ଡସେଟ୍ ଜବତ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି। ଏହି ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତ ସନ୍ଦୀପ ଚୌଧୁରୀ ଓ ଶଙ୍କର ସରକାର ପୂର୍ବରୁ ଗିରଫ ହୋଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ପୁଅ ମୃତ

ବାରିପଦା, ୨୦।୮(ସମିସ): ଏକ ଅଜଣା ଗାଡ଼ି ଧକ୍କାରେ ବାରିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ବିଜେଡି ନେତ୍ରୀ ପାର୍ବତୀ ହେମ୍ବ୍ରମଙ୍କ ପୁଅ ହରିଶଙ୍କ ମୃତ୍ୟୁ ଘଟଣା ବାରିପଦାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବୁଧବାର ରାତିରେ ସେ ସାଙ୍ଗଙ୍କ ସହିତ ନିଜ କାର୍‌ରେ ଭୁବନେଶ୍ୱର ଯାଉଥିବାବେଳେ ପ୍ରାୟ ରାତି ୧ଟା ବେଳେ ସୋର-ସିମୁଳିଆ ଜାତୀୟ ରାଜପଥ ପାୱାର୍ ଷ୍ଟାର ହୋଟେଲ ନିକଟରେ କାର୍ ପାର୍କିଂ କରି ପରିଶ୍ରା କରିବା ସମୟରେ ଏକ ଅଜଣା ଗାଡ଼ି କାର୍‌କୁ ଧକ୍କା ଦେବା ସହ ହରିଶ ଓ ଅନ୍ୟଜଣଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ହରିଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହରିଶ ମୟୂରଭଞ୍ଜ ଡାକ ମଣ୍ଡଳର ଜଣେ ଡାକ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଘଟଣାସ୍ଥଳରେ ସୋର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଥିବାବେଳେ ଦୁର୍ଘଟଣା ଘଟାଇଥିବା ଫେରାର ଗାଡ଼ିର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ପାଇପାରିନାହିଁ। ଗୁରୁତର ଆହତ ଯୁବକ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ହରିଶଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି। ବ୍ୟବଚ୍ଛେଦ ଶରୀର ବାରିପଦାରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



## ଥାର ସହିତ ୨ ଅଟୋ ମୁହାଁମୁହିଁ; ୧ ମୃତ, ୧୩ ଆହତ

ଆନନ୍ଦପୁର/ମହୁଲଡିହା/ଠାକୁରମୁଣ୍ଡା, ୨୦।୮(ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ନାକଝରୀ ନାଳପାଖ ଗୋଡଭଙ୍ଗା ଘାଟିର ପ୍ରଥମ ବାଙ୍କରେ ଗୁରୁବାର ଥାର ସହିତ ଦୁଇଟି ଅଟୋ ସହିତ ମୁହାଁମୁହିଁ ଧକ୍କା ଦେବାରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ଲତିକା କୁଙ୍କାଲ (୪୭)। ଆନନ୍ଦପୁର ଥାନା ସିକାବେଡା ଗ୍ରାମର ପୁରୁଷ ଓ ମହିଳା ମିଶି ଚାଷ କାମ ପାଇଁ ଆନନ୍ଦପୁର ଯାଇ ୨ଟି ଅଟୋରେ ଫେରୁଥିବାବେଳେ ଥାର ସହିତ ଧକ୍କା ହୋଇଥିଲା। ଥାରର ଡାହାଣ ପାଖ ଟାୟାର ଫାଟିଯାଇଛି। ଅଟୋ ଦୁଇଟି ଆଗ ପଛ ଆସୁଥିବାରୁ ଗୋଟିଏ ଅଟୋ ଓଲଟି ପଡ଼ିଥିଲେ। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ୧୩ ଜଣ ଆହତ ହୋଇଥିଲେ। ଖବର ପାଇ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଓ ଆହତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଲିସ ଦୁର୍ଘଟଣାସ୍ଥଳରୁ ଥାର ଓ ଅଟୋ ଦୁଇଟି ଜବତ କରି ତଦନ୍ତ କରୁଛି।




## ପତ୍ନୀହନ୍ତାଙ୍କୁ ଆଜୀବନ ଜେଲ୍

ଉଦଳା, ୨୦।୮(ସମିସ): ଉଦଳା ଅତିରିକ୍ତ ଦୌରା ନ୍ୟାୟାଧୀଶଙ୍କ ଅଦାଲତ ଖୁଣ୍ଟା ଥାନା ଅଧୀନରେ ଘଟିଥିବା ଏକ ସ୍ତ୍ରୀ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଉଦଳା ଥାନା ଅଧୀନ କଣ୍ଡାସାହି ମଧୁସୂଦନ ମୁର୍ମୁ (୩୪)। ୨୦୨୨ ନଭେମ୍ବର ୨୧ ତାରିଖ ରାତି ପ୍ରାୟ ୧୦ଟା ୩୦ ମିନିଟରେ ଅଭିଯୁକ୍ତ ନିଜ ସ୍ତ୍ରୀଙ୍କୁ କଇଁଚି ଦ୍ୱାରା ଆଘାତ କରିଥିଲେ। ମହିଳାଙ୍କୁ ଡୁକୁରା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଦିନ ଖୁଣ୍ଟା ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତରେ ସାକ୍ଷୀଙ୍କ ବୟାନ, ଘଟଣାସ୍ଥଳ ପରିଦର୍ଶନ, ଅସ୍ତ୍ର ଓ ପୋଷାକ ଜବତ ସହିତ ପୋଷ୍ଟମର୍ଟମ ଓ ରାସାୟନିକ ପରୀକ୍ଷା କରାଯାଇଥିଲା। ଅଦାଲତ ୨୦୨୬ ଅଗଷ୍ଟ ୧୪ ତାରିଖରେ ରାୟ ପ୍ରଦାନ କରି ଆଜି ଦଣ୍ଡାଦେଶ ଦେଇଛନ୍ତି। ଏହାକୁ 'ବିରଳରୁ ବିରଳତମ' ମାମଲା ନ ମାନି ଆଜୀବନ କାରାଦଣ୍ଡ ସହିତ ୫୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅତିରିକ୍ତ ଏକବର୍ଷ ଜେଲ୍ ଦଣ୍ଡ ଭୋଗ କରିବାକୁ ପଡ଼ିବ। ଜରିମାନା ଅର୍ଥ ମୃତକଙ୍କ ନିର୍ଭରଶୀଳଙ୍କୁ ଦିଆଯିବ।

**ବନ୍ୟାପ୍ଲାବିତ ଅର୍ଜୁନପୁର ଓ ହସନାବାଦରେ ବିପନ୍ନଙ୍କୁ ଭେଟିଲେ ପ୍ରଣବ ପ୍ରକାଶ ଦାସ**

## ବନ୍ୟା ଦୁର୍ଦ୍ଦଶାରେ ଧାମନଗର; ରିଲିଫ୍ ବଣ୍ଟନକୁ ନେଇ ଅସନ୍ତୋଷ

ଭଦ୍ରକ/ଧୂଷୁରୀ/ଅସୁରାଳି,୨୦।୮(ସମିସ): ବୈତରଣୀ ନଦୀର କ୍ରମାଗତ ବନ୍ୟାରେ ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଛି। ଏପରି ସମୟରେ ସରକାରୀ ବନ୍ୟା ସହାୟତା ବଣ୍ଟନକୁ ନେଇ ଅସନ୍ତୋଷ ଓ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରକୃତ ବନ୍ୟା ପ୍ରଭାବିତଙ୍କ ନିକଟରେ ପର୍ଯ୍ୟାପ୍ତ ରିଲିଫ୍ ପହଞ୍ଚୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ (ବବି) ଧାମନଗର ବ୍ଲକ୍‌ର ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି।

ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେଇସାହି, ବ୍ରହ୍ମଚାରୀପାଟଣା, ମୁକ୍ତାନଗର, ମଠସାହି ଏବଂ ହସନାବାଦ ପଞ୍ଚାୟତର ମଠସାହି, ବନବାଗ, ହସନାବାଦ, ତଳ ଅସ୍ତକ, ଉପର ଅସ୍ତକ, ପଙ୍ଗଟା ଶାସନ ଓ ଅନଳଡିହ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀମାନେ ବବି ଦାସଙ୍କ ନିକଟରେ ଅଭିଯୋଗ କରି କହିଥିଲେ ଯେ, ସରକାରୀ ବନ୍ୟା ସହାୟତା ସମସ୍ତ ପ୍ରକୃତ ପ୍ରଭାବିତଙ୍କ ପାଖରେ ପହଞ୍ଚିନାହିଁ। କେତେକ ସ୍ଥାନରେ ଚୁଡ଼ା, ଚିନି ଓ ବିସ୍କୁଟ ଭଳି ସାମଗ୍ରୀ ବଣ୍ଟନ ହୋଇଥିବାବେଳେ ଅନେକ ବିପନ୍ନ ପରିବାର ପର୍ଯ୍ୟାପ୍ତ ସହାୟତାରୁ ବଞ୍ଚିତ ଥିବା ସେମାନେ କହିଥିଲେ। ସହାୟତା ଅଭାବରେ ସ୍ଥାନୀୟ ସରପଞ୍ଚମାନେ ନିଜସ୍ୱ ସ୍ତରରେ ଲୋକଙ୍କୁ ସହାୟତା ଯୋଗାଇ ଦେଉଥିବା ନେଇ ମଧ୍ୟ ଗ୍ରାମବାସୀ ପ୍ରକାଶ କରିଥିଲେ। ବିପନ୍ନଙ୍କ ଅଭିଯୋଗ ଶୁଣି ବବି ସେମାନଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ପ୍ରକୃତ ଦୁର୍ଗତଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ଆଶ୍ୱାସନ ଦେଇଥିଲେ। ଏଥିସହ ସରପଞ୍ଚଙ୍କ ମାଧ୍ୟମରେ ନିଜସ୍ୱ ସ୍ତରରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ କହିଥିଲେ। ବନ୍ୟାରେ ଘର ଭାଙ୍ଗିଯାଇଥିବା ଦୁର୍ଗତ ଏବଂ ଚିକିତ୍ସା ପାଇଁ ଡାକ୍ତରଖାନା ଯିବାକୁ ଥିବା ଗୁରୁତର ରୋଗୀଙ୍କୁ ସେ ତୁରନ୍ତ ବ୍ୟକ୍ତିଗତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ଦାସଙ୍କ ଗସ୍ତ ସମୟରେ ଧାମନଗର ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ସମିତିସଭ୍ୟ ଭାରତ ବିଜୟ ଦଳେଇ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଯୁବନେତା ସୁଧନା ନାୟକ, ପୂର୍ବତନ ବ୍ଲକ୍ ସଭାପତି ଉମେଶ ମହାନ୍ତି, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ସମିତିସଭ୍ୟ ଜ୍ଞାନ ମହାକୁଡ଼ ଓ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ୍ ହୋଇଥିଲେ। ବନ୍ୟା ପରିସ୍ଥିତିରେ ପ୍ରକୃତ ପ୍ରଭାବିତ ପରିବାରଙ୍କ ଚିହ୍ନଟ, ରିଲିଫ୍‌ର ସମାନ ବଣ୍ଟନ ଏବଂ ତୁରନ୍ତ ସହାୟତା ପହଞ୍ଚାଇବା ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

**ଘରଭଙ୍ଗା ଓ ଗୁରୁତର ରୋଗୀଙ୍କୁ ବ୍ୟକ୍ତିଗତ ସହାୟତା**



# ଟ୍ରକ୍ ଧକ୍କାରେ ଶିଶୁକନ୍ୟାଙ୍କ ସମେତ ୩ ମୃତ; ରାସ୍ତାରୋକ

**ରାଉରକେଲା, ୨୦।୮ (ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ଭଷ୍ମା ଥାନା ଅନ୍ତର୍ଗତ ଭଷ୍ମା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଜୀବନ ଯାଇଛି। ଏକ ଟ୍ରକ ଜଣେ ସ୍କୁଟି ଆରୋହୀଙ୍କୁ ଧକ୍କା ଦେବାରୁ ସ୍କୁଟି ଚଳାଉଥିବା ଯୁବତୀ ଓ ତାଙ୍କ ୨ବର୍ଷର ଝିଅ ଏବଂ ମା'ଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଖବର ପାଇ ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ଭଷ୍ମା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତେବେ ମୃତକଙ୍କ ପରିଚୟ ଜଣା ପଡ଼ିନାହିଁ।

ସୂଚନା ମୁତାବକ, ଜଣେ ମହିଳା ତାଙ୍କର ୨ ବର୍ଷର ଶିଶୁ କନ୍ୟା ଓ ମା'ଙ୍କୁ ଧରି ସ୍କୁଟିରେ ସୁନ୍ଦରଗଡ଼ର ଭଷ୍ମା ଅଞ୍ଚଳରୁ ଝାରସୁଗୁଡ଼ା ଆଡ଼କୁ ଯାଉଥିଲେ। ଭଷ୍ମା ପେଟ୍ରୋଲ ପମ୍ପରୁ ଡିଜେଲ ଭର୍ତ୍ତି କରି ଏକ ଟ୍ରକ ମୁଖ୍ୟ ରାସ୍ତାକୁ ହଠାତ୍ ବାହାରି ଆସିବାରୁ ମହିଳା ଜଣଙ୍କ ଭାରସାମ୍ୟ ହରାଇ ଟ୍ରକର ପଛଚକ ତଳେ ସ୍କୁଟି ସହ ପଶି ଯାଇଥିଲେ। ଫଳରେ ଟ୍ରକ ଚକ ତଳେ ଚାପି ହୋଇ ରହିଯିବାରୁ ମହିଳା, ତାଙ୍କ ମା' ଏବଂ ତାଙ୍କର ୨ ବର୍ଷର ଶିଶୁ କନ୍ୟାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେମାନଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ ସେମାନେ ଝାରସୁଗୁଡ଼ାର ଯୋଗିମାଲ ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ପରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି ସହ ବେପରୁଆ ଗାଡ଼ି ଚାଳନାକୁ ନେଇ ଭଷ୍ମାଠାରେ ରାସ୍ତାରୋକ କରିଥିବା ସୂଚନା ମିଳିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ନଥିବାବେଳେ ରାସ୍ତାରୋକ ଜାରି ରହିଥିଲା। ପୁଲିସ ମାମଲା ରୁଜୁ କରି ଶବ ଜବତ କରିବା ସହ ପରିଚୟ ଖୋଜୁଛି।



### ■ ଆଇଜିଏଚ୍‌ରେ ସଫଳ ଅସ୍ତ୍ରୋପଚାର

# ଦୃଷ୍ଟିଶକ୍ତି ଫେରିପାଇଲେ ୧୭ ବର୍ଷୀୟା ଯୁବତୀ



**ରାଉରକେଲା, ୨୦।୮ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତରମାନେ ଅସ୍ତ୍ରୋପଚାର କରି ଜଣେ ୧୭ ବର୍ଷୀୟା ଯୁବତୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିଛନ୍ତି। ପ୍ରକାଶ ଯେ, ସିମି କାଣ୍ଡୁଲନା (୧୭)ଙ୍କ ଦୁଇଟି ଯାକ ଆଖିରେ ପରିପକ୍ୱ ମୋତିଆବିନ୍ଦୁ ହୋଇଥିବାବେଳେ ରକ୍ତଶର୍କରା ସ୍ତର ବିପଦଜନକ ରହିଥିଲା। ରକ୍ତଶର୍କରା ଅଧିକ ଥିବାରୁ ଅସ୍ତ୍ରୋପଚାର କଷ୍ଟକର ହୋଇପଡ଼ିଥିଲା ଏବଂ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମନା କରିଦେଇଥିଲେ। ତେବେ ଆଇଜିଏଚ୍‌ଠାରେ ଡାକ୍ତରୀ ଦଳ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ।

ନେତ୍ରରୋଗ ବିଭାଗର କୋର୍ନିଆ ଏବଂ ଫାକୋ ସର୍ଜନ ଡାକ୍ତର ଅନିମା ତିଗାଙ୍କ ନେତୃତ୍ୱରେ, ଶିଶୁରୋଗ ବିଭାଗର ଡାକ୍ତରମାନଙ୍କ ସହଯୋଗରେ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ପ୍ରଥମେ ସିମିଙ୍କ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ପରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ଯୁବତୀ ଜଣକ ତାଙ୍କର ଦୃଷ୍ଟିଶକ୍ତି ଫେରି ପାଇଛନ୍ତି।

# ବଣାଇଁ ମହାବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ସଚେତନତା



**ବଣାଇଁଗଡ଼, ୨୦।୮ (ସମିସ):** ବଣାଇଁଗଡ଼ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅଧ୍ୟକ୍ଷ ଡ଼ଃ ଜେନାମଣି ସାହୁଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଆର୍ଥିକ ସାକ୍ଷରତା ସଂଯୋଜକ ଶଙ୍କର ମିତ୍ର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷେତ୍ର ଅଧିକାରୀ ରବୀନ୍ଦ୍ର କୁମାର ବେହେରା ଯୋଗଦେଇ ସଞ୍ଚୟ, ଖର୍ଚ୍ଚ, ଋଣ, ବିନିଯୋଗ ଏବଂ ଡିଜିଟାଲ ଆର୍ଥିକ ସାକ୍ଷରତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଅଧ୍ୟାପକ ଡ଼ଃ ସତ୍ୟବ୍ରତ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ମୃତ୍ୟୁଞ୍ଜୟ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଏରବାହାଲ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**କୁତ୍ରା, ୨୦।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଭାରତୀୟ ଡାକ ଓ ଟେଲିଫୋନ ସେବା ଅଧିକାରୀ ଦେଖୁ ସିଂହ ତୁରୁୱାର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶ୍ରୀ ତୁରୁୱାରଙ୍କ ଧର୍ମପତ୍ନୀ ଭୁବନେଶ୍ୱରୀ ଦେବୀ, ନୂଆଗାଁ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଜ୍ୟୋତ୍ସ୍ନା କେରକେଟ୍ଟା, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋସାନର ମିଞ୍ଜ ଯୋଗ ଦେଇଥିଲେ। ଅତିଥିଗଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାଶ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସିଡ୍‌ବଲ୍ ତିଆରି କରିବା ଶିଖାଇ ପତିତ ଭୂମିରେ ପକାଇବାକୁ କହିଥିଲେ। ସଚେତନତା ସଭାପରେ ଅତିଥିଗଣ, ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ବଗିଚାରେ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣପରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ନିଜେ ପ୍ରସ୍ତୁତ କରିଥିବା ଗୁଆ ଚାରା ଅତିଥି ଓ ଅଭିଭାବକ ମାନଙ୍କୁ ବାଣ୍ଟିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ପୂଜାରାଣୀ ଦେବସା ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୌରୀ ନର୍ସିଂ କଲେଜରେ ସାଇବର ସୁରକ୍ଷା ସଚେତନତା



**ବଣାଇଁଗଡ଼, ୨୦।୮ (ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ ମଧୁପୁର ସ୍ଥିତ ଗୌରୀ ନର୍ସିଂ କଲେଜରେ ସାଇବର ସୁରକ୍ଷା ସଚେତନତା ଓ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବଣାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ପିଙ୍କି କୁମାରୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ଆଇ ଆଦିତ୍ୟ ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଇବର ଅପରାଧ, ଅନଲାଇନ୍ ଠକେଇ ଏବଂ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଏସ୍‌ଆଇ ପର୍ଶୁରାମ ମହାନ୍ତ, କଲେଜର ପରିଚାଳନା ନିର୍ଦ୍ଦେଶକ ରାଜୁ ପୃଷେଠ ଓ କବିତା ସାହୁ ଯୋଗଦେଇଥିଲେ। କଲେଜର ପ୍ରିନ୍ସିପାଲ ରିମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସଂକଳ୍ପ' ପକ୍ଷରୁ ଚାରାରୋପଣ




**ରାଉରକେଲା, ୨୦।୮ (ସମିସ):** ସାଂସ୍କୃତିକ କଳାପରିଷଦ 'ସଂକଳ୍ପ' ରାଉରକେଲା ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ରାଉରକେଲା ସେକ୍ଟର-୨୦ସ୍ଥିତ ସୋମନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟର ଉପସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ରମେଶ ଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂକଳ୍ପ ପକ୍ଷରୁ ଏହାର ସାଧାରଣ ସମ୍ପାଦକ ପ୍ରକାଶ କୁମାର ସାହାଣୀ, କୋଷାଧ୍ୟକ୍ଷ କୁଞ୍ଜନଲାଲ ବୋଷ, ପର୍ଶୁରାମ ପଟ୍ଟନାୟକ, ଅକ୍ଷୟ ଧଳ, ପ୍ରିୟଦର୍ଶନ ରାଉତ, ବଟକୃଷ୍ଣ ଶତପଥୀ, ପ୍ରବିର ଜେନା ଓ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସନାତନ ଭଦ୍ର, ଅର୍ଜୁନ ଭୋଇ, ବାଇଧର ପ୍ରଧାନ, ପି.ସି. ପତି, ପ୍ରଫୁଲ୍ଲ ଭୋଇ, ସୁଧାଂଶୁ ଶେଖର ସୂତାର, ନବୀନ ପୃଷ୍ଟି ଏବଂ ସାଗରିକ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଏହାର ସାଧାରଣ ସମ୍ପାଦିକା ଜୟନ୍ତୀ ଦାସ, ରମାକାନ୍ତ ରଥ, ସୌଦାମିନୀ ସାହୁ, ସୁଚିତ୍ରା କାନୁନ୍‌ଗୋ, ଗାୟତ୍ରୀ ରାଉତ ଓ ପ୍ରମିଳା ରଣା ପ୍ରମୁଖ ଅଂଶଗ୍ରହଣ କରି ଚାରା ରୋପଣ କରିଥିଲେ।

# ଜାତୀୟ ସମ୍ମିଳନୀରେ ଜିଏସ୍‌ଟି-୨.୦ ସଂସ୍କାର ଉପରେ ମାନସମନ୍ଥନ

**ରାଉରକେଲା, ୨୦।୮ (ସମିସ):** ଏନ୍‌ଆଇଟି ରାଉରକେଲାରେ 'ଜିଏସ୍‌ଟି ୨.୦ ସଂସ୍କାର: ବିକଶିତ ଭାରତ-୨୦୪୭' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏନ୍‌ଆଇଟି ରାଉରକେଲାର ମାନବିକ ଓ ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସ୍ଏସ୍ଆର୍) ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ଏହି ସମ୍ମିଳନୀରେ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, କର ପ୍ରଶାସକ, ଶିଳ୍ପ ବିଶେଷଜ୍ଞ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇ ଭାରତର ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ବ୍ୟବସ୍ଥାର ବିକାଶ ଏବଂ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ଦିଗରେ ଦେଶର ଆର୍ଥିକ ଓ ରାଜସ୍ୱ ଯାତ୍ରାରେ ଏହାର ଭୂମିକା ଉପରେ ମତବିନିମୟ କରୁଛନ୍ତି।



ଉଦ୍‌ଘାଟନୀ ଅଧିବେଶନରେ ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି (ଏନ୍‌ଆଇପିଏଫ୍‌ପି)ର ନିର୍ଦ୍ଦେଶକ ପ୍ରଫେସର ଆର୍. କବିତା ରାଓ ମୁଖ୍ୟ ଅତିଥି ଭାବେ ଏବଂ ରାଉରକେଲା କମିଶନରେଟ୍ ଅଫ୍ ଜିଏସ୍‌ଟି ଆଣ୍ଡ ସେଣ୍ଟ୍ରାଲ ଏକ୍ସାଇଜ୍, ଭୁବନେଶ୍ୱର ଜୋନ୍‌ର କମିଶନର ଭି. ପାଣ୍ଡିରାଜା ଅତିଥି ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ ମାନବିକୀ ଓ ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜଳନ୍ଧର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଡ. ଇସ୍ମିତା ରାୟ ଆବାହକ ଏବଂ ପ୍ରଫେସର ନାରାୟଣ ସେଠୀ ସହ-ଆବାହକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଡ. ଇସ୍ମିତା ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଜଳନ୍ଧର ପ୍ରଧାନ ଜନସାଂଖ୍ୟିକ ଦୃଷ୍ଟିକୋଣରୁ ଜିଏସ୍‌ଟି ସଂସ୍କାରର ସମୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏନ୍‌ଆଇଟି ରାଉରକେଲାର ଡିନ୍-ଷ୍ଟୁଡେଣ୍ଟ ୱେଲଫେୟାର ପ୍ରଫେସର ରାଜୀବ କୁମାର ପଣ୍ଡା 'ବିକଶିତ ଭାରତ‌ଅ୨୦୪୭'କୁ ବୈଷୟିକ ଭାବେ ସୁଦୃଢ଼, ଆର୍ଥିକ ଭାବେ ସ୍ଥାୟୀ ଏବଂ ସାମାଜିକ ଭାବେ ସମାବେଶୀ ଭାରତ ଗଠନର ଏକ ସଂକଳ୍ପ ବୋଲି ବର୍ଣ୍ଣନା କରିଥିଲେ।

ଏନ୍‌ଆଇଟି ରାଉରକେଲାର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ଅନୁଷ୍ଠାନିକ ପ୍ରଶାସନ ଓ ଅନୁପାଳନ କ୍ଷେତ୍ରରେ ଜିଏସ୍‌ଟି ସଂସ୍କାରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥି ପ୍ରଫେସର ଆର୍. କବିତା ରାଓ ୨୦୪୭ ସୁଦ୍ଧା ଭାରତର ବିକାଶ ଯାତ୍ରାରେ ଜିଏସ୍‌ଟି ସଂସ୍କାରର ଭୂମିକା ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲେ।

# ଫଟୋଗ୍ରାଫି ଆସୋସିଏସନ୍‌ର ବିଶ୍ୱ ଫଟୋଗ୍ରାଫି ଦିବସ

**ରାଉରକେଲା, ୨୦।୮ (ସମିସ):** ରାଉରକେଲା ଫଟୋଗ୍ରାଫି ଆସୋସିଏସନ୍ ପକ୍ଷରୁ ଉଦିତନଗର ସ୍ଥିତ ଫିଟନେସ୍ ପାର୍କଠାରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଛି। ଆରଏମସି ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲାର ୧୦୦ରୁ ଅଧିକ ଫଟୋଗ୍ରାଫର ଯୋଗ ଦେଇଥିଲେ। କେକ୍ କାଟି ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଫଟୋଗ୍ରାଫରମାନଙ୍କ ସମସ୍ୟା, ସେମାନଙ୍କ ସ୍ୱାର୍ଥ ଓ ଆବଶ୍ୟକତା ଉପରେ ଆଲୋଚନା କରାଯାଇ ଏକାଠି ହୋଇ କିପରି ସହଯୋଗର ହାତ ବଢ଼ାଯାଇପାରିବ, ସେନେଇ ମତ ବିନିମୟ କରାଯାଇଥିଲା। ରାଉରକେଲା ଫଟୋଗ୍ରାଫି ଆସୋସିଏସନ୍‌ର ଅଧ୍ୟକ୍ଷ ପ୍ରକାଶ କୁମାର ମହାକୁଳ, କାର୍ଯ୍ୟକାରୀ ଅଧ୍ୟକ୍ଷ ଦିଲୀପ ମହାନ୍ତି, ସମ୍ପାଦକ ସନ୍ତୋଷ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ମହାପାତ୍ର, ମୁଖ୍ୟ ପରାମର୍ଶଦାତା ଅତୁଲ ସାଙ୍ଗଭି, ପରାମର୍ଶଦାତା ବିଟ୍ଟୁ ମହାନ୍ତି ଓ ଶିବ ପଣ୍ଡାଙ୍କ ସମେତ ସନ୍ତୋଷ ବେହେରା, ରାଜେଶ ଦାନପତ, ଉମାଶଙ୍କର ପାତ୍ର, ମନୋଜ ନାଏକ, ମନୋଜ ରାଉତ, ସୋମ, ଅରୁଣ, ଲୁନା ମହାନ୍ତି, ଟୁନା ବଲ୍, ପିଣ୍ଟୁ, ସନ୍ତୋଷ ଠାକୁରଙ୍କ ସମେତ ବହୁ ଫଟୋଗ୍ରାଫର ଉପସ୍ଥିତ ଥିଲେ। କିଛି ଲୋକଙ୍କୁ ଛତା ପ୍ରଦାନ କରାଯାଇଥିଲା। ଏହା ସହିତ ଓଡ଼ିଶା ଫଟୋଗ୍ରାଫର ମହାସଂଘର ସହଯୋଗରେ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଫଟୋ ଫେୟାରର ପୋଷ୍ଟର ମଧ୍ୟ ଉନ୍ମୋଚନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଫଟୋଗ୍ରାଫରମାନଙ୍କ ମଧ୍ୟରେ ଏକତା, ସହଯୋଗ ଓ ଭାଇଚାରାର ନୂଆ ବାର୍ତ୍ତା ଦେଇଥିଲା।



# ଆଞ୍ଚଳିକସ୍ତରୀୟ କବାଡ଼ି ଓ ଖୋଖୋ ପ୍ରତିଯୋଗିତା



**କୁତ୍ରା, ୨୦।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ଗଏରବାହାଲ ଜୋନ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ କବାଡି ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁସୁମଡେଗି, ପଞ୍ଜୋରା, ବିଦ୍ୟାଜ୍ୟୋତି ବାଳିକା ଉଚ୍ଚ ବିଦ୍ୟାଳୟ, କହୁପାଣି, ସରକାରୀ ପି. ଏମ୍ . ଶ୍ରୀ ଉଚ୍ଚ ବିଦ୍ୟାଳୟ, କିରିଙ୍ଗସେରା ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗଏରବାହାଲର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ଡାକ ଓ ଟେଲିଫୋନ ସେବାର ଅବସରପ୍ରାପ୍ତ ଅଧିକାରୀ ଦେଖୁ ସିଂ ତୁରୁୱାର ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗଏରବାହାଲ ଡାକ୍ତରଖାନାର ଡାକ୍ତର ରଶ୍ମୀପ୍ରିୟା ଡୁଙ୍ଗ ଡୁଙ୍ଗ, କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ ବ୍ରିଦ୍ଧି ଚନ୍ଦ୍ର ବିଲୁଙ୍ଗ, ସୁଚିତ୍ରା ସାହୁ, ବିଦ୍ୟାଳୟର ସଭାପତି ଗୋସନାର ମିଞ୍ଜ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ତୁରୁୱାର ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲାର କ୍ରୀଡ଼ା ପରମ୍ପରା ବିଷୟରେ କହିଥିଲେ। କ୍ରୀଡା ପରିଚାଳନାରେ ଶିକ୍ଷକ ରୋଶନ ପ୍ରସାଦ, ଶକୁନ୍ତଳା ପ୍ରଧାନ, ପୁଲକ ପ୍ରଧାନ ଅଂଶ ୍ରହଣ କରିଥିଲେ ଓ ଶିକ୍ଷକ ବରୁଣ ନିଶାଲ, ପୂଜାରାଣୀ ଦେବସା ସମସ୍ତ କ୍ଷେତ୍ରରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ପି ଦ୍ୱାରା ବିଶିଷ୍ଟ କ୍ରୀଡ଼ାବିତ୍ ସମ୍ମାନିତ

**ରାଉରକେଲା, ୨୦।୮ (ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ୧୭ ଜଣ ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ୩ ଜଣ ପ୍ରଶିକ୍ଷକଙ୍କୁ ସିଭିକ୍ ସେଣ୍ଟରଠାରେ ଆୟୋଜିତ ସମ୍ମାନ ସମାରୋହ-୨୦୨୬ରେ କ୍ରୀଡ଼ା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଆର୍‌ଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ (ଖଣି ) ଏମ ପି ସିଂହ ଏବଂ ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ବିଭିନ୍ନ କ୍ରୀଡ଼ାରେ ବିଶେଷ କରି ହକି ଓ ପାୱାରଲିଫ୍ଟିଂରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ରୋହିତ ରାଜ ଭଟ୍ଟାଙ୍କୁ ଜୁନିୟର ନ୍ୟାସନାଲ୍ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନଗଦ ପୁରସ୍କାର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ସେହିପରି ବିକ୍ରମ କୁମାର ସିଂଙ୍କୁ ସବ୍-ଜୁନିୟର ନ୍ୟାସନାଲ୍ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ନଗଦ ପୁରସ୍କାର ଓ ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆଲୋକ







କାଣ୍ଡୁଲିନାଙ୍କୁ ଜୁନିୟର ମେନ୍ ନ୍ୟାସନାଲ୍ ହକି ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବାରୁ ସମ୍ମାନିତ କରାଯାଇଥିଲା। ଏହାସହିତ ସେଲ୍‌ଫ ହକି ଏକାଡେମୀର ୧୩ ଜଣ ହକି କ୍ୟାଡେଟ୍ - ମିଲାନ ଆଥୋକପାମ୍, ଅସୀମ ଏଡିସନ୍ କୁଜୁର, ଦର୍ଶନ ସତ୍ୟୱାନ ପ୍ରଧାନ, କୈଳାଶ କୁଜୁର, ବିକାଶ ସ୍ୱାଇଁ, ଦିନେଶ ବାର୍ଲା, ଲାଜରୁସ୍ ଧନୱାର, ମହମ୍ମଦ ଶାହିଦ, ବିକାଶ କୁଜୁର, ୱିନ୍‌ସେଟି ତିର୍କୀ, ସୁମନ କିଣ୍ଡୋ, ଅରୁଣ ଲାକ୍ରା, ବିନୋଦ ଏକ୍କା ଏବଂ କୁନାଲ କାୱରେ- ହକି ଇଣ୍ଡିଆ ସବ୍-ଜୁନିୟର ମେନ୍ ଏକାଡେମୀ ଚାମ୍ପିଅନ୍‌ସିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବାରୁ ସମ୍ମାନିତ ହୋଇଥିଲେ।

ଶ୍ରେଷ୍ଠ ପ୍ରଶିକ୍ଷଣ ପାଇଁ ସମ୍ମାନବର୍ଗରେ ସେଲ୍‌ଫ ହକି ଏକାଡେମୀର ପ୍ରଶିକ୍ଷକ ରାଜୁ କାନ୍ତ ସାଇନିଙ୍କୁ ଜଳନ୍ଧର, ପଞ୍ଜାବ ଠାରେ ଆୟୋଜିତ ୧୫ତମ ହକି ଇଣ୍ଡିଆ ଜୁନିୟର ନ୍ୟାସନାଲ୍ ଚାମ୍ପିଅନ୍‌ସିପ୍‌ରେ ଦଳକୁ ରୌପ୍ୟ ପଦକ ଜିତାଇବାରେ ତାଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

ସେହିପରି ଷ୍ଟ୍ରକ୍‌ଚରାଲ୍ ଆଣ୍ଡ ଫ୍ୟାବ୍ରିକେସନ୍ ସପ୍‌ର ଜୁନିୟର ଇଞ୍ଜିନିୟର ତଥା ଆର୍‌ଏସ୍‌ପି ପାୱାରଲିଫ୍ଟିଂ ଦଳର ପ୍ରଶିକ୍ଷକ ବିକ୍ରମ କୁମାର ସ୍ୱାଇଁଙ୍କୁ ଦିଲ୍ଲୀ ଠାରେ ଆୟୋଜିତ ସବ୍-ଜୁନିୟର ଓ ଜୁନିୟର ଚାମ୍ପିଅନ୍‌ସିପ୍‌ରେ ଖେଳାଳିମାନଙ୍କୁ ପ୍ରଥମ ସ୍ଥାନ ହାସଲ କରାଇବାରେ ତାଙ୍କର ମାର୍ଗଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ସ୍ପୋର୍ଟସ୍ ବିଭାଗର କନ୍‌ସଲ୍‌ଟାଣ୍ଟ କୋଚ୍ ଏ. କେ. ଦ୍ୱିବେଦୀଙ୍କୁ ସୁରଥ ଠାରେ ଆୟୋଜିତ ତୃତୀୟ ହକି ଇଣ୍ଡିଆ ସବ୍-ଜୁନିୟର ମେନ୍ ଏକାଡେମୀ ଚାମ୍ପିଅନ୍‌ସିପ୍‌ରେ ସେଲ୍‌ଫ ହକି ଏକାଡେମୀ ଦଳକୁ ବ୍ରୋଞ୍ଜ ପଦକ ଜିତାଇବାରେ ତାଙ୍କର ମାର୍ଗଦର୍ଶନ ପାଇଁ ଏ ଅବସର ରେ ସମ୍ମାନିତ କରାଯାଇଥିଲା। କାରଖାନାର ନିର୍ବାହୀ ନିର୍ଦ୍ଦେଶକ ସାମଗ୍ରୀ ପ୍ରବନ୍ଧନ ଅନିଲ କୁମାର ଉକ୍ତ ପ୍ରଶିକ୍ଷକ ମାନଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

### ଧାନ ମଣ୍ଡିରେ ଦଲାଲରାଜ୍ ଓ କଟ୍‌ନୀଛଟ୍‌ନୀ ବନ୍ଦ ଦାବି

## ଉପ-ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଯୁବକ ସଂଘର କର୍ମକର୍ତ୍ତା

**ଧର୍ମଗଡ଼, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଅଧୀନ କାଙ୍କେରି ଓ ଆଖପାଖ ଅଞ୍ଚଳର ଧାନ ମଣ୍ଡିଗୁଡ଼ିକରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଦଲାଲ ଓ ଅନଧିକୃତ ଏଜେଣ୍ଟଙ୍କ ହସ୍ତକ୍ଷେପ ଏବଂ କଟ୍‌ନିଛଟ୍‌ନି ବନ୍ଦ ଦାବି ନେଇ ଗୁରୁବାର ମାଁ ଡୁମେରମୁଡ଼େନ୍ ଯୁବକ ସଂଘ, କାଙ୍କେରି ପକ୍ଷରୁ ଧର୍ମଗଡ଼ ଉପ-ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଧାନ ମଣ୍ଡିରେ ନିଜର କଷ୍ଟାର୍ଜିତ ଧାନ ବିକ୍ରି କରିବା ସମୟରେ ପ୍ରକୃତ ଚାଷୀମାନେ ନାନା ପ୍ରକାର ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନୀୟ ଅସାଧୁ ଏଜେଣ୍ଟ ଓ ଦଲାଲଙ୍କ ହସ୍ତକ୍ଷେପ ଯୋଗୁଁ ପ୍ରକୃତ ଚାଷୀମାନେ ନିଜ ଧାନ ବିକ୍ରିରେ ଅସୁବିଧାରେ ପଡ଼ୁଥିବା ଅଭିଯୋଗ ହୋଇଛି। ଏପରିକି ଦଲାଲମାନେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ମଣ୍ଡିରେ ବିକ୍ରି କରୁଥିବାରୁ ପ୍ରକୃତ ଚାଷୀ ନିଜ ଉତ୍ପାଦର ଉଚିତ ମୂଲ୍ୟ ଓ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ସଂଘ ଦର୍ଶାଇଛି। ଅନ୍ୟପକ୍ଷରେ ଧାନ କ୍ରୟ ସମୟରେ ବିଭିନ୍ନ ଆଳରେ ଅନାବଶ୍ୟକ କଟନିଛଟନି କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଏହାଦ୍ୱାରା ଚାଷୀମାନେ ନିଜ ଉତ୍ପାଦର ଯଥୋଚିତ ମୂଲ୍ୟରୁ ବଞ୍ଚିତ ହୋଇ ଆର୍ଥିକ କ୍ଷତି ସହୁଥିବା ସଂଘ କହିଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଧାନ ମଣ୍ଡିରେ ଅନଧିକୃତ ଏଜେଣ୍ଟ ଓ ଦଲାଲଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ବନ୍ଦ, ସରକାରୀ ନିୟମ ଅନୁଯାୟୀ ପ୍ରକୃତ ଚାଷୀଙ୍କଠାରୁ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ଧାନ କ୍ରୟ, ଅନାବଶ୍ୟକ କଟନିଛଟନି ବନ୍ଦ, ମଣ୍ଡିରେ ନିୟମିତ ଯାଞ୍ଚ ଏବଂ ଚାଷୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ମହେଶ୍ୱର ସୁନାନୀଙ୍କ ନେତୃତ୍ୱରେ ସୁନୀଲ ଜଗତ, ଆକାଶ ତାଣ୍ଡି, ଯଇନ୍ଦ୍ର ପଟେଲ, ସୂରଜ ତାଣ୍ଡି, ସମେତ ସଙ୍ଘର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ହାତୀ ଭୟରେ ମାସେହେଲା ବିଦ୍ୟୁତ୍ କାଟ୍

## ଅନ୍ଧାରରେ ଗ୍ରାମବାସୀ; ପାନୀୟ ଜଳ ଯୋଗାଣ ଠପ୍

**ଲାଞ୍ଜିଗଡ଼, ୨୦।୮ (ସମିସ)**

ଗୋଟିଏ ପଟେ ହାତୀ ଆତଙ୍କର କରାଳ ଛାୟା, ଅନ୍ୟପଟେ ଘୋର ଅନ୍ଧାର ସାଙ୍ଗକୁ ପାନୀୟ ଜଳର ସଙ୍କଟ। ବୋଝ ଉପରେ ନଳିତା ବିଡ଼ା ଭଳି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରୁ ଏପରି ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତର କାଠଜାଣିପଦର ଗ୍ରାମଟି ଜଙ୍ଗଲ ନିକଟବର୍ତ୍ତୀ ହୋଇଥିବାରୁ ଏଠାକୁ ପ୍ରାୟତଃ ହାତୀପଲ ମାଡ଼ି ଆସନ୍ତି। ହାତୀ ଦାଉରୁ ରକ୍ଷା ପାଇବା ଏବଂ କୌଣସି ଅଘଟଣକୁ ଏଡ଼ାଇବା ନାଁରେ ଗାଁର ବିଦ୍ୟୁତ୍ ସଂଯୋଗ ଦୀର୍ଘ ଗୋଟିଏ ମାସ ହେଲା ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରି ଦିଆଯାଇଛି। କେବଳ ବିଦ୍ୟୁତ୍ କଟା ଯୋଗୁଁ ଗାଁ ଅନ୍ଧାରରେ ବୁଡ଼ି ରହିନାହିଁ, ବରଂ ଏହାର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ମଧ୍ୟ ପଡ଼ିଛି। ବିଦ୍ୟୁତ୍ ନ ଥିବାରୁ ଗାଁର ପାନୀୟଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଠପ୍



ହୋଇପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ମୁନ୍ଦାଏ ପାନୀୟ ଜଳ ପାଇଁ ଡହକବିକଳ ହେଉଛନ୍ତି। ରାତି ହେଲେ ହାତୀ ଭୟ, ଆଉ ଦିନରେ ଜଳସଙ୍କଟ। ଏଭଳି ଦ୍ୱିମୁଖୀ ଯନ୍ତ୍ରଣା ଭିତରେ ଗ୍ରାମବାସୀ ଏବେ ଦିନ କାଟୁଛନ୍ତି। ବନ୍ୟପ୍ରାଣୀ ଓ ହାତୀଙ୍କ ସୁରକ୍ଷା ନିଶ୍ଚିତ ଭାବେ ଜରୁରୀ, ହେଲେ ଏଥିପାଇଁ ଗୋଟିଏ ଗାଁର ମୌଳିକ ଅଧିକାର ଓ ମାନବୀୟ ସମସ୍ୟାକୁ ଅଣଦେଖା କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜିଲ୍ଲା ପ୍ରଶାସନ, ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ତୁରନ୍ତ ଏହି ଗମ୍ଭୀର ସମସ୍ୟାପ୍ରତି ଦୃଷ୍ଟିଦେଇ ଗାଁକୁ ବିଦ୍ୟୁତ୍ ଯୋଗାଣ ସହ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

## କୁହୁରା ଭାଟି ଛକରୁ ଚାନ୍ଦୋତରା ରାସ୍ତା ଶୋଚନୀୟ

**ଗୋଲାମୁଣ୍ଡା, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁହୁରା ଭାଟି ଛକ ଠାରୁ ଚାନ୍ଦୋତରା ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ରସ୍ତାକୁ ନେଇ ବ୍ଲକର ଲୋକେ ଏ ରାସ୍ତା ଉପରେ ବିଶେଷ ପରିମାଣରେ ନିର୍ଭର କରିଥାନ୍ତି। ହଲେ ରାସ୍ତାରେ ପ୍ରାୟତଃ ଗାତ ଗୁଡ଼ିକ ଭରପୁର ମାତ୍ରାରେ ଥିବାବେଳେ ସଦାସର୍ବଦା ପୋଖରୀ ପରି ପାଣି ଜମାରହୁଛି। ରାସ୍ତାର ଅବସ୍ଥା ଅତିଶୋଚନୀୟ ଥିବାରୁ ଭାରୀଯାନ ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୀବନପ୍ରତି ବିପଦ ଥିବାରୁ ଭାରୀଯାନ ଚଳାଚଳ ବନ୍ଦ ରହିଛି, କେବଳ ଦୁଇ ଚକିଆ ଗାଡି ବି ବହୁ କଷ୍ଟରେ ଯିବା ଆସିବା କରୁଛି। ଏନେଇ ଧର୍ମଗଡ଼ ପୂର୍ତ୍ତବିଭାଗ ଓ ଗ୍ରାମ୍ୟ ନିର୍ମାଣ ବିଭାଗ କର୍ମଚାରୀଙ୍କୁ ଫୋନ ଯୋଗାଯୋଗ କଲେ ଏ ରାସ୍ତାଟି ଆମ



ଗୋଲାମୁଣ୍ଡା ବ୍ଲକ ବିଜେପି କର୍ମୀ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଏହାର ସୁଫଳ ହୋଇପାରି ନାହିଁ। ଏହି ରାସ୍ତାଟି ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାକୁ ଯାଉଥିବା ମୁଖ୍ୟ ରସ୍ତାରେ ସଂଯୋଗ ଥିବା ବେଳ ଗୋଲାମୁଣ୍ଡା ବିଭାଗର ନୁହଁ ବୋଲି ସଫେଇ ଦେଉଥିବା ବେଳେ ଲୋକେ କାହାକୁ ଗୁହାରି କରିବେ ବୋଲି ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି। ଏ ଦିଗରେ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାପାଳ ଦୃଷ୍ଟିଦେଇ କାମ ନିର୍ମାଣ କରିବାକୁ ସାଧାରଣ ରେ ଦାବି ହେଉଛି।

## କଲେଜ ମାଗାଜିନ ଓ କ୍ୟାଲେଣ୍ଡର କିଣାରେ ଦୁର୍ନୀତି ଅଭିଯୋଗ

**କେସିଙ୍ଗା, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ମହାବିଦ୍ୟାଳୟରେ କଲେଜ ମାଗାଜିନ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛି ଛାତ୍ର ସଂଘ। କଳାହାଣ୍ଡି ଛାତ୍ର ସଂଘର ସଭାପତି ଅନୁଭବ ମହାନ୍ତିଙ୍କ କହିବା ଅନୁସାରେ କେସିଙ୍ଗା ମହାବିଦ୍ୟାଳୟରେ ୧୭ ଶହ ମାଗାଜିନ କିଣାଯାଇଛି ଯାହାର ଟଙ୍କା ପଇଠକୁ ନେଇ ଦୁର୍ନୀତିର ଗନ୍ଧ ବାହାରୁଛି। ତତ୍ ସଙ୍ଗେସଙ୍ଗେ କଲେଜ କ୍ୟାଲେଣ୍ଡର ପାଇଁ କଲେଜ ପକ୍ଷରୁ ୧ ଲକ୍ଷ ଉପରେ ଟଙ୍କା ବିଲ ହେଇଛି କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କ୍ୟାଲେଣ୍ଡର କଲେଜରେ ପହଞ୍ଚି ନାହିଁ, ଯାହାକୁ ନେଇ କେସିଙ୍ଗା ଛାତ୍ର ସଂଘର ସଭାପତି ଅନୁଭବ ପଟ୍ଟନାୟକ ନେତୃତ୍ୱରେ ଛାତ୍ର ମାନେ କଲେଜ ବିରୁଦ୍ଧରେ ଯୁଦ୍ଧମ୍‌ଦେହି ଡାକରା ଦେଇଛନ୍ତି। ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଉଚ୍ଚ ଶିକ୍ଷା ବିଭାଗ ଓ ପରିଚାଳନା କମିଟିର ଅଧ୍ୟକ୍ଷ ଉପ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମିଳିବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଗୁରୁବାର କଲେଜ ଯାଇ ତଦନ୍ତ କରିଥିଲେ। ତଦନ୍ତର ରିପୋର୍ଟ ଉପଜିଲ୍ଲାପାଳଙ୍କୁ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସେପଟେ କିଛି ଦିନ ତଳେ କେସିଙ୍ଗା କଲେଜ ଅଧକ୍ଷ ପଦରୁ ଅବସର ନେଇଥିବା ପୂର୍ବତନ ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କୁ ଉକ୍ତ ବିଷୟ ଉପରେ ପଚାରିବାରୁ ସେ ସମସ୍ତ ଦୁର୍ନୀତିକୁ ଖଣ୍ଡନ କରିବା ସହିତ ସମସ୍ତ କାର୍ଯ୍ୟ ନିୟମ ଅନୁଯାୟୀ ହୋଇଛି ବୋଲି ପ୍ରତିକ୍ରିୟା ଦେଇଥିଲେ।

## ବିଜେଡି ପକ୍ଷରୁ ଶିବାଜୀ ମାଝୀଙ୍କ ଶ୍ରଦ୍ଧାଞ୍ଜଳି



**ଭବାନୀପାଟଣା, ୨୦।୮ (ସମିସ):** ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ତଥା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝୀଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଭବାନୀପାଟଣାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ଯୋଗଦେଇ ଶିବାଜୀ ମାଝୀଙ୍କ ଅକାଳ ବିୟୋଗ ବିଜୁ ଜନତା ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ବରିଷ୍ଠ ନେତା ପ୍ରଦୀପ ମୁଣ୍ଡ, ଜିଲ୍ଲା ଯୁବ ସଭାପତି ଅବିନାଶ ଠାକୁର, ମହିଳା ଜୋନ ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ସମ୍ପାଦକ ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ବାବୁ ଖାନ୍, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ପ୍ରଶାନ୍ତ ନାଏକ, ଜଜାତୀ ନାଏକ, ବଦ୍ରିନାରାୟଣ ପଟ୍ଟନାୟକ, ପୂର୍ବତନ ନଗରପାଳ ସଞ୍ଜୁକ୍ତା ବେହେରା, ଅବଦୁଲ କାଦୀର, ସମୀତା ନାୟକ, କ୍ଷିରସିନ୍ଧୁ ନାଏକ, ନୀହାର ମିଶ୍ର, ସେନାପତି ନାଏକ, ଶିବା ସାହୁ, ନିଳାମ୍ବର ସାହୁ, ରଞ୍ଜୁକ୍ତା ପ୍ରଧାନ, ପରମାନନ୍ଦ ମାଝୀ, ଗଣେଶ ବାଗ, ପ୍ରତିଭା ଚୋହାନ, ମାନସ ସିନ୍ଦୂର, ଭୋଲା ନାଥ ନାଗ, ରବିଚନ୍ଦ୍ର ନାଏକ, ପ୍ରଶାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ।

## କାଣିଗୁମାରେ ଓଲଟିଲା କାଠ ବୋଝେଇ ଟ୍ରକ୍

### ଚାଳକ ଓ ହେଲ୍‌ପର ଆହତ

**ଥୁଆମୂଳ ରାମପୁର, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର-ଭବାନୀପାଟଣା ମୁଖ୍ୟରାସ୍ତାର କାଣିଗୁମା ନିକଟରେ ଏକ ନୀଳଗିରି କାଠ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ବୁଧବାର ରାତି ପ୍ରାୟ ୯ଟା ୩୦ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଟ୍ରକ୍‌ର ଚାଳକ ଓ ହେଲ୍‌ପର ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ ସ୍ୱରାଜ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ସୂଚନାପାଇ ଥୁଆମୂଳ ରାମପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲ୍ଲାହୋରସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଥାନା ଅଧିକାରୀଙ୍କ ସୂଚନା ଅନୁସାରେ, ରାସ୍ତା ନିର୍ମାଣ କାମ ଚାଲିଥିବା ବେଳେ ରାସ୍ତା କଡ଼ରେ ପଡ଼ିଥିବା ନୂଆ ମାଟି ଯୋଗୁଁ ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ଏହି ଟ୍ରକଟି ରାୟଗଡ଼ା ଜିଲ୍ଲାର କାଶୀପୁର ଅଞ୍ଚଳରୁ ନିଳଗିରି କାଠ ବୋଝେଇ କରି ଭବାନୀପାଟଣା ଦେଇ ଉତ୍ତରପ୍ରଦେଶ ଯିବାକୁ ଥିଲା। ତେବେ କାଣିଗୁମା ନିକଟରେ ହଠାତ୍ ଭାରସାମ୍ୟ ହରାଇ ଟ୍ରକଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଘଟଣା ପରେ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ତଦାରଖ କରିଛି।

## ପୋଲରେ ବିରାଟ ଗର୍ତ୍ତ; ବିପଦରେ ଯାତାୟାତ

**ଥୁଆମୂଳ ରାମପୁର, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକରେ ଗମନାଗମନ ବ୍ୟବସ୍ଥାର ଆଉ ଏକ ବିପଦସଙ୍କୁଳ ଚିତ୍ର ସାମ୍ନାକୁ ଆସିଛି। ସାଇସୁରୁଣୀଠାରୁ ନାକୁରୁଣ୍ଡିକୁ ସଂଯୋଗ କରୁଥିବା ରାସ୍ତାର ଉଷାମସ୍କା ନିକଟରେ ଥିବା ଏକ ଛୋଟ ପୋଲରେ ବଡ଼ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହି ରାସ୍ତାଦେଇ ପ୍ରତିଦିନ ସରକାରୀ ବସ୍ ସମେତ ବହୁ ସଂଖ୍ୟକ ଛୋଟବଡ଼ ଯାନବାହନ ଚଳାଚଳ କରୁଛି। ବିଶେଷକରି ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ମାର୍ଗ ହୋଇଥିବାରୁ ପୋଲର ଏଭଳି ଅବସ୍ଥା ଯାତ୍ରୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ଦୁର୍ଗମ ଅଞ୍ଚଳକୁ ଗମନାଗମନ ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଭଳି ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ତେବେ ରାସ୍ତା ନିର୍ମାଣ ପରେ ଏହାର ନିୟମିତ ରକ୍ଷଣାବେକ୍ଷଣ ଓ ମରାମତି ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଅଞ୍ଚଳରେ ରାସ୍ତାର ବିଭିନ୍ନ ସ୍ଥାନରେ ମଧ୍ୟ ଯାତାୟାତରେ ଅସୁବିଧା ଦେଖାଦେଉଥିବା ଅଭିଯୋଗ ରହିଛି। ବିଶେଷକରି ବସ୍ ଭଳି ଭାରୀଯାନ ଚଳାଚଳ ସମୟରେ ରାସ୍ତାର ଦୁର୍ବଳ ଅଂଶଗୁଡ଼ିକ ଅଧିକ ବିପଦ ସୃଷ୍ଟି କରୁଥିବା କୁହାଯାଉଛି। ଏଭଳି ସ୍ଥିତିରେ ଉକ୍ତ ପୋଲର ତୁରନ୍ତ ମରାମତି କରିବା ସହ ରାସ୍ତାର ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନଗୁଡ଼ିକର ମଧ୍ୟ ଯାଞ୍ଚ କରି ଆବଶ୍ୟକ ମରାମତି କରିବାକୁ ଦାବି ହେଉଛି।



### ଭାତ ଫିଙ୍ଗା ଘଟଣାରୁ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା

## ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇ ମୃତ

**ଭବାନୀପାଟଣା, ୨୦।୮ (ସମିସ):** ଭବାନୀପାଟଣା ସଦର ଥାନା ଅଧୀନ ବଳରାମପୁର ଗ୍ରାମରେ ଆଜି ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ରନ୍ଧା ଭାତକୁ ଫିଙ୍ଗିବାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଉଭୟେ ନିଶାସକ୍ତ ଅବସ୍ଥାରେ ଥିବା ପୁଲିସ କହିଛି। ସାମାନ୍ୟ ବଚସାରୁ ଆରମ୍ଭ ହୋଇଥିବା ଝଗଡ଼ା ତୀବ୍ର ହେବାପରେ ଧାରୁଆ ଅସ୍ତ୍ର ଧରି ଦୁଇଭାଇ ପରସ୍ପର ଆକ୍ରମଣ ପ୍ରତି ଆକ୍ରମଣ କରିଥିଲେ। ଶେଷରେ ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଘଟଣାରୁ ପ୍ରକାଶ ଯେ ବଳରାମପୁର ଗ୍ରାମ ଶବର ପଡ଼ାରେ ଏହି ଦୁଇଭାଇ କୁଳମଣି ଶବର(୩୫) ଓ ଧର୍ମୁ ଶବର(୩୨) ରହୁଥିଲେ। ଗୋଟିଏ ଘରେ ରହିଲେ ମଧ୍ୟ ଉଭୟଙ୍କ ଭିତରେ ସମ୍ପର୍କ ଭଲ ନଥିଲା। ସାନ ଭାଇ ଧରମୁ ଶବର ଖାଇବା ପାଇଁ ପ୍ରସ୍ତୁତ ଥିବା ଭାତକୁ ବଡ଼ଭାଇ କୁଳମଣି ଫିଙ୍ଗିଦେବା ପରେ ଝଗଡ଼ା ଉଗ୍ରରୂପ ନେଇଥିଲା। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଧର୍ମୁ ଶବରଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା ଜାରି ରଖିଛି। ଏନେଇ ଭବାନୀପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସମସ୍ତ ସୂଚନା ଦେଇଛନ୍ତି।

## ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ

**କେସିଙ୍ଗା, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ନଗର କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରଦ୍ଧାଞ୍ଜଳି ସଭା ନଗର କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଟାଉନ୍ ସଭାପତି ସୁବାସ ଜୈନଙ୍କ ନେତୃତ୍ୱରେ କେସିଙ୍ଗା କଂଗ୍ରେସର ସମସ୍ତ ନେତା ଓ କର୍ମୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କର ସଦ୍‌ଭାବନା, ଏକତା, ପ୍ରଗତି ଓ ସମାନ ସୁଯୋଗର ଚିନ୍ତାଧାରା ଆମ ସମସ୍ତଙ୍କ ପାଇଁ ସଦା ପ୍ରେରଣା ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ରାମ କୁମାର ଜୈନ, ରାମଜୀ ମାତଖଣ୍ଡିଆ, ପୂର୍ବତନ ନଗର ସଭାପତି ଦୟାସାଗର ସାହା, ପ୍ରତାପ ବାଗ, ଧରଣୀ ନାୟକ, ବସନ୍ତ ନାୟକ, ବିଶ୍ୱାସୀ ନାୟକ, ଋଷିରାଜ୍ ଗୌଡ଼, ମୋତି କୈବର୍ତ୍ତ, ନବୀନ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଶିବାଜୀ ମାଝୀଙ୍କ ସ୍ମୃତିରେ ବିଜେପୁରରେ ଶୋକସଭା

**ଲାଞ୍ଜିଗଡ଼, ୨୦।୮ (ସମିସ):** ପୂର୍ବତନ ବିଧାୟକ ଶିବାଜୀ ମାଝୀଙ୍କ ବିୟୋଗରେ ବିଜେପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସ୍ମୃତିରେ ବିଜେପୁରଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝୀ, ରାଜେନ୍ଦ୍ର ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ଦେବାଗିର ନାଏକ, ରଞ୍ଜିତ ନାଏକ, ନିରାକାର ବାଗ, ଡମେ ମାଝୀ, ଟେକୁରାମ ପାଣି, ରମେଶ କରୁଆଁ, ଜଗତ ନାଏକ, ଦେବେନ୍ଦ୍ର ମାଝୀ, ଇନ୍ଦ୍ର ମାଝୀ, ଅର୍ଜୁନ ନାଏକ, ବଳବ ମାଝୀ, ଉଦ୍ଧବ ନାଏକଙ୍କ ସମେତ ଜନସାଧାରଣ, ରାଜନୈତିକ କର୍ମୀ ଓ ସମର୍ଥକମାନେ ଯୋଗଦେଇଥିଲେ। ସମସ୍ତେ ସ୍ୱର୍ଗତ ଶିବାଜୀ ମାଝୀଙ୍କ ଫଟୋଚିତ୍ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବକ୍ତାମାନେ ତାଙ୍କର ସରଳ, ମିଶୁକ ସ୍ୱଭାବ ଏବଂ ଜନସେବାକୁ ସ୍ମରଣ କରିଥିଲେ।




## ଆଇକନିକ୍ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସିଦ୍ଧାର୍ଥଙ୍କ ସଫଳତା

**ଧର୍ମଗଡ଼, ୨୦।୮ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ପର୍ଲା ଆଦର୍ଶ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ରଙ୍କ ଅଭୁତପୂର୍ବ ସଫଳତାକୁ ନେଇ ସମଗ୍ର ଅଞ୍ଚଳରେ ଏବେ ଖୁସି ଓ ଗର୍ବର ମାହୋଲ ଖେଳିଯାଇଛି। ବିଦ୍ୟାଳୟର କୃତୀ ଛାତ୍ର ସ୍ୱପ୍ନନୀଳ ସିଦ୍ଧାର୍ଥ ଜାଲ୍ ଭୁବନେଶ୍ୱର ସ୍ଥିତ ପ୍ରତିଷ୍ଠିତ 'ଆଇକୋନିକ ଆଦର୍ଶ ବିଦ୍ୟାଳୟ'ର ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ତଥା ନିଜ ଅଞ୍ଚଳର ନାମ ରୋଶନ କରିଛନ୍ତି। ସ୍ୱପ୍ନନୀଳ ଆରମ୍ଭରୁ ଜଣେ ମେଧାବୀ ଓ ପରିଶ୍ରମୀ ଛାତ୍ର ଭାବେ ପରିଚିତ। ପୂର୍ବରୁ ସେ ବୋର୍ଡ ମାଟ୍ରିକ ପରୀକ୍ଷାରେ ୯୨.୨ ପ୍ରତିଶତ ମାର୍କ ରଖି ପର୍ଲା ଆଦର୍ଶ ବିଦ୍ୟାଳୟର ସର୍ବୋଚ୍ଚ ସ୍ଥାନ ବା ଟପ୍ପର ହେବାର ଗୌରବ ଅର୍ଜନ କରିଥିଲେ। ଏହି ଉଲ୍ଲେଖନୀୟ ସଫଳତା ପରେ ସେ ଭୁବନେଶ୍ୱରର ପ୍ରସିଦ୍ଧ ବିଜେବି କଲେଜରେ ଅଧ୍ୟୟନ କରିବା ପାଇଁ ମନୋନୀତ ହୋଇ ସେଠାରେ ନିଜର ଉଚ୍ଚଶିକ୍ଷା ଜାରି ରଖିଥିଲେ।



# ନୂଆପଡ଼ାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

**ସିନାପାଲି, ୨୦।୮ (ସମିସ)**

ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ, ଆର୍ ଆଣ୍ଡ ବି, ଖରିଆର ଶଶାଙ୍କ ଶେଖର ଶୁକ୍ଳା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପୂର୍ବ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର ନିଷ୍ପତ୍ତିଗୁଡ଼ିକର ଅନୁପାଳନ ରିପୋର୍ଟ ଏବଂ ଆଜିର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ସହରାଞ୍ଚଳରେ ଟ୍ରାଫିକ୍ ଭିଡ଼ ଓ ସଡ଼କ ଦୁର୍ଘଟଣା ଆଶଙ୍କା ହ୍ରାସ ପାଇଁ ନୂଆପଡ଼ା, ଖରିଆର ରୋଡ୍ ଓ ଖରିଆର ଏନ୍‌ଏସି ଅଞ୍ଚଳରେ ଭାରୀଯାନ ପ୍ରବେଶକୁ ନିୟନ୍ତ୍ରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସକାଳ ୭ଟାରୁ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସହର ଅଞ୍ଚଳକୁ ଭାରୀଯାନ ପ୍ରବେଶ ନିଷେଧ କରାଯିବ। ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ କରାଯାଇଥିବା ଯାନବାହନକୁ ତୁରନ୍ତ ହଟାଇବା ପାଇଁ ନୂଆପଡ଼ା, ଖରିଆର ରୋଡ୍ ଓ ଖରିଆର ଏନ୍‌ଏସି ପକ୍ଷରୁ କ୍ରେନ୍ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୫ ସୁଦ୍ଧା କ୍ରେନ୍ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁସେ ନିର୍ଦ୍ଦେଶ ଦେଇଥିଲେ। ବିଜୁ ଏକ୍ସପ୍ରେସ୍‌ୱେରେ ଯେଉଁ ସ୍ଥାନଗୁଡ଼ିକରେ ଡାଇଭର୍ସନ କରାଯାଇଛି, ସେଠାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ସହ ମରାମତି କାର୍ଯ୍ୟ ଶୀଘ୍ର ସମାପ୍ତ କରି ଦୁର୍ଘଟଣା ରୋକିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୨୬ ଜାନୁଆରୀରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ହେଲମେଟ୍ ବିନା ଗାଡ଼ି ଚଳାଇବା ଅଭିଯୋଗରେ ମାସୱାରୀ ଭାବେ ୬୦୧, ୭୦୨, ୭୯୭, ୬୨୯, ୨୨୫, ୩୦୯, ୧୬୭ ଓ ୩୮୨ଟି ଚାଲାଣ ଜାରି ହୋଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାରେ ଏହି ସମୟ ମଧ୍ୟରେ ମୋଟ ୧୭୦ଟି ଚାଲାଣ କରାଯାଇଥିବା ତଥ୍ୟ ବୈଠକରେ ଉପସ୍ଥାପିତ ହୋଇଥିଲା।"ଜୁନ୍ ୨୦୨୬ରେ ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ମୋଟ ୪୬୪ଟି ଇ-ଚାଲାଣ ଜାରି ହୋଇଥିଲା। ସେଥିମଧ୍ୟରେ ୧୬୭ଟି ହେଲମେଟ୍ ବିନା ଚାଳନା, ୬୬ଟି ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ୬ଟି ମାଲବାହୀ ଯାନରେ ଯାତ୍ରୀ ପରିବହନ ଓ ୪ଟି ଓଭରଲୋଡ୍ ମାମଲା ରହିଥିଲା। ଏହି ମାସରେ ୪୦୧ଟି ଇ-ଚାଲାଣ ମାମଲାରୁ ମୋଟ ୧୫ ଲକ୍ଷ ୫୧ ହଜାର ୫୬୫ ଟଙ୍କା ଜରିମାନା ଆଦାୟ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଉମାକାନ୍ତ ମେହେର, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଆର୍ ଆଣ୍ଡ ବି ଏସଡିଓ ସୁକାନ୍ତ ଗରଡ଼ିଆ, ଏମ୍‌ଭିଆଇ ଉପେନ୍ଦ୍ର ପୁଷ୍ପିକା, ନୂଆପଡ଼ା, ଖରିଆର ଓ ଖରିଆର ରୋଡ୍ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



## ଏନ୍‌ଏସ୍‌ଏସ୍ ଅଧିକାରୀ ପାଇଲେ ରାଜ୍ୟସ୍ତରୀୟ 'ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ'




**ଭବାନୀପାଟଣା, ୨୦।୮ (ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ରେ ସମ୍ମାନୀତ ହୋଇଛନ୍ତି। ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ୮୨ ତମ ଜୟନ୍ତୀରେ ଜାତୀୟ ଶିକ୍ଷା କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିବା ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କୁ ଏହି ସମ୍ମାନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ପିସିସି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସଭାପତି ସତ୍ୟବ୍ରତ ନାଏକ, ଓଡ଼ିଶା ବିଧାନସଭା କଂଗ୍ରେସ ବିରୋଧି ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ଏମ୍‌ସ୍‌ର ପୂର୍ବତନ ଅଧକ୍ଷ ଡା. ଅଶୋକ ମହାପାତ୍ରଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦତ୍ତ କରାଯାଇଛି। ସମାଜସେବା ଓ ଯୁବ ପିଢିଙ୍କ ପାଇଁ ଅନବରତ କାର୍ଯ୍ୟ କରୁଥିବା ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ସେବା ଓ କୃତିତ୍ୱକୁ ସମ୍ମାନୀତ କରିବା ପାଇଁ ଏହି ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ଦିଆଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ତଥା ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ବ୍ୟକ୍ତିର ପଡ଼ୋଶୀ ବେରୋଜଗାର ହେଲେ 'ପାରିପାର୍ଶ୍ୱିକ-ସ୍ଥାଣୁତା' ସୃଷ୍ଟି ହୁଏ, ନିଜେ ସେହି ପରିସ୍ଥିତିରେ ପଡ଼ିଲେ ତା' ପାଇଁ ଅବସାଦ ଜନ୍ମ ନିଏ।

-ଏଚ୍ ଏସ୍ ଟ୍ରୁମ୍ୟାନ୍

## ଏମାନେ ଗରିବ ବୋଲି?

ବିଶ୍ୱର କେଉଁ ଅଞ୍ଚଳରେ ଯଦି ଯୁଦ୍ଧ ହୁଏ ପ୍ରବାସୀ ଭାରତୀୟଙ୍କୁ ଉଦ୍ଧାର କରିବାକୁ ଭାରତ ସରକାର ତତ୍ପର ହୋଇପଡ଼ନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିମାନ ଯୋଗେ ସେମାନଙ୍କୁ ଉଦ୍ଧାର କରାଯାଏ। ଏହାର ଉଦାହରଣ ବହୁଳ। ୨୦୧୩ରେ ଉତ୍ତରାଖଣ୍ଡରେ ବନ୍ୟାଦୁର୍ଗତଙ୍କୁ ଉଦ୍ଧାର କରିବା ପାଇଁ ଗୁଜରାଟରୁ ହେଲିକପ୍ଟର ଆସିଲା। ୨୦୨୩ରେ ଉତ୍ତରାଖଣ୍ଡ ସିଲ୍‌କ୍ୟାରା ସୁଡ଼ଙ୍ଗ ଭୁଶୁଡ଼ିବା ପରେ ତା'ମଧ୍ୟରୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ-ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସମାଗମ ହେଲା। କୌଣସି ନଳକୂପ ଗର୍ତ୍ତରେ ଅସାବଧାନତାବଶତଃ ଖସିପଡ଼ୁଥିବା ଶିଶୁଙ୍କୁ ଉଦ୍ଧାର ପାଇଁ ପ୍ରାଣପଣେ ଉଦ୍ଧାର ଉଦ୍ୟମ କରାଯିବାର ଦୃଷ୍ଟାନ୍ତ ମଧ୍ୟ ବହୁଳ।

ଏ ସବୁ ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ଜୀବନର ମୂଳ ଅମୂଲ୍ୟ। ତେଣୁ ଜଣେ ମଧ୍ୟ ଜୀବିତଙ୍କୁ ବିପଦରୁ ଉଦ୍ଧାର କରିବା ପାଇଁ ସବୁ କଳ-ବଳ-କୌଶଳ ଉପଯୋଗ କରିବାରେ ହେଳା କରାଯାଏ ନାହିଁ। ଏଥିରେ ଅବହେଳାକୁ ଅମାନବୀୟ କାର୍ଯ୍ୟ ସହିତ ତୁଳନା କରାଯାଏ। କିନ୍ତୁ ଏହାର ସମ୍ପୂର୍ଣ୍ଣ ବିପରୀତ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକରେ। ଉକ୍ତ ବ୍ଲକସ୍ଥିତ ଏକ ଆଶ୍ରମସ୍କୁଲ୍‌ର ପାଖାପାଖି ୨୫୦ ଜଣ ଛାତ୍ରଛାତ୍ରୀ ଚାରିଦିନ ଧରି ବନ୍ୟାପାଣି ଘେରରେ ଫସି ରହିଥିଲେ ମଧ୍ୟ ସେମାନଙ୍କୁ ଉଦ୍ଧାର କରିବାରେ ପ୍ରଶାସନ ଚରମ ଉଦାସୀନତା ପ୍ରଦର୍ଶନ କରିଛନ୍ତି। ଏବେ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ସେଠାରେ ଧନିକ ଶ୍ରେଣୀର କିମ୍ବା ନେତାମନ୍ତ୍ରୀ କିମ୍ବା ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ପିଲାମାନେ ପଢୁଥା'ନ୍ତେ ତେବେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସମାନ ଆଭିମୁଖ୍ୟ ପୋଷଣ କରିଥା'ନ୍ତା କି? ଆଶ୍ରମ ସ୍କୁଲ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଗରିବ ବର୍ଗର ହୋଇଥିବାରୁ ସେମାନଙ୍କ ଜୀବନ ପ୍ରଶାସନ ଦୃଷ୍ଟିରେ ଗୌଣ ହୋଇଗଲା? ନା ଏହା ରାଜଧାନୀ କିମ୍ବା ମେଟ୍ରୋ ସହର ବଦଳରେ ପେଣ୍ଠପାଳ ପଞ୍ଚାୟତ ଭଳି ଏକ ଅଖ୍ୟାତ ଅଞ୍ଚଳରେ ଘଟିଥିବାରୁ ପ୍ରଶାସନ ସେତେଟା ଗୁରୁତ୍ୱ ଦେଲେ ନାହିଁ? ଏଭଳି ଏକାଧିକ ମାନବାଧିକାର ସହିତ ଜଡ଼ିତ ପ୍ରଶ୍ନବାଣ ପ୍ରଶାସନ ପ୍ରତି ଉଠିଛି।

କୋମଳମତି ଛାତ୍ରଛାତ୍ରୀ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ଧାରକୁ ଭୟକରନ୍ତି। ଆଖପାଖରେ ସାହାଭରସା କେହି ନାହାନ୍ତି। ଚାରିଆଡ଼େ ବନ୍ୟା ପାଣି। ପୁଣି ସେଥିରେ ସରୀସୃପମାନଙ୍କର ବିଚରଣର ଦୃଶ୍ୟ। ରାତିରେ ଚାରିଆଡ଼ କିଟିମିଟି ଅନ୍ଧାର। ଏଭଳି ଏକ ପରିବେଶରେ ଯୁବକଯୁବତୀଙ୍କ ମନରେ ମଧ୍ୟ ଛନକା ପଶିବ। କିନ୍ତୁ ପ୍ରଶାସନ କେବଳ ରନ୍ଧା ଖାଦ୍ୟ ଯୋଗାଇ ନିଜ ଦାୟିତ୍ୱ ସାରିଦେଲା। ଯଦି ପାଣିଘେରରେ ଥିବା ସ୍କୁଲ୍ ଘର କାନ୍ଥ ଭୁଶୁଡ଼ି ପଡ଼ିଥା'ନ୍ତା ଏବଂ ସେଥିଯୋଗୁଁ ଯଦି କିଛି ଅଘଟଣ ଘଟିଥା'ନ୍ତା ତାହାର ଉତ୍ତରଦାୟିତ୍ୱ କିଏ ମୁଣ୍ଡାଇ ଥା'ନ୍ତା? ସେଭଳି କିଛି ଅଘଟଣ ଘଟିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ନିଶ୍ଚିତ ହୋଇପାରିଥିଲେ କେଉଁ ଆଧାରରେ? ଯେଉଁ ଉଦ୍ଧାର କାର୍ଯ୍ୟ ଚାରିଦିନ ପରେ ହେଲା ତାହା ପ୍ରଥମ କିମ୍ବା ଅତିବେଶୀରେ ଦ୍ୱିତୀୟ ଦିନରେ ହୋଇପାରିଥା'ନ୍ତା। ଯଦି ବୋଟ୍ କିମ୍ବା ନୌକା ଯୋଗେ ଉଦ୍ଧାର କାର୍ଯ୍ୟ ସମ୍ଭବ ନଥିଲା ବିକଳ୍ପ ବ୍ୟବସ୍ଥା କରିବାରେ ଆମ ଦେଶ କିମ୍ବା ରାଜ୍ୟରେ ସମ୍ବଳର ଅଭାବ ନ ଥିଲା। ଏ କଥା କ'ଣ ଅଧିକାରୀମାନେ ଜାଣି ନଥିଲେ?

ଏହି ଘଟଣାରେ ଶାସନକଳର ଭୂମିକା ମଧ୍ୟ ଚର୍ଚ୍ଚାକୁ ଆସୁଛି। ଛାତ୍ରଛାତ୍ରୀମାନେ ପାଣି ଘେରରେ ବନ୍ଦୀ ହୋଇରହିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ଶାସନକଳର ଦୃଷ୍ଟିକୁ ଆସିଲା ନାହିଁ କିଭଳି? ପ୍ରଶାସନ କ'ଣ ଏ ବିଷୟରେ ଶାସନକଳକୁ ସୂଚିତ କରିବାକୁ ଉଚିତ ମନେ କଲା ନାହିଁ? ଶାସନ କଳ ପ୍ରଶାସନଠାରୁ ଜବାବ ତଲବ କରିଥିଲା? ଯଦି ପ୍ରଶାସନ ସୂଚନା ଦେଇ ନଥିଲା ତେବେ ଏ ପ୍ରକାର ଗୁରୁତର ଅବହେଳା ପାଇଁ ଜିଲ୍ଲାପ୍ରଶାସନକୁ କାରଣଦର୍ଶାଅ ନୋଟିସ୍ ଜାରି କରାଯିବ ନାହିଁ କାହିଁକି? ମୁଖ୍ୟମନ୍ତ୍ରୀ ସଦଳବଳ ଯାଜପୁର ଅଞ୍ଚଳରେ ନୌକାରେ ବନ୍ୟାଞ୍ଚଳ ପରିଦର୍ଶନ କଲେ। ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନୀୟ। କିନ୍ତୁ ନୌକା ଉପରୁ ବନ୍ୟା ପ୍ରପୀଡ଼ିତଙ୍କ ଅଭିବାଦନ ଗ୍ରହଣ ଏବଂ ଅନ୍ୟାନ୍ୟ ହାବଭାବର ଭିଡିଓ ଜାରି କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱାଗତଯୋଗ୍ୟ ଉଦ୍ୟମକୁ ନୌକାବିହାର ସହିତ ତୁଳନା କରାଯାଇଛି। ଏଭଳି ଆକ୍ଷେପ ମୂଲ୍ୟହୀନ। କିନ୍ତୁ ଏଥିସହିତ ଯେଉଁ ଅଭିଯୋଗଟି ଉଠିଛି ତାହା ଗୁରୁତ୍ୱପୂର୍ଣ୍ଣ। ଆରୋପ ହେଉଛି ଯେ ସରକାର ନୌକାବିହାରକୁ ଦେଇଥିବା ଅଗ୍ରାଧିକାର ଆଶ୍ରମସ୍କୁଲ୍ ପିଲାଙ୍କ ଉଦ୍ଧାର କାର୍ଯ୍ୟରେ ପରିଲକ୍ଷିତ ହେଲା ନାହିଁ। ଏହି ଆରୋପକୁ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

ବାସ୍ତବତା ଯାହା ବି ହେଉ ନା କାହିଁକି କୋମଳମତି ଛାତ୍ରଛାତ୍ରୀଙ୍କୁ ବନ୍ୟା ଦୁର୍ଗତିରୁ ତୁରନ୍ତ ଉଦ୍ଧାର କରିବାରେ ଯେଉଁ ଆନ୍ତରିକତା ଓ ସମ୍ବେଦନଶୀଳତା ରହିବା କଥା ତାହା ହୋଇ ନାହିଁ - ଏହା ଅନସ୍ୱୀକାର୍ଯ୍ୟ। ଏହା ଶାସନକଳର ସମ୍ବେଦନହୀନତା କିମ୍ବା ପ୍ରଶାସନର ଦାୟିତ୍ୱହୀନତା ତାହା ଏବେ ଆଉ ଗୁରୁତ୍ୱ ରଖେ ନାହିଁ। ଏବେ ପ୍ରଶ୍ନ ହେଉଛି ଏହି ଅବହେଳା ଓ ଯତ୍ନହୀନତା କାହିଁକି? ଯଦି କିଛି ଅଘଟଣ ଘଟିଥା'ନ୍ତା ତେବେ ଉତ୍ତରଦାୟିତ୍ୱକୁ ଏ କାନ୍ଧରୁ ସେ କାନ୍ଧକୁ ଠେଲି ଦିଆଯାଇଥା'ନ୍ତା। ରକାରଙ୍କ ସମ୍ବେଦନଶୀଳତା କେବଳ ଅନୁକମ୍ପା ରାଶି ଘୋଷଣା ଓ ଦୁଃଖପ୍ରକାଶରେ ସୀମିତ ରହିଯାଇଥା'ନ୍ତା। ପିତାମାତା ଓ ଅଭିଭାବକ ହିଁ ବାସ୍ତବ କ୍ଷତି ସହିଥା'ନ୍ତେ, ଯାହା ଭରଣାଯୋଗ୍ୟ ନୁହେଁ।

ଗୋଟିଏ ପଟେ 'ଶୂନ୍ୟ ଜୀବନ ହାନି'ର ସ୍ଲୋଗାନ୍ ଏବଂ ଅନ୍ୟପଟେ ଅଢ଼େଇଶହ ପିଲାଙ୍କ ଜୀବନ ସହିତ ବାଜି। ଜଗନ୍ନାଥଙ୍କ କୃପାରୁ କିଛି ଅଘଟଣ ଘଟିନାହିଁ। କିନ୍ତୁ ଏଭଳି ଅବହେଳା ଆଦୌ କ୍ଷମାଯୋଗ୍ୟ ନୁହେଁ।

# ଜେନ୍-ଜେଡ୍ ଓ 'ଦିମାଗୀ ନକ୍ସଲ' ରାଜନୀତି

ଇଂ. ଅମର ବେହେରା

ଭାରତୀୟ ରାଜନୀତିର ଚିରାଚରିତ ସମୀକରଣକୁ ବଦଳାଇ ଦେଇଛି ନୂତନ ପିଢ଼ି ବା ଜେନ୍-ଜେଡ୍। ଆଜିର ସମୟରେ ଏହି ପିଢ଼ି କେବଳ ସାମାଜିକ ଗଣମାଧ୍ୟମର ବିଷୟବସ୍ତୁ ମଧ୍ୟରେ ସୀମିତ ନାହାନ୍ତି। ସେମାନେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ନିର୍ବାଚନ ଫଳାଫଳକୁ ନିୟନ୍ତ୍ରଣ କରିବାରେ ଏକ ପ୍ରମୁଖ ଓ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ସମସ୍ତ ପ୍ରମୁଖ ରାଜନୈତିକ ଦଳମାନଙ୍କୁ ନୂତନ ରଣନୀତି ପ୍ରସ୍ତୁତ କରିବାକୁ ବାଧ୍ୟ କରିଛି।

ବର୍ତ୍ତମାନ ସମୟରେ ପ୍ରତ୍ୟେକ ବଡ଼ ରାଜନୈତିକ ଦଳ ଏହି ନବ୍ୟ-ଭୋଟର ବା ପ୍ରଥମ ଥର ଭୋଟ୍ ଦେଉଥିବା ଯୁବପିଢ଼ିଙ୍କ ସମର୍ଥନ ହାସଲ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ରାଜନୈତିକ ନେତାମାନେ ପାରମ୍ପରିକ ସଭାସମିତି ଛାଡ଼ି ଏବେ ଡିଜିଟାଲ୍ ପ୍ଲାଟଫର୍ମ ଆଡ଼କୁ ମୁହାଁଇଛନ୍ତି। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଇନଷ୍ଟାଗ୍ରାମ ରିଲ୍ସ, ଏକ୍ସ (ଟୁଇଟର), ୟୁଟ୍ୟୁବ୍ ପଡକାଷ୍ଟ ଏବଂ ମିମ୍ସର ବ୍ୟାପକ ବ୍ୟବହାର କରାଯାଉଛି। ନେତାମାନେ ନିଜର ଭାବମୂର୍ତ୍ତିକୁ ଯୁବସୁଲଭ ଏବଂ ଆଧୁନିକ କରିବା ପାଇଁ ଲୋକପ୍ରିୟ ସାମାଜିକ ଗଣମାଧ୍ୟମର ଇନଫ୍ଲୁଏନ୍ସରମାନଙ୍କ ସହ ସାକ୍ଷାତକାର କରୁଛନ୍ତି। ଜେନ୍-ଜି ପିଢ଼ି କେବଳ ଧର୍ମ କିମ୍ବା ଜାତିର ପୁରୁଣା ନାରାକୁ ପସନ୍ଦ କରନ୍ତି ନାହିଁ; ସେମାନେ ରୋଜଗାର, ଗୁଣାତ୍ମକ ଶିକ୍ଷା, ଜଳବାୟୁ ପରିବର୍ତ୍ତନ, ସ୍ୱାଧୀନ ଅଭିବ୍ୟକ୍ତି ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ପ୍ରଗତିଶୀଳ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଅନ୍ତି। ତେଣୁ ସେମାନଙ୍କ ଭୋଟ୍‌କୁ ପୁଞ୍ଜି କରିବା ପାଇଁ ଦଳୀୟ ଇସ୍ତାହାରରେ ନୂତନ ଯୋଜନାମାନ ସ୍ଥାନ ପାଉଛି। ଏହି ପିଢ଼ିର ବିଶେଷତ୍ୱ ହେଉଛି ସେମାନଙ୍କର ନିର୍ଭୀକତା। ସେମାନେ ପ୍ରଶ୍ନ କରିବାକୁ ଭୟ କରନ୍ତି ନାହିଁ। କୌଣସି ସରକାରୀ ନୀତି କିମ୍ବା ନିଷ୍ପତ୍ତି ପସନ୍ଦ ନ ହେଲେ, ସେମାନେ ତୁରନ୍ତ ଡିଜିଟାଲ୍ ମାଧ୍ୟମରେ କିମ୍ବା ରାଜପଥକୁ ଓହ୍ଲାଇ ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ପିଢ଼ିର ସୂଚନା ଗ୍ରହଣ କରିବାର କ୍ଷମତା ଏବଂ ସତ୍ୟାସତ୍ୟ ଯାଞ୍ଚ କରିବାର ଶୈଳୀ ବହୁତ ତୀବ୍ର। ସେମାନେ ମିଥ୍ୟା ପ୍ରତିଶ୍ରୁତି ବା ଗେମିଫିକେସନକୁ ସହଜରେ ଚିହ୍ନି ପାରନ୍ତି। ଏହା ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। କାରଣ ଏହି ସଚେତନ ଯୁବପିଢ଼ିଙ୍କୁ ଭେଦଭାବର ପୁରୁଣା ରାଜନୀତି ଦେଇ ଭ୍ରମିତ କରିବା ସହଜ ନୁହେଁ।

ରାଜନୀତିରେ ଜେନ୍-ଜେଡ୍‌ର ଏହି ପ୍ରଭାବଶାଳୀ ଏବଂ ପ୍ରଶ୍ନବାଚୀ ଭୂମିକାକୁ ନେଇ କିଛିସମୟ ହେବ ଏକ ଭିନ୍ନ ବିତର୍କ ମଧ୍ୟ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ବକ୍ତବ୍ୟ ପରେ ଶାସକ ଏବଂ ଅନ୍ୟାନ୍ୟ ରାଜନୈତିକ ନେତାମାନେ 'ଦିମାଗୀ ନକ୍ସଲ' ଶବ୍ଦର ପ୍ରୟୋଗ ବାରମ୍ବାର କରୁଛନ୍ତି। ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରୁଥିବା ତଥା ଦେଶର ବିକାଶ ଓ ଏକତା ବିରୋଧରେ କାର୍ଯ୍ୟ କରୁଥିବା ବୈଚାରିକ ଶକ୍ତି ପ୍ରତି ସତର୍କ କରାଇ ଦେଇଥିଲେ। ଏହି ଆଧାରରେ ଅନେକ ନେତା ବର୍ତ୍ତମାନ ସେହି ଯୁବପିଢ଼ି, ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀମାନଙ୍କୁ 'ଦିମାଗୀ ନକ୍ସଲ' ବୋଲି ଆଖ୍ୟା ଦେଉଛନ୍ତି, ଯେଉଁମାନେ ସରକାରଙ୍କର ବିଭିନ୍ନ ନୀତିକୁ ତୀବ୍ର ସମାଲୋଚନା କରୁଛନ୍ତି କିମ୍ବା ଭିନ୍ନ ମତ ପୋଷଣ କରୁଛନ୍ତି। ତେବେ ଏହି ବିବାଦ ଏକ ନୂଆ ମୋଡ଼ ନେଇଛି। ଏହି ଆକ୍ଷେପରୁ ଦୂରେଇ ରହିବା ପରିବର୍ତ୍ତେ ଅନେକ ପ୍ରମୁଖ ବିରୋଧୀ ଦଳର ନେତା ଏବଂ ସାମାଜିକ ଗଣମାଧ୍ୟମର ଯୁବଗୋଷ୍ଠୀ ନିଜକୁ ଗର୍ବର ସହ 'ଦିମାଗୀ ନକ୍ସଲ' ବୋଲି ଘୋଷଣା କରିବା ଆରମ୍ଭ କରିଛନ୍ତି। ସେମାନେ ଏହି ଶବ୍ଦକୁ ସରକାରଙ୍କ ବିରୋଧରେ ଏକ ରାଜନୈତିକ ଅସ୍ତ୍ର ଏବଂ ବ୍ୟଙ୍ଗ ଭାବରେ ବ୍ୟବହାର କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ, 'ମୁଁ ଜଣେ ଦିମାଗୀ ନକ୍ସଲ ହେବା ପାଇଁ ଗର୍ବିତ।' ସେହିପରି 'ଆପ୍' ଆବାହକ ଅରବିନ୍ଦ କେଜ୍ରିୱାଲ ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତି ମଧ୍ୟ କହିଛନ୍ତି ଯେ ଯଦି ସରକାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଅଧିକାର ଉପରେ ପ୍ରଶ୍ନ କଲେ କେହି ନକ୍ସଲ ହୋଇଯାଏ, ତେବେ ସେମାନେ ଏହି ଆଖ୍ୟା ଗ୍ରହଣ କରିବାକୁ ପ୍ରସ୍ତୁତ।

ବିରୋଧୀ ଦଳ ଏହି ଆକ୍ଷେପକୁ ନିଜର ରାଜନୈତିକ ଫାଇଦା ପାଇଁ ଏକ ଯୋଜନାବଦ୍ଧ ରଣନୀତି ଅନୁଯାୟୀ ବ୍ୟବହାର କରୁଛନ୍ତି। ପ୍ରଥମତଃ, ବିରୋଧୀ ଏବଂ ଜେନ୍-ଜେଡ୍ ଗ୍ରୁପ୍‌ଗୁଡ଼ିକ 'ଦିମାଗୀ' ଶବ୍ଦକୁ ଉଗ୍ରବାଦରୁ ହଟାଇ 'ନିଜ ବୁଦ୍ଧି ପ୍ରୟୋଗ କରୁଥିବା ବ୍ୟକ୍ତି' ଭାବେ ଉପସ୍ଥାପନ କରୁଛନ୍ତି। ଡିଜିଟାଲ୍ ମାଧ୍ୟମରେ 'ଦିମାଗୀ ନକ୍ସଲ ଜନତା ପାର୍ଟି'(ଡିଏନ୍‌ଜିପି) ଭଳି ବ୍ୟଙ୍ଗାତ୍ମକ ମିମ୍ସ ଆନ୍ଦୋଳନ ଆରମ୍ଭ କରି ଶାସକ ଦଳର ଗମ୍ଭୀର ଆରୋପକୁ ସେମାନେ ହାଲୁକା କରିବାକୁ ଚେଷ୍ଟା କରୁଛନ୍ତି। ଦ୍ୱିତୀୟତଃ, ନିଜକୁ ଏହି ଆଖ୍ୟା ଦେଇ ନେତାମାନେ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଉଛନ୍ତି ଯେ ଯଦି ଆପଣ ବେକାରୀ, ପ୍ରଶ୍ନପତ୍ର ଲିକ୍ କିମ୍ବା ମହଙ୍ଗା ମାଡ଼ ଉପରେ ପ୍ରଶ୍ନ କରିବେ, ତେବେ ଆପଣଙ୍କୁ ସରକାରୀ ବିରୋଧୀ ଆଖ୍ୟା ଦିଆଯିବ। ଏହା ସରକାରଙ୍କୁ ଆଲୋଚନା-ବିରୋଧୀ ଭାବେ ଚିତ୍ରିତ କରି ଜେନ୍-ଜେଡ୍ ଭୋଟରଙ୍କ ସହାନୁଭୂତି ହାସଲ କରିବାର ଏକ ପ୍ରୟାସ।

ଆଜିର ରାଜନୀତିର ସବୁଠାରୁ ବଡ଼ ପ୍ରହସନ ହେଉଛି, ଜେନ୍-ଜେଡ୍‌ର ସ୍ୱାଭାବିକ ଆକ୍ରୋଶ ଓ ସରଳତାକୁ ରାଜନୈତିକ ଦଳଗୁଡ଼ିକ ନିଜର ସ୍ୱାର୍ଥ ପାଇଁ ଏକ ସାମଗ୍ରୀ ବା ପ୍ରଡକ୍ଟରେ ପରିଣତ କରିଦେଇଛନ୍ତି। ଏହି ପାର୍ଟିଗୁଡ଼ିକ ଯୁବପିଢ଼ିଙ୍କୁ ଦେଶର ଭବିଷ୍ୟତ ନେତା ଭାବେ ଦେଖନ୍ତି ନାହିଁ; ବରଂ ସେମାନଙ୍କୁ ଦେଖନ୍ତି ଡିଜିଟାଲ୍ ସୈନିକ, ହାସଟ୍ୟାଗ୍ ଆର୍ମି ଏବଂ ହାଇ-ସ୍ପିଡ୍ ଇଣ୍ଟରନେଟ୍ ଥିବା ଏକ ବଡ଼ ଭୋଟ୍ ବ୍ୟାଙ୍କ ଭାବରେ। ଯେଉଁ ଅଣ-ଛାତ୍ର ନିଜକୁ ଏହି ପିଢ଼ିର ମୁଖପାତ୍ର ସଜାଉଛନ୍ତି, ସେମାନେ ପ୍ରକୃତରେ ରାଜନୈତିକ ଦଳଗୁଡ଼ିକର ଗୋଟି।

ଜେନ୍-ଜେଡ୍ ପାଇଁ ପ୍ରକୃତ ବିଜୟ ସେତେବେଳେ ଆସିବ, ଯେତେବେଳେ ସେମାନେ କୌଣସି ରାଜନୈତିକ ଦଳର ଇସାରାରେ ନାଚିବା ବନ୍ଦ କରିଦେବ। ଜେନ୍-ଜେଡ୍ ନିଜକୁ କୌଣସି 'ଦିମାଗୀ ନକ୍ସଲ'ଙ୍କ ପରୀକ୍ଷାଗାର କିମ୍ବା କର୍ପୋରେଟ୍ ରାଜନୀତିର ମାଧ୍ୟମ ହେବାକୁ ଦେବା ଉଚିତ୍ ନୁହେଁ। ଯେଉଁ ପିଢ଼ି ପାଖରେ ବିଶ୍ୱର ବଡ଼ ବଡ଼ ସାମାଜିକ ଗଣମାଧ୍ୟମର ଆଲଗୋରିଦମକୁ ବଦଳାଇବାର ଶକ୍ତି ଅଛି, ସେମାନେ ଆଜି ଏହି ଶସ୍ତା ରାଜନୈତିକ ଚକ୍ରବ୍ୟୂହକୁ ମଧ୍ୟ ଧୂଳିସାତ କରିବା ଦରକାର ନିଜର ସ୍ୱାଧୀନ ଚିନ୍ତାଧାରା, ନିରପେକ୍ଷ ପ୍ରଶ୍ନ ଏବଂ ନିଜର ସ୍ୱାଭିମାନ ବଳରେ। ଅପରପକ୍ଷରେ, ବିରୋଧୀଙ୍କ ଏହି ଆତ୍ମ-ଘୋଷଣାକୁ ନେଇ ଶାସକ ଦଳ ତୀବ୍ର ପଲଟା ଆକ୍ରମଣ କରିଛି। ସେମାନଙ୍କ ମତରେ, ବିରୋଧୀ ନେତାମାନେ ନିଜକୁ 'ଦିମାଗୀ ନକ୍ସଲ' କହି ନିଜର ପ୍ରକୃତ ଚେହେରା ଦେଖାଇଛନ୍ତି। ଦେଶର ସମ୍ବିଧାନକୁ ଅସ୍ୱୀକାର କରିବା, ସନ୍ତ୍ରାସବାଦକୁ ବୈଚାରିକ ସମର୍ଥନ ଦେବା ଏବଂ ଭାରତର ଅଖଣ୍ଡତା ବିରୋଧରେ ଯୁବପିଢ଼ିଙ୍କ ମାନସିକତାକୁ ବିଷାକ୍ତ କରିବା ହିଁ ଏହି ଶକ୍ତିଗୁଡ଼ିକର ପ୍ରକୃତ ଉଦ୍ଦେଶ୍ୟ ବୋଲି ଶାସକ ପକ୍ଷ ଦାବି କରିଛି।

ଏକ ସୁସ୍ଥ ଗଣତନ୍ତ୍ରରେ ଭିନ୍ନ ମତ ଏବଂ ପ୍ରଶ୍ନ କରିବାର ଅଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଜେନ୍-ଜେଡ୍ ପିଢ଼ି ଆଜିର ଡିଜିଟାଲ୍ ଯୁଗରେ ନିଜ ସ୍ୱର ପ୍ରତିଧ୍ୱନିତ କରି ଭାରତୀୟ ରାଜନୀତିକୁ ଅଧିକ ଉତ୍ତରଦାୟୀ କରିବାକୁ ପ୍ରୟାସ କରୁଛି। ଭାରତର ଯୁବପିଢ଼ିଙ୍କୁ କେବଳ ଏକ ସାମୟିକ ଭୋଟ୍ ବ୍ୟାଙ୍କ କିମ୍ବା କୌଣସି ବୈଚାରିକ ଯୁଦ୍ଧର ସୈନିକ ଭାବେ ନଦେଖି, ସେମାନଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ସେମାନଙ୍କ ପ୍ରଶ୍ନର ସଠିକ୍ ଉତ୍ତର ହିଁ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତକୁ ସୁଦୃଢ଼ କରିପାରିବ।

ଭୁବନେଶ୍ୱର, ମୋ: ୯୭୪୨୯୮୨୭୪୧

# ଭୋଟ ଦେଇ ଭୁଲ କଲି!

ଅଶୋକ ମହାରଣା



ରତନୀ ଭଙ୍ଗା କୁଡ଼ିଆର ଏକ ନିଃସହାୟ ମଣିଷ। ଖରା ବର୍ଷାର ଅବାଧ ପ୍ରବେଶ। ତା' ସାଙ୍ଗକୁ ସରୀସୃପ ବି। ଘରେ ପୁଅ ଝିଅ ସହିତ ସ୍ୱାମୀ। ଝାଟିମାଟିର ଘରେ ପଲିଥିନ ପଡ଼ିଛି। ଆଉ କ'ଣ ଛଣ ମିଳୁଛି ଯେ ଛାଉଣୀ କରିବ! ତଥାପି ରତନୀର ଆଶା ଥିଲା, ସରକାର ସମସ୍ତଙ୍କୁ ଘର ଦେବେ। ଭୋଟ ସମୟରେ କୁଜି ନେତାଠାରୁ ବଡ଼ ନେତା ପର୍ଯ୍ୟନ୍ତ ସମସ୍ତେ କହୁଥିଲେ ଏଥର କେହି ଭୋକ ଉପାସରେ ରହିବେ ନାହିଁ, ସମସ୍ତଙ୍କୁ ପକ୍କା ଘର ମିଳିବ, ମାଗଣା ଶିକ୍ଷା ସ୍ୱାସ୍ଥ୍ୟ ସେବା ସବୁକିଛି ସରକାର କରିବେ। ଗୋଟାଏ ଆଶା ଆଶ୍ୱାସନା ଭିତରେ ଭୋଟ ସମୟରେ ସ୍ୱପ୍ନରେ ମସଗୁଲ ହେଉଥିବା ରତନୀର ପରିବାର ଭୋଟ ଦିଅନ୍ତି। ଥରେ ନୁହଁ ଏମିତି ଥରକୁ ଥର, ରତନୀ ଭୋଟ ଦେବା ପରେ କାହାର ଦେଖା ମିଳେ ନାହିଁ। ଘର ତାଲିକାରେ ତା'ର ନାଁ ନଥାଏ। ୟା'କୁ, ତା'କୁ ଗୁହାରୀ କରି ବିଫଳ ହେବା ପରେ ପୁଣି ନିଜ ପାଇଁ ଆହାର ଖୋଜିବାରେ ଲାଗିପଡ଼େ। କିନ୍ତୁ ମନକୁ ଆସେ କିଛି ନହେଲେ ନାହିଁ ଦରଦାମ ତ କମିବ! ନା କିଛି ହୁଏନା।

ଘର ହେଉ କି ପରିବାର, ରାଜ୍ୟ ହେଉ କି ଦେଶ ଯେତେବେଳେ ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୁଏ, ମନକୁ ଗୋଟାଏ ପ୍ରଶ୍ନ ଆସେ - 'ଭୋଟ ଦେଇ କ'ଣ ଭୁଲ କରିଛି?' ଏଭଳି ପ୍ରଶ୍ନ ଅନେକଙ୍କ ମନରେ ସୃଷ୍ଟି ହୁଏ। ସାଧାରଣ ଭୋଟର ଯେଉଁ ଆଶା ଭରସାରେ ଭୋଟ ଦେଇଥାଏ ଯଦି ପ୍ରତିଶ୍ରୁତି ପୂରଣ ହୁଏନା କିମ୍ବା କୌଣସି ଦଳ ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ କରିବାରେ ବିଫଳ ହୁଏ, ଦରଦାମରେ ନିୟନ୍ତ୍ରଣହୀନ ହୁଏ, ଶିକ୍ଷା-ସ୍ୱାସ୍ଥ୍ୟ-ବେକାରୀ ସମସ୍ୟା ସହିତ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଏ, ସେତେବେଳେ ମଣିଷ ଅସହାୟ ହୋଇପଡ଼େ। ଭୋଟର ପଶ୍ଚାତାପ କରେ 'ମୁଁ ଭୋଟ ଦେଇ ବୋଧେ ଭୁଲ କରିଛି!' ହୁଏତ ୟା'କୁ ନ ଦେଇ ତା'କୁ ଦେଇଥିଲେ ଭଲ ହୋଇଥା'ନ୍ତା। କିନ୍ତୁ ବାସ୍ତବରେ ଭୋଟର ବାରମ୍ବାର ଠକି ହୁଏ। ଥରେ ନୁହଁ ଅନେକ ଥର। ତା' ସତ୍ତ୍ୱେ ଭୁଲ ହୁଏ, ଯେଉଁ ଭୁଲକୁ ସୁଧାରିବାକୁ ପାଞ୍ଚ ବର୍ଷ ଲାଗିଥାଏ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଏକ ପ୍ରକ୍ରିୟା। ବିକାଶର ଧାରାକୁ କ୍ରିୟାନ୍ୱୟନ କରିବାର ଏକ ମାଧ୍ୟମ। ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ବଛା ହୁଅନ୍ତି ନେତା। ଏକାଧିକ ଦଳ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିଥା'ନ୍ତି। ସମସ୍ତଙ୍କର ଥାଏ ଗୋଟାଏ ସ୍ୱତନ୍ତ୍ର ଚିନ୍ତାଧାରା, ସ୍ୱତନ୍ତ୍ର ବାର୍ତ୍ତା। ଯେଯେତେ ଅଧିକ ମିଛ ସ୍ୱପ୍ନ ଦେଖାଇ ପ୍ରଲୋଭିତ କରିପାରିଲା ସେ ହେଲା ନେତା। ଯେଉଁ ମାନସିତକା ମଧ୍ୟରେ ଆମେ ଦଳର ଆଭିମୁଖ୍ୟକୁ ହୃଦୟଙ୍ଗମ କରି ଦେଇଥାଉ ତାହା ପ୍ରତିଫଳିତ ହୁଏନାହିଁ। ଭୋଟ ପରେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଏ। ନଦୀ ପାହାଡ଼ ପର୍ବତ ଡେଇଁ ଆସିବା ପରେ କେବେ ପାଶ୍ଚାତମୁଖୀ ହୁଏନା। ଥରେ ଭୋଟ ପାଇଗଲେ ଲୋକମାନଙ୍କ ପାଇଁ ଲୋକମାନଙ୍କ ଦ୍ୱାରା ସିଂହାସନର ଅଧିକାରୀ ହେବା କଥା ସମ୍ପୂର୍ଣ୍ଣ ଭୁଲିଯାଏ। ଭୋଟ ପୂର୍ବରୁ ପ୍ରତିଶ୍ରୁତିର ଲମ୍ବା ତାଲିକା, ଅଭାବ ଅନଟନର ଶୃଙ୍ଖଳକୁ ଛିନ୍ନ କରିବାର ଦୁର୍ବାର ଜିଜ୍ଞାସା। ଭୋଟ ପରେ ଲୋକମାନଙ୍କ କଥା ଭୁଲିଯାଇ ବ୍ୟକ୍ତିଗତ ଗରିବୀ ହଟାଓ ଅଭିଯାନରେ ସାମିଲ ହେବାକୁ ପଡ଼େ। ଲୋକମାନଙ୍କ କଥା ଭୁଲିଯାଇ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ପୁଅଝିଅଙ୍କ ପାଇଁ ଅର୍ଗଲୀ ଖୋଜାଯାଏ। ଲୋକଙ୍କ ତଣ୍ଟିଚିପି କିଭଳି ରକ୍ତ ଶୋଷଣ କରାଯାଏ ସେହି ବିଦ୍ୟା ହାସଲରେ ଲାଗିପଡ଼ିବା ସାର ହୁଏ। ସେତେବେଳେ ଲୋକଙ୍କ ଶୁଖିଲା ମୁହଁ ଓ ଭୋକିଲା ପେଟ ଦୃଷ୍ଟିଗୋଚର ହୁଏନାହିଁ।

ନିର୍ବାଚନ ସମୟରେ ଗରୀବ ଘରର ପଖାଳ କଂସା, ପିଆଜ ଖଣ୍ଡେ ଖାଇବା ମଧ୍ୟରେ ଥାଏ ଲୁକ୍କାୟିତ ଅଭିସନ୍ଧି ଭୋଟ ପାଇବାର ନିଶା। ମାଟି ପିଣ୍ଡାରେ ସଫେଦ କପଡ଼ା ଫିକା ବି ପଡ଼େନା। ନିର୍ବିକାର ଭାବରେ ହାତଯୋଡ଼ି ନମସ୍କାର ଜଣାଉଥିବା ନେତାଟି ଭିତରେ ଥାଏ ମଣିଷପଣିଆ ମାତ୍ର କେତେ ଦିନ ପାଇଁ। ତା' ପରେ ପୁଣି ଅଭିନୟ ଶେଷ କରି ଅଭିନେତା ଚାଲିଯାଏ ଜଣେ ସାଧାରଣ ମଣିଷକୁ। ଅଭିନୟର ଯାଦୁରେ ବିମୋହିତ ହୋଇ ଆମେ ସିନା ଭୋଟ ଦେଲେ। ମାତ୍ର ତା' ଆମପାଇଁ ଏକ ଶଠତା।

ସତରେ ଆମେ କ'ଣ ଭୋଟ ଦେଇ ଭୁଲ କରିଛୁ? - ଏ ପ୍ରଶ୍ନ ଅସମାହିତ। ଯେଉଁଠି ସାଧରଣ ବ୍ୟବସ୍ଥା ଭୁଶୁଡ଼ି ପଡ଼େ ସେଠି ସାଧାରଣଲୋକ ଠକିହେବା ସାର ହୁଏ। ସମଗ୍ର ଦେଶରେ ଯେତେ ବିକାଶମୂଳକ କାର୍ଯ୍ୟ ହେଉଛି ସେଥିରେ ଅଧାରୁ ଅଧିକ ଘୋଟାଲା। ଏ ଦେଶରେ ପ୍ରକୃତ ହିତାଧିକାରୀ ଭତ୍ତା ପାଏନା। ଭୋକଓପାସରେ ଅଶୀବର୍ଷରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଲୋକଟିକୁ ମିଳେନା ଭତ୍ତା। ଥିଲା ବାଲାକୁ ମିଳେ ଚାଉଳ। ପ୍ରକୃତ ହିତାଧିକାରୀଙ୍କୁ ମିଳେନା ଖଣ୍ଡେ ଘର। ଯିଏ ଟଙ୍କାଦେଲା ଖୋସାମତ କରିପାରିଲା ସେ ପାଇଲା ସବୁକିଛି। ଯେ କୁଜି ନେତାଙ୍କୁ ତେଲ ମାରିପାରିଲା, ସଭାରେ ତାଳି ମାରିପାରିଲା ସେ ଗେହ୍ଲାପୁଅ ହେଲା। ଦୁର୍ନୀତିର ମାତ୍ରା ଏଭଳି ନିମ୍ନସ୍ତରରେ ପହଞ୍ଚିଛି ଯେ ତାହା ସମସ୍ତ ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି। ଘର, ଭତ୍ତା, ଚାଉଳ, ଜବ୍‌କାର୍ଡରେ ଯଦି ହାତଗୁଞ୍ଜା ଦେବାକୁ ପଡୁଛି ସେଠାରେ ଦେଶର ବିକାଶ ହେବ ତ?

ଫୁଲମାଳ ପିନ୍ଧି, ସଫେଦ କପଡ଼ା ପିନ୍ଧି ଶୁଦ୍ଧତାର ପରିଚୟ ଦେଲେ କେବେବି ରଜନୀଗନ୍ଧାରେ ପରିଣତ ହୋଇଯାଏନା କି ଯେତେ ଲୁଚାଇଲେ ବି ନିଜର ପରିଚୟ ଲୁଚି ରହେନା। ସ୍ୱାର୍ଥାନ୍ଧ ମନୁଷ୍ୟ ସର୍ବଦା ସ୍ୱାର୍ଥ ଲିପସୁ। ଯାହାର ଶୋଷଣ କରିବାରେ ଆନନ୍ଦ ସେ କେବେ ତା'ର ପ୍ରକୃତିକୁ ପରିତ୍ୟାଗ କରିପାରେନା। ନେତା ହେବା ପାଇଁ ଲୋକପ୍ରିୟତା ନୁହେଁ, ଅର୍ଥବଳ, ବାହୁବଳଠାରୁ ଊର୍ଦ୍ଧ୍ୱରେ ରହି ନୀତି ଆଦର୍ଶକୁ ମନ୍ତ୍ର କଲେ ସେ ହେବ ପ୍ରକୃତ ନେତା। ଦେଶରେ ଲକ୍ଷ ଲକ୍ଷ ରତନୀ, ଲକ୍ଷ ଲକ୍ଷ ଭୋକିଲା ପେଟ, ଅପପୁଷ୍ଟିରେ ଶିକାର ହେଉଥିବା ଶିଶୁ, ଲକ୍ଷ ଲକ୍ଷ ଭଙ୍ଗା କୁଡ଼ିଆ, ଛପର ଉଡ଼ିଯାଇଥିବା ଘରେ ରହୁଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ସ୍ୱାସ୍ଥ୍ୟ ସେବା ନ ପାଇ ଘରେ ସଢୁଥିବା ଲୋକଙ୍କ ସଂଖ୍ୟାବି କମ୍ ନୁହଁ। ତେବେ ଏ ସମସ୍ୟାର ସମାଧାନ କେବେ? ନା ସମାଧାନ ହୋଇଗଲେ ଭୋଟ ବ୍ୟାଙ୍କରେ ତାଲା ପଡ଼ିଯିବ? ଯେତେବେଳେ ଚିନି ଦର ୭୦ ଟଙ୍କା ଛୁଇଁଲାଣି ସେଠାରେ ଭୋଟ ଦେଇ ଭୁଲ କରି ନାହଁ କି? ଏହି ପ୍ରଶ୍ନ ମନରେ ଉଠିବା ସ୍ୱାଭାବିକ।

ସିମିନଇ(ଢେଙ୍କାନାଳ), ମୋ: ୯୦୯୦୮୩୯୩୬୯

# କୋଇଲି ପୂଜନ

## ନ୍ୟାୟ ପ୍ରଦାନ କରନ୍ତି କୋକିଳା ଦେବୀ

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପାରମ୍ପରାଭିତ୍ତିକ କୋକିଳା ବ୍ରତ ବ୍ୟତୀତ ଉତ୍ତରାଖଣ୍ଡସ୍ଥିତ ପିଥୋରାଗଡ଼ ଜିଲ୍ଲାର ଗଙ୍ଗୋଲିହାଟ ନିକଟସ୍ଥ ପାଞ୍ଚୁ ଅଞ୍ଚଳରେ କୋକିଳାଦେବୀ ମନ୍ଦିର ବା କୋଟାଗାଡ଼ି ଦେବୀ ମନ୍ଦିର ଅବସ୍ଥିତ, ଯେଉଁଠି ଦେବୀ ଭଗବତୀ କୋକିଳା ଦେବୀ ଭାବେ ପୂଜା ପାଉଛନ୍ତି। ଏଠାରେ ମା' ସାତ୍ତ୍ୱିକ ବୈଷ୍ଣବୀ ଭାବେ ପୂଜିତା। କୋକିଳାଦେବୀଙ୍କୁ ମୂଳ ଉତ୍ତରାଖଣ୍ଡର ଗ୍ରାମଦେବତୀ ଭାବରେ ବିବେଚନା କରାଯାଏ। ପ୍ରସିଦ୍ଧ ମା'କୋକିଳାଦେବୀ ମନ୍ଦିର ଏହାର ଧାର୍ମିକ ଗୁରୁତ୍ୱ ଏବଂ ଇତିହାସ ପାଇଁ ବେଶ୍ ଜଣାଶୁଣା।

ଜନଶ୍ରୁତି ରହିଛି ଯେ, ଏହି ମନ୍ଦିରର ପ୍ରତିଷ୍ଠା ପାଇଁ ଦେବୀ ସ୍ଥାନୀୟ ଲୋକଙ୍କୁ ସ୍ୱପ୍ନାଦେଶ ପ୍ରଦାନ କରିଥିଲେ। ମନ୍ଦିରର ଏକ ଅନନ୍ୟ ବିଶେଷତା ହେଉଛି, ଏଠାରେ ମାତା କୋକିଳାଦେବୀଙ୍କ ମୂର୍ତ୍ତିକୁ ଘୋଡ଼ାଇ ରଖାଯାଇଛି। ମନ୍ଦିର ପରିସରରେ ବାଗାଦେବଙ୍କୁ ମଧ୍ୟ ବିଧିପୂର୍ବକ ପୂଜା କରାଯାଉଛି। ଲୋକକଥା ଅନୁସାରେ ବାଗାଦେବ ହେଉଛନ୍ତି ସୂରଜମଲ ଓ ଛୁରମଲ୍ ନାମକ ଦୁଇଭ୍ରାତାଙ୍କ ପ୍ରତୀକ। ଏ ସମ୍ପର୍କରେ ମଧ୍ୟ ଅନେକ ପ୍ରକାର ଲୋକକଥା ଓ ଲୋକମତ ଜଡ଼ିତ। ମନ୍ଦିର ତଳେ ଥିବା ଭୂମିରୁ ଅବିରତ ଜଳ ପ୍ରବାହିତ ହୋଇଥାଏ ଏବଂ ଏହି ଜଳକୁ ଗଙ୍ଗାଜଳ ଭଳି ପବିତ୍ର ବିବେଚନା କରାଯାଏ। ସ୍ଥାନୀୟ ଲୋକମାନେ ଏହି ପବିତ୍ର ଜଳକୁ କଳସୀରେ ଠାକୁର ଘରେ ରଖି ମା'ଗଙ୍ଗାଙ୍କ ମାନ୍ୟରେ ନିତ୍ୟ ପୂଜାର୍ଚ୍ଚନା କରିଥା'ନ୍ତି। ସ୍ଥାନୀୟ ଲୋକମତ ଅନୁଯାୟୀ, ଏହି ଝରଣାର ପାଣି କେବେ ଶୁଖେ ନାହିଁ କିମ୍ବା ଆବିଳ ହୁଏନାହିଁ।

ଉତ୍ତରାଖଣ୍ଡରେ କୋକିଳା ମାତାଙ୍କୁ 'ନ୍ୟାୟର ଦେବୀ' ଭାବରେ ମଧ୍ୟ ପୂଜା କରାଯାଏ। ବିଶ୍ୱାସ ରହିଛି ଯେ, ମା' ସବୁବେଳେ ସମସ୍ତଙ୍କ ପାଇଁ ଉଚିତ୍ ନ୍ୟାୟ କରିଥା'ନ୍ତି। ତେଣୁ ଯେତେବେଳେ ଗାଁ ଲୋକଙ୍କ ମଧ୍ୟରେ କୌଣସି ବିବାଦ ସୃଷ୍ଟି ହୁଏ କିମ୍ବା କୋର୍ଟକଚେରି ଯିବାକୁ ପଡ଼େ ସେମାନେ ନ୍ୟାୟ ପାଇବା ପାଇଁ ମା'କୋକିଳା ଦେବୀଙ୍କ ମନ୍ଦିରକୁ ଆସିଥା'ନ୍ତି। ପୂର୍ବରୁ ଭକ୍ତମାନେ ଗୁହାରିଆ ପଡ଼ି ନ୍ୟାୟ ଭିକ୍ଷା କରୁଥିଲେ। କିନ୍ତୁ ଏବେ ନିଜ ସମସ୍ୟାକୁ ଷ୍ଟାମ୍ପ୍ ପେପର୍ କିମ୍ବା ଚିଠିରେ ଲେଖି ମନ୍ଦିରରେ ସମର୍ପଣ କରାଯାଉଛି। ମା'ଙ୍କ କୃପାରୁ ଭକ୍ତମାନଙ୍କ ସୁନିଶ୍ଚିତ ନ୍ୟାୟ ମିଳିଥିବାର ଅନେକ ପ୍ରମାଣ ମଧ୍ୟ ରହିଛି।

କୋକିଳାଦେବୀ ମନ୍ଦିର ସହିତ ଗୋଟିଏ ପୌରାଣିକ କିମ୍ବଦନ୍ତୀ ଜଡ଼ିତ। ଏହି ମନ୍ଦିରର ଶକ୍ତିଲିଙ୍ଗରେ ଏକ ଅସ୍ତ୍ରର ଗଭୀର ଚିହ୍ନ ରହିଛି। କିମ୍ବଦନ୍ତୀ ଅନୁସାରେ ସବୁଦିନ ଗୋଟିଏ ଗାଈ ଆସି ଏହି ଶକ୍ତିଲିଙ୍ଗକୁ କ୍ଷୀର ଅର୍ପଣ କରି ଚାଲିଯାଏ। ଗାଈ ଠିକ୍ ଭାବରେ କ୍ଷୀର ଦେଉ ନ ଥିବାରୁ ଗାଈର ମାଲିକ ବିରକ୍ତ ହୁଅନ୍ତି। ଏହି ସମସ୍ୟାର କାରଣ ଜାଣିବା ପାଇଁ ଏକଦା ମାଲିକ ଗାଈକୁ ଅନୁସରଣ କରିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ, ଗାଈଟି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କ୍ଷୀର କ୍ଷରଣ କରୁଛି। ଏହାକୁ ଦେଖି କ୍ରୋଧରେ ମାଲିକ ଗୋଟିଏ ଧାରୁଆ ଅସ୍ତ୍ର ନେଇ ଉକ୍ତ ସ୍ଥାନକୁ ପ୍ରହାର କରିଥିଲେ, ଯାହାଫଳରେ ଶକ୍ତିସ୍ଥଳରୁ ରକ୍ତର ଧାରା ପ୍ରବାହିତ ହୋଇଥିଲା। ଆଜି ମଧ୍ୟ ଭୂମିରେ ଉକ୍ତ ରକ୍ତଧାରା ଏକ ପ୍ରତୀକ ଭାବରେ ରହିଛି। ଭକ୍ତମାନେ ଏହି ଶକ୍ତିଲିଙ୍ଗରେ କ୍ଷୀର ଅର୍ପଣ କରି ବିଧିବିଧାନ ଓ ଅଖଣ୍ଡ ବିଶ୍ୱାସର ସହିତ ପୂଜାର୍ଚ୍ଚନା କରିଥା'ନ୍ତି। ଏଭଳି ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି।

ସ୍ଥାନୀୟ ଲୋକକଥା ଅନୁସାରେ, ପ୍ରାଚୀନ କାଳରେ ଏହା ସର୍ପମାନଙ୍କ ଦେଶ ଥିଲା। ସନ୍ଧ୍ୟା ପରେ କୋଟାଗଡ଼ି ଗାଁ ନିକଟରେ ଥିବା ପାହାଡ଼ଗୁଡ଼ିକ ସର୍ପ ସଦୃଶ ସେମାନଙ୍କର ଫଣା ଉଠାଇ ଠିଆ ହୁଅନ୍ତି। ସର୍ପଙ୍କ ଶତ୍ରୁପକ୍ଷ ଗରୁଡ଼ମାନେ କେବେବି ଏହି ମନ୍ଦିରର ଶିଖର ଅତିକ୍ରମ କରିପାରନ୍ତି ନାହିଁ। ପ୍ରତିବର୍ଷ ଚୈତ୍ର ଓ ଆଶ୍ୱିନ ମାସର ଅଷ୍ଟମୀ ଏବଂ ଭାଦ୍ରବ ମାସର ଋଷିପଞ୍ଚମୀ ତିଥିରେ ଏଠାରେ ଦେବୀଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ବଡ଼ ମେଳାର ଆୟୋଜନ ହୋଇଥାଏ। ଏହି ସମୟରେ ଗାଁ ବାହାରୁ ମଧ୍ୟ ଲୋକମାନେ ନ୍ୟାୟ ପାଇବା ଆଶାରେ ମା'ଙ୍କ ଦର୍ଶନ କରିବା ପାଇଁ ଆସିଥା'ନ୍ତି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରଙ୍କୁ ସୁହାଇଲା...

ପଞ୍ଜୀକରଣ କରିଥିଲେ। କିନ୍ତୁ ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ ଅଗଷ୍ଟ ୨୦ ମଧ୍ୟରେ ମାତ୍ର ୫.୫ ଲକ୍ଷ ଚାଷୀ ପଞ୍ଜୀକୃତ କରିଛନ୍ତି। ତେବେ ଏହା ଗତବର୍ଷର ମୋଟ ପଞ୍ଜୀକରଣର ମାତ୍ର ପ୍ରାୟ ୨୮ ପ୍ରତିଶତ ରହିଛି। ଅବଶ୍ୟ ଶେଷ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ବଢ଼ିପାରେ। କିନ୍ତୁ ବର୍ତ୍ତମାନର ଗତି ଚିନ୍ତାର କାରଣ ସୃଷ୍ଟି କରିଛି। ରାଜ୍ୟରେ ଚାଷୀ ପଞ୍ଜିକରଣ ସଂଖ୍ୟା ପ୍ରତିବର୍ଷ ବର୍ଦ୍ଧିତ ଟ୍ରେଣ୍ଡ ରହୁଥିବା ବେଳେ ଏବର୍ଷ ଏହି ସଂଖ୍ୟା ୨୦ ଲକ୍ଷ ଟପିବା ଦୂରର କଥା ଛୁଇଁପାରିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ପଞ୍ଜୀକରଣ ପାଇଁ ଆଉ ହାତରେ ମାତ୍ର ୧୦ ଦିନ ସମୟ ରହିଥିବା ବେଳେ ଦିନକୁ ଦେଢ଼ ଲକ୍ଷ ଚାଷୀ ପଞ୍ଜୀକୃତ କଲେ ଯାଇ ଏହି ସଂଖ୍ୟା ପହଞ୍ଚିପାରିବ। ମାତ୍ର ଚଳିତ ପଞ୍ଜୀକରଣ ପ୍ରକ୍ରିୟାରେ ରହିଥିବା ଜଟିଳତା ଓ ବାରମ୍ବାର ୱେବ୍‌ସାଇଟ୍‌ରେ ସୃଷ୍ଟ ସମସ୍ୟା ପାଇଁ ଏହି ସଂଖ୍ୟା ୨୦ ଲକ୍ଷ ଛୁଇଁବା ଏକ ପ୍ରକାର ସ୍ୱପ୍ନ ହୋଇପଡ଼ିଛି।

ଚଳିତ ଋତୁରେ ପଞ୍ଜୀକରଣ ପାଇଁ ଚାଷୀଙ୍କୁ ପ୍ରଥମେ ଆଗ୍ରୀଷ୍ଟାକ୍ ଆଇଡ୍ ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ପରେ ଏହି ବିବାଦ ଉଗ୍ର ହେବା ଯୋଗୁଁ ରାଜ୍ୟ ସରକାର କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇ ଆଗ୍ରୀଷ୍ଟାକ୍ ଆଇଡି ଦାଖଲ ନିଷ୍ପତ୍ତିରୁ ଓହରିଥିଲେ। ଏବେ ଆଧାର, ମୋବାଇଲ ନମ୍ବର, ଜମିର ରେକର୍ଡ, ବ୍ୟାଙ୍କ ପାସବୁକ୍‌ର ପ୍ରଥମ ପୃଷ୍ଠା ଆଦି ଦେବାକୁ ପଡୁଛି। ତେବେ ଭାଗ ଚାଷୀଙ୍କ ପାଇଁ ପ୍ରକ୍ରିୟା ଆହୁରି ଜଟିଳ ରହିଛି। ଜମି ମାଲିକ ନିଜେ ଆଇ ଆଇ ସ୍କାନ୍ କରିବା ପରେ ଭାଗଚାଷୀ ପଞ୍ଜୀକରଣ କରିବାକୁ ସକ୍ଷମ ହେଉଛନ୍ତି। ଧାନ କିଣା ପ୍ରକ୍ରିୟାରେ ଏକାଧିକ ସମସ୍ୟା ବିଶେଷ କରି ପଞ୍ଜୀକରଣ ବ୍ୟବସ୍ଥାକୁ ନେଇ ବିରୋଧୀ ବାରମ୍ବାର ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ, ସରକାର କେବଳ ବାହାଦୁରି ପାଇଁ ଧାନ୍‌ର ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ଦେଇ ୩୧୦୦ ଟଙ୍କାରେ ଧାନ କିଣିବେ ବୋଲି ଘୋଷଣା କରିଥିଲେ। ହେଲେ ପାଖରେ ଅର୍ଥ ନ ଥିବାରୁ ଜାଣିଶୁଣି ଚାଷୀଙ୍କୁ ଗୋଲକ ଧନ୍ଦାରେ ଛନ୍ଦୁଛନ୍ତି ଓ ଚାଷୀଙ୍କଠାରୁ ବେଶି ଧାନ ନ କିଣିବା ପାଇଁ ଯୋଜନା କରୁଛନ୍ତି। ଏହା ସରକାରଙ୍କ ନିଜସ୍ୱ ଫନ୍ଦି ବୋଲି ବାରମ୍ବାର ବିରୋଧୀ ଅଭିଯୋଗ କରୁଛନ୍ତି। ଜଣେ ଚାଷୀ ପଞ୍ଜୀକରଣ କରିନପାରିଲେ, ସେ ସରକାରୀ ବ୍ୟବସ୍ଥାରେ ଧାନ ବିକ୍ରି କରି ପାରିବେ ନାହିଁ। ତାଙ୍କୁ ବାଧ୍ୟ ହୋଇ ବେସରକାରୀ ବ୍ୟବସାୟୀଙ୍କୁ କମ୍ ଦାମ୍‌ରେ ଧାନ ବିକ୍ରି କରିବାକୁ ପଡ଼ିବ। ତେଣୁ ପଞ୍ଜୀକରଣ ପ୍ରକ୍ରିୟାରେ ଯଦି ପ୍ରକୃତ ଚାଷୀ ବାଦ ପଡ଼ନ୍ତି, ତେବେ ଏହା କେବଳ ପ୍ରଶାସନିକ ସମସ୍ୟା ନୁହେଁ ଏହା ଚାଷୀଙ୍କ ଆୟ ଓ ଏମ୍‌ଏସ୍‌ପି ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଉଠାଇବ। ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି, ଅଦ୍ୟାବଧି ପ୍ରାୟ ସାଢେ ୫ ଲକ୍ଷ ଚାଷୀ ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଏହି ପଞ୍ଜିକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବରଗଡ଼ ଜିଲ୍ଲାରେ ପ୍ରାୟ ୬୦ ହଜାର ଚାଷୀ ପଞ୍ଜିକରଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୪୩ ହଜାର, କଳାହାଣ୍ଡିରେ ୪୦ ହଜାର ଓ ପୁରୀ ଜିଲ୍ଲାରେ ପ୍ରାୟ ୨୪ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୯୦୭ଟି ପ୍ୟାକ୍ସ ଓ ୪ଟି ପାଣି ପଞ୍ଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଜାରି ରହିଛି। ଏଥି ସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ, ମୋବାଇଲ୍ ନମ୍ବର, ପି-ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତି ପତ୍ର ଅପ୍‌ଲୋଡ୍ କରାଯାଉଛି। ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ୍ୟ କରାଯାଉଛି।

## ଧାନ ପଞ୍ଜୀକରଣରେ...

ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଦେବାଳୟ ଅଧିନସ୍ଥ ହଜାର ହଜାର ଏକର ଚାଷ ଜମି ରହିଛି। ଅଧିକାଂଶ ଠାକୁରଙ୍କ ସେବକମାନେ ଜମି ଚାଷ କରି ଠାକୁରଙ୍କୁ ସେବା ଯୋଗାଇଥାନ୍ତି। ଏହା ବାଦ ଦେବୋତ୍ତର କମିଶନ ଅଧିନରେ ମଧ୍ୟ ହଜାର ହଜାର ଏକର ଜମି ରହିଛି। ଏହି ଜମି ଗୁଡିକ ପଞ୍ଜିକରଣ ପାଇଁ ଏବେ ସମସ୍ୟା ସୃଷ୍ଟି ହୋଇଛି। ଏଗୁଡିକ ପୂର୍ବରୁ ଭାଗଚାଷୀ ଭାବେ ପଞ୍ଜିକରଣ ହେଉଥିଲା। ଦେବୋତ୍ତର ବିଭାଗ ଚିଠା ଏବଂ ସୁପରଭାଇଜରଙ୍କ ଆଧାର କାର୍ଡ ଜରିଆରେ ଏହାକୁ ପଞ୍ଜିକରଣ କରାଯାଉଥିଲା। ଏବେ ଜମି ମାଲିକ ଇକେୱାଇସି ବ୍ୟବସ୍ଥା ତଥା ଆଖି ସ୍କାନ ବ୍ୟବସ୍ଥା ପାଇଁ ସମସ୍ୟା ସୃଷ୍ଟି ହୋଇଛି। ସେହିଭଳି ଭାବେ ଗାଁ କୋଠ ସମ୍ପତ୍ତି ତଥା ଗାଁର ପୂର୍ବଜ ମାନଙ୍କ ମାଲିକାନାରେ ରହିଥିବା ଜମି, ଟ୍ରଷ୍ଟ ଜମି ଗୁଡିକ ପଞ୍ଜିକରଣ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ସ୍ୱଷ୍ଟ ନିର୍ଦ୍ଦେଶ ନ ଥିବାରୁ ଦେବୋତ୍ତର ବିଭାଗ ଜମି ଚାଷ କରୁଥିବା ଚାଷୀକୁ ଚିଠା ପ୍ରଦାନ କରି ପାରୁନାହିଁ। ସେହିଭଳି ଭାବେ ଗାଁ ଗୁଡିକର କୋଠ ସମ୍ପତ୍ତି ମଧ୍ୟ ପଞ୍ଜିକରଣ ହୋଇପାରୁନାହିଁ ଓ ଜିଲ୍ଲା ଯୋଗାଣ ବିଭାଗ, ସମବାୟ ବିଭାଗ ଚୁପ ବସିଛି। ରାଜ୍ୟ ସରକାର ଭାଗଚାଷୀ ପଞ୍ଜିକରଣ ବ୍ୟବସ୍ଥାରେ ଯଦି ପରିବର୍ତ୍ତନ ନ ଆଣିବେ ରାଜ୍ୟରେ ୪୦ ପ୍ରତିଶତ ଜମି ପଞ୍ଜିକରଣ ହୋଇପାରିବ ନାହିଁ ବୋଲି ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ପ୍ରତି ପ୍ୟାକ୍ସ ଓ ଲ୍ୟାମ୍ପରେ ଏବେ ଚାଷୀଙ୍କ ଆବେଦନ ଫର୍ମ ଗଦା ହୋଇ ରହୁଥିବା ବେଳେ ପି-ପାସ୍ ପୋର୍ଟାଲ ସଠିକ ଭାବେ କାମ କରୁନଥିବା ସ୍ଥିତି ଦେଖିବାକୁ ମିଳିଛି। ସାରା ରାଜ୍ୟରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବେଳେ ଅନେକ ସ୍ଥାନରେ ନେଟ୍ ୱାର୍କ ସମସ୍ୟା ମଧ୍ୟ ଲାଗି ରହିଛି। ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପିପାସ୍ ପୋର୍ଟଲ ସଠିକ ଭାବେ କାର୍ଯ୍ୟ ହୋଇପାରୁ ନ ଥିବା ପ୍ୟାକ୍ସ କର୍ମଚାରୀମାନେ କହିଛନ୍ତି। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପଞ୍ଜିକରଣ ଚାଲୁଥିବାରୁ ପୋର୍ଟଲ ଖୋଲିବା ପାଇଁ ସମୟ ନେଉଥିବା, ଆଖି ସ୍କାନ ହେଉ ନଥିବା, ଓଟିପି ଆସୁନଥିବା ମଧ୍ୟ ସମସ୍ୟା ଦେଖାଯାଇଛି। ସେହିଭଳି ଭାବେ ଜଣେ ଚାଷୀର ଆଖି ସ୍କାନ କରି ଓଟିପି ଦିଆଯିବା ସହିତ ପ୍ଲଟ ପଞ୍ଜିକରଣ କରାଯିବା ପରେ ସମିଟ୍ ନେବାରୁ ଅନେକ ସମୟ ଲାଗୁଥିବାଓ ଅନେକ ସମୟରେ ପୂରା ପଞ୍ଜିକରଣ କଟି ଯାଉଥିବା ଅଭିଯୋଗ ହେଉଛି। ହାତରେ ସମୟ କମ ଥିବାରୁ ଚାଷୀମାନେ ପଞ୍ଜିକରଣ ଫର୍ମ ଧରି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଆଗରେ ଧାଡି ବାନ୍ଧୁଥିବା ବେଳେ ପୋର୍ଟାଲ କାମ ନ କରିବା ଜଟିଳ ପରିସ୍ଥିତି ସୃଷ୍ଟି କରିଛି।

## ଯାଞ୍ଚ କମିଟି ଗଠନ

ସତର୍କ କରାଯାଇଥିଲା କି ନାହିଁ, ତାହାର ମଧ୍ୟ ଯାଞ୍ଚ କରିବ କମିଟି। କାର୍ଯ୍ୟାନୁଷ୍ଠାନ ବେଳେ ପୁଲିସ ଯବାନ ୟୁନିଫର୍ମ ପିନ୍ଧିଥିଲେ କି ନାହିଁ ଏବଂ ସେମାନଙ୍କର ନେମପ୍ଲେଟ୍ ଦୃଶ୍ୟମାନ ହେଉଥିଲା କି ନାହିଁ, ତାହାର ମଧ୍ୟ ଅନୁଧ୍ୟାନ କରାଯିବ। ପେଲେଟ୍ ଗନ୍ ବ୍ୟବହାରକୁ ନିଷିଦ୍ଧ କରିବା ଉପରେ ମଧ୍ୟ ବିଚାର କରାଯିବ। ଆନ୍ଦୋଳନ ବେଳେ ଆହତ ହୋଇଥିବା ଉଭୟ ପୁଲିସ କର୍ମଚାରୀ ଏବଂ ଆନ୍ଦୋଳନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ଉପରେ କମିଟି ବିଚାର କରିବ। ସୂଚନାଯୋଗ୍ୟ ଯେ ନିଟ୍ ବିଭ୍ରାଟ ପ୍ରତିବାଦରେ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ 'ସଂସଦ ଚଲୋ' ଅଭିଯାନ ବେଳେ ଗତ ଜୁଲାଇ ୨୦ ତାରିଖରେ ସଂସଦ ସମ୍ମୁଖରେ ପୁଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିବା ଆନ୍ଦୋଳନ ରଣକ୍ଷେତ୍ରରେ ପାଲଟିଥିଲା। ଛାତ୍ରଛାତ୍ରୀ ପୁଲିସ ବାରିକେଡ୍ ଭାଙ୍ଗିଥିବା ବେଳେ ପୁଲିସ ସେମାନଙ୍କ ଉପରେ ଅମାନବିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ବିଦ୍ୟୁତ ଲାଠି ସହିତ ପେଲେଟ୍ ଗନ ମାଡ଼ କରିଥିଲା। କେବଳ ଏତିକି ନୁହେଁ, ଆନ୍ଦୋଳନକାରୀ ଛାତ୍ରୀଙ୍କ ପ୍ରତି ଅସଦାଚଣ ମଧ୍ୟ କରିଥିଲା ବୋଲି ଅଭଯୋଗ ହୋଇଥିଲା। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସୁପ୍ରିମ କୋର୍ଟ ଏହାର ଯାଞ୍ଚ ପାଇଁ କମିଟି ଗଠନ କରିଛନ୍ତି।

## କମିଲା ମୌସୁମୀ....

ସ୍ୱାଭାବିକ ବର୍ଷା ୭୮୬.୫ ମିମି ତୁଳନାରେ ୨୨୦ ମିମି ଅଧିକ। ଏହି ହାରରେ ଏବେ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୮ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଜିଲ୍ଲାରେ ବର୍ଷାର ପରିମାଣ ନିଅଣ୍ଟିଆ ରହିଥିବା ବେଳେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଝାରସୁଗୁଡ଼ା ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ଏହା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ଓ ଯଥେଷ୍ଟ ଅଧିକ (୬୦ ପ୍ରତିଶତରୁ ଅଧିକ) ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ରାଜ୍ୟ ଉପରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ନାହିଁ। ଏହାର ପ୍ରଭାବରେ ଆକାଶ ନିର୍ମଳ ରହିବା ସହିତ ଦିନରେ ଖରାର ପ୍ରଭାବ ମଧ୍ୟ ବଢ଼ିଛି। ତେବେ ବାୟୁମଣ୍ଡଳରେ ଏବେ ପ୍ରଚୁରମାତ୍ରାରେ ଜଳୀୟବାଷ୍ପ ରହୁଥିବାରୁ ଅପରାହ୍ନ ପରେ ବିଜୁଳି ଘଡ଼ଘଡ଼ିର ଆଶଙ୍କା ଯଥେଷ୍ଟ ବଢ଼ିଯାଇଛି। ଆସନ୍ତା ୨୩-୨୪ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାକୁ ଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ଜନିତ ସ୍ଥିତିରୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଛି।

## ଅଗଷ୍ଟରେ ଆମେରିକାରୁ...

୧୫୦୦ ଭାରତୀୟ ଛାତ୍ରଙ୍କ ଉପରେ ମଧ୍ୟ ନିର୍ବାସନର ଆଶଙ୍କା ବଢ଼ିଛି। ସ୍ନାତକୋତ୍ତର ପରେ କାମ କରିବା ପାଇଁ ମିଳୁଥିବା କାର୍ଯ୍ୟ ଅନୁମତି ବାତିଲ ହେବା ପରେ ଏହି ଛାତ୍ରମାନେ ଆନ୍ଦୋଳନ କରିଛନ୍ତି। କାନାଡା ସରକାରଙ୍କ ପକ୍ଷରୁ ବୈଧ ଭିସା କିମ୍ବା କାର୍ଯ୍ୟ ଅନୁମତି ନଥିବା ବିଦେଶୀ ଛାତ୍ରଙ୍କୁ ଦେଶ ଛାଡ଼ିବାକୁ ପଡ଼ିବ ବୋଲି କୁହାଯାଇଛି। ଆଲବର୍ଟାର ମୁଖ୍ୟମନ୍ତ୍ରୀ ମଧ୍ୟ ଛାତ୍ର ଭିସାକୁ ଅସ୍ଥାୟୀ ଦସ୍ତାବିଜ ବୋଲି କହିଛନ୍ତି। ୨୦୨୫ରେ ଆମେରିକା ୩୫୬୭ ଭାରତୀୟ ନାଗରିକଙ୍କୁ ନିର୍ବାସିତ କରିଥିଲା। ୨୦୨୫ ଫେବ୍ରୁଆରୀ ୫ରେ ପ୍ରଥମଥର ପାଇଁ ଆମେରିକା ସାମରିକ ବିମାନରେ ୧୦୪ ଭାରତୀୟଙ୍କୁ ଅମୃତସର ଆଣିଥିଲା। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହାତକଡ଼ି ଓ ଚେନ୍‌ରେ ବାନ୍ଧି ଅଣାଯାଇଥିବା ଚିତ୍ର ସାମ୍ନାକୁ ଆସିବା ପରେ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆମେରିକା ଓ କାନାଡାରେ ରହିବାର ନିୟମ କଡ଼ାକଡ଼ି ହେବା ପରେ ଭାରତୀୟ ଛାତ୍ର ଓ ବୃତ୍ତିଜୀବୀଙ୍କ ଚିନ୍ତା ବଢ଼ିଛି। ବୈଧ ଭିସା, ଅଧ୍ୟୟନ ଓ କାର୍ଯ୍ୟ ଅନୁମତିର ନିୟମ ପାଳନ ଏବେ ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି।

## ଏବେ ବି ବରିଷ୍ଠ...

ଡେ କେୟାର ସେଣ୍ଟର ଓ ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ରକୁ ସକ୍ରିୟ କରାଯିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ଲାଗି ଯୋଜନା ହୋଇଥିଲା। ଗୁରୁତର ବୟୋଜ୍ୟେଷ୍ଠ ନାଗରିକଙ୍କୁ ଏଠାରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାର ଗଠନର ୮୦୦ ଦିନ ପୂରଣ ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକଙ୍କ ପାଇଁ ଘୋଷଣା କରାଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ହେଲା ନାହିଁ; ସରକାରୀସ୍ତରରେ ମଧ୍ୟ ନିଷ୍ପତ୍ତି ହୋଇଥିବା ଯୋଜନା ଓ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟମ ହୋଇ ପାରିଲା ନାହିଁ। ରାଜ୍ୟ ବରିଷ୍ଠ ନାଗରିକ ସଂଘର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ ଚଳିତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ତାଙ୍କ ନିର୍ବାଚନୀ ଇସ୍ତାହାରରେ ଯେଉଁଭଳି ଭାବେ ବରିଷ୍ଠ ନାଗରିକଙ୍କ ପାଇଁ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ହୋଇପାରି ନାହିଁ। ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ବୟସ୍କ, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟମାନଙ୍କୁ ମାସିକ ଭତ୍ତା ୩ହଜାର ଟଙ୍କା ପ୍ରଦାନ କହିଥିଲେ ହେଁ ତାହା ଏଯାଏ ମିଳିଲା ନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ବିଜେପିରୁ ଯୁବନେତା...

ଥିଲା, କିଏ ଥିଣେ ଅପରାଧୀଙ୍କ ଟାର୍ଗେଟ୍‌ରେ ଏବଂ ଏଥିରେ ପ୍ରକାଶଙ୍କର କି ସମ୍ପୃକ୍ତି ଥିଲା ପୁଲିସ ଖୁଲାସା କରିନାହିଁ। ତେବେ ପୁଲିସର ତଦନ୍ତ ରିପୋର୍ଟ ଆସିବାର ଯଥେଷ୍ଟ ପୂର୍ବରୁ ରାଜ୍ୟ ବିଜେପି ସଭାପତି ପ୍ରକାଶଙ୍କୁ ଦଳରୁ ବହିଷ୍କାର କରିବା ଦଳର ଅସଲ ରୂପକୁ ପଦାରେ ପକାଇଛି।

ପ୍ରକାଶଙ୍କ ନିଲମ୍ବନ ବୟାନ କରୁଛି ଯେ, ସହରର ଅସାମାଜିକ ତତ୍ତ୍ୱଙ୍କୁ ନେଇ ତଥା ବ୍ରହ୍ମପୁରରୁ ଭଡ଼ାରେ ଆଣି ଗୁଣ୍ଡାଙ୍କୁ ସର୍କିଟ ହାଉସର ନିଭୃତ କକ୍ଷରେ ମେଳି କରୁଥିଲେ। ଦୀର୍ଘ ୨୫ ଦିନ ଧରି ଏପରି ଅପରାଧିକ କାର୍ଯ୍ୟକଳାପ ତଥା ଯୋଜନା ସର୍କିଟ ହାଉସରେ ଚାଲି ଆସିଥିବା ବେଳେ କାହିଁକି ଚୁପ୍ ରହିଥିଲା ବିଜେପି ଦଳ? କାହିଁକି ପୁଲିସର କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଅପେକ୍ଷା କରାଗଲା? ଶେଷରେ ବଦନାମ ଭୟରେ ପ୍ରକାଶଙ୍କ ସମ୍ପୃକ୍ତି ନେଇ ପୁଲିସର ଖୁଲାସା ପୂର୍ବରୁ ଦଳୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଘଟଣା ଧର୍ମକୁ ଆଖିଠାର ବୋଲି କୁହାଯାଉଛି।

ସେପଟେ ପ୍ଲାଣ୍ଟସାଇଟ୍, ଉଦିତନଗର ଏବଂ ରାଉରକେଲା ରେଳବାଇ ଥାନାରେ ପ୍ରକାଶ ପାଣ୍ଡଆନଙ୍କ ନାମରେ ପ୍ରାୟ ୧୯ଟି ମାମଲା ରହିଥିବା ବେଳେ ଏବେ ସର୍କିଟ ହାଉସ୍ ଘଟଣା ଯୋଡ଼ି ହୋଇଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ପ୍ରକାଶଙ୍କ ନାମ ଆସିଥିବା ବେଳେ ରଘୁନାଥପାଲି ପୁଲିସ ତାଙ୍କ ନାମରେ ମାମଲା ରୁଜୁ ନ କରିବା ଘଟଣା କେଉଁଠି ନା କେଉଁଠି ପୁଲିସ ରାଜନୈତିକ ଚାପରେ ରହିଥିବା ଚର୍ଚ୍ଚା ହେଉଛି। ତେବେ ଆଜି ପ୍ରକାଶଙ୍କୁ ନିଲମ୍ବନ କରି ବିଜେପି ଦଳ ତାଙ୍କ ହାତ ଛାଡ଼ିଦେବା ପରେ ତାଙ୍କ ଅଡୁଆ ବଢିଛି। ଯେଉଁ ଚାପ ଥିଲା ସେଥିରୁ ସମ୍ଭବତଃ ପୁଲିସ ଏବେ ହାଲୁକା ହୋଇଯିବ। କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ସଜବାଜ ହେଉଥିବା ବି ଚର୍ଚ୍ଚା ହେଉଛି।

ଆଉଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସର୍କିଟ ହାଉସ ବୁକିଂ ନେଇ ନିୟମ ଅନୁପାଳନ ହୋଇଛି ତ? ଜୁଲାଇ ୨୧ରୁ ଦୀର୍ଘ ୨୫ ଦିନ ଧରି କିପରି ଜଣଙ୍କୁ ରୁମ୍ ଦିଆଗଲା ଓ ଅପରାଧିକ କାର୍ଯ୍ୟକଳାପ ଚାଲି ଆସୁଥିବା ବେଳେ କାହିଁକି ନିରବ ରହିଥିଲେ ବୁକିଂ ଦାୟିତ୍ୱରେ ଥିବା ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ। ପ୍ରକାଶଙ୍କୁ ୨୫ ଦିନ ଧରି ରୁମ୍ ଦେବାକୁ ଏବଂ ଅପରାଧୀମାନଙ୍କୁ ଆପ୍ୟାୟିତ କରିବାକୁ ଉପଜିଲ୍ଲାପାଳଙ୍କୁ ବଡ଼ବଡ଼ିଆ କିଏ ନିର୍ଦ୍ଦେଶ ବା ବାଧ୍ୟ କରିଥିଲା କି? ତାହା ମଧ୍ୟ ସାର୍ବଜନୀନ ହେବା ଉଚିତ। ଏହାଦ୍ୱାରା ଉପଜିଲ୍ଲାପାଳ ତାଙ୍କ ପଦର ଅପବ୍ୟବହାର କରି ନାହାନ୍ତି ତ? ଏ ସବୁର ବି ତଦନ୍ତ ଆବଶ୍ୟକ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନାମଲେଖା ଆରମ୍ଭ

ବାରିପଦା, ୨୦।୮ (ସମିସ): ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ପୂର୍ବତନ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ)ରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାଯାଇଛି ଯେ, ସିପିଇଟି-୨୦୨୬ (ସାମସ) ମାଧ୍ୟମରେ ନିୟମିତ ଓ ସ୍ୱୟଂ ଅର୍ଥାୟିତ କୋର୍ସରେ ନାମଲେଖା ହେବ। ଏଥିସହିତ ଓଜେଇ-୨୦୨୬ ମାଧ୍ୟମରେ ଏମସିଏ ଓ ଏମବିଏ ଓ ୩ ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଡ-ଏମଏଡ ପାଇଁ ସାମସ ମାଧ୍ୟମରେ ଭର୍ତ୍ତି କରାଯିବ। ଉପଲବ୍ଧ କୋର୍ସଗୁଡ଼ିକ ମଧ୍ୟରେ ନିୟମିତ କୋର୍ସ ଭାବେ ଓଡ଼ିଆ, ସାନ୍ତାଳୀ, ଗଣିତ, କମ୍ପ୍ୟୁଟର ଆପ୍ଲିକେସନ (ଏମସିଏ), କମ୍ପ୍ୟୁଟର ସାଇନ୍ସ, ବ୍ୟବସାୟ ପ୍ରଶାସନ (ଏମବିଏ), ଅର୍ଥନୀତି, ଆନ୍ଥ୍ରୋପୋଲୋଜି ଓ ଟ୍ରାଇବାଲ ଷ୍ଟଡିଜ, ସାମାଜିକ କାର୍ଯ୍ୟ (ଏମଏସଡବ୍ଲ୍ୟୁ), ରସାୟନ, ପଦାର୍ଥ ବିଜ୍ଞାନ, ଜୀବ ପ୍ରଯୁକ୍ତି, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଜୈବ ବିବିଧତା ସଂରକ୍ଷଣ, ଶିକ୍ଷା ଓ ୩ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଡ-ଏମଏଡ ରହିଛି।

ସେହିପରି ସ୍ୱୟଂଅର୍ଥାୟିତ କୋର୍ସ ଇଂରାଜୀ, ସଂସ୍କୃତ, ଇତିହାସ, ରାଜନୀତି ବିଜ୍ଞାନ, ଯୋଗ ଓ ନେଚୁରୋପାଥି, ରିମୋଟ ସେନ୍ସିଂ ଓ ଜିଆଇଏସ, ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ (ଏମଏଲଆଇଏସ) ଓ କମର୍ସ ରହିଛି। ଅପରପକ୍ଷରେ ରାଇରଙ୍ଗପୁରରେ ଥିବା ସ୍କୁଲ ଅଫ ଇନଫରମେସନ ଟେକ୍ନୋଲୋଜିରେ ବିଏସସି ଓ ଏମଏସସି କମ୍ପ୍ୟୁଟର ସାଇନ୍ସ ଓ ଏମସିଏ ଉପଲବ୍ଧ। ଦୂରଶିକ୍ଷା ଓ ଅନଲାଇନ କେନ୍ଦ୍ର (ସିଡିଓଇ) ମାଧ୍ୟମରେ ମଧ୍ୟ ଅନେକ ସ୍ନାତକୋତ୍ତର କୋର୍ସ ଉପଲବ୍ଧ। ବିଶ୍ୱବିଦ୍ୟାଳୟ ଏନଇପି-୨୦୨୦ ଅନୁଯାୟୀ ଆଧୁନିକ ପାଠ୍ୟକ୍ରମ, ଆଇସିଟି ସଜ୍ଜିତ ଶ୍ରେଣୀ କକ୍ଷ, ବ୍ୟାଗିଂ ମୁକ୍ତ କ୍ୟାମ୍ପସ, ଜାତୀୟ ସେବା ଯୋଜନା, ସେଣ୍ଟ୍ରାଲ ଲାଇବ୍ରେରୀ, ୱାଇଫାଇ କଭରେଜ, ହଷ୍ଟେଲ ସୁବିଧା ସହିତ ଅନେକ ଆଧୁନିକ ସୁବିଧା ପ୍ରଦାନ କରୁଛି। ଏହା ଏନଏଏସି "ଏ' ଗ୍ରେଡ୍‌ପ୍ରାପ୍ତ ଏକ ମଲ୍ଟିଡିସିପ୍ଲିନାରୀ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଅଟେ। ଅଧିକ ସୂଚନା ପାଇଁ ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବସାଇଟ ଏଚଟିଟିପିଏସ://ଏମ ଏସସିବିୟୁ ଏସି.ଇନ୍ କିମ୍ବା ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଯୋଗାଯୋଗ କରିପାରିବେ ବୋଲି କୁଳପତି ପ୍ରଫେସର ଡ ମହେନ୍ଦ୍ର କୁମାର ମହାନ୍ତି ଜଣାଇଛନ୍ତି।

# ବନ୍ୟାପାଣିରେ ଭାସିଗଲେ ୩ ଯୁବକ

## ୨ ଉଦ୍ଧାର, ଜଣେ ନିଖୋଜ

ସମ୍ବଲପୁର,୨୦।୮ (ସମିସ): ଧନୁପାଲି ଥାନା ଅଧୀନ ମାଳତୀଜୋର୍‌ରେ ଗାଧୋଇବାକୁ ଯାଇ ଅଘଟଣର ଶିକାର ହୋଇଛନ୍ତି ୩ ଯୁବକ। ବନ୍ୟାଜଳର ପ୍ରଖରସ୍ରୋତରେ ଭାସିଯାଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ୨୧ ବର୍ଷୀୟ ଯୁବକ ଏବେବି ନିଖୋଜ ଥିବା ଜଣାପଡ଼ିଛି। ନିଖୋଜ ଯୁବକ ହେଲେ ରାଜସ୍ଥାନ ବାଡମେର ଜିଲ୍ଲା ବିଜୟ ନଗର ଗ୍ରାମର ପ୍ରକାଶ ଶରଣ (୨୧)। ଉଦ୍ଧାର ଦୁଇ ଯୁବକ ହେଲେ ସୁନ୍ଦର ପ୍ରକାଶ (୧୯) ଏବଂ ତମଶି ଅଣକିଆ (୨୦)। ସୂଚନା ଅନୁଯାୟୀ, ରାଜସ୍ଥାନର ବାଡମେର ଜିଲ୍ଲା ବିଜୟନଗର ଗାଁର ତିନି ଯୁବକ ସମ୍ବଲପୁର ନକ୍ସାପାଲି ଅଞ୍ଚଳକୁ କାମ ପାଇଁ ଆସିଥିଲେ। ଗୁରୁବାର ସେମାନେ ମାଳତୀଜୋରକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ହଠାତ୍ ବନ୍ୟାଜଳର ପ୍ରଖରସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ି ୨ ଜଣ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଅନ୍ୟଜଣେ ୨୧ ବର୍ଷୀୟ ଯୁବକ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଧନୁପାଲି ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଖୋଜ ଯୁବକଙ୍କ ସନ୍ଧାନ ପାଇଁ ଅଭିଯାନ ଜାରି କରିଥିଲା। ରାତି ହୋଇଯାଇଥିବାରୁ ସନ୍ଧାନ କାର୍ଯ୍ୟ ସ୍ଥଗିତ ରଖିଥିଲା।

OFFICE OF THE PRINCIPAL
NATIONAL COLLEGE, NUAPADA
AT/PO/DIST-NUAPADA (ODISHA)-766105

ବିଜ୍ଞପ୍ତି
ଅତିଥି ଅଧ୍ୟାପକ ନିଯୁକ୍ତି

ନ୍ୟାସନାଲ ମହାବିଦ୍ୟାଳୟ, ନୂଆପଡା, ଡୁମେରପାଣି, ସାଇଦା ୭୬୬୧୦୫ ରେ ନିମ୍ନଲିଖିତ ବିଷୟଗୁଡିକରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଅତିଥି ଅଧ୍ୟାପକ (Guest Faculty) ଭାବେ ଅସ୍ଥାୟୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଛି। UGC Regulation ୧୯୯୮ ଅନୁସାରେ ଯୋଗ୍ୟ ପ୍ରାର୍ଥୀମାନେ ନିମ୍ନଲିଖିତ ବିଷୟରେ ଆବେଦନ କରିପାରିବେ।

| ବିଷୟ | ପଦ ସଂଖ୍ୟା |
|---|---|
| Education | 01 |
| Geography | 01 |
| Commerce (AEDP) | 02 |
| Economics (AEDP) | 01 |
| History (AEDP) | 01 |

ଆବେଦନ ପ୍ରକ୍ରିୟା: (HIMS Portal) https://hims.odisha.gov.in ମାଧ୍ୟମରେ ଆବେଦନ କରିବାକୁ ହେବ ଅନ୍ୟଥା ଆବେଦନ ଗ୍ରହଣ କରାଯିବ ନାହିଁ। ଆବେଦନ ତା ୨୧.୦୮.୨୦୨୬ ରିଖରୁ ତା ୦୪.୦୯.୨୦୨୬ ମଧ୍ୟରେ। ସାକ୍ଷାତ୍କାର ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ତା ୦୭.୦୯.୨୦୨୬ ରିଖ। ସବିଶେଷ ବିବରଣୀ ପାଇଁ (HIMS Portal) https://hims.odisha.gov.in କୁ ଅନୁଧ୍ୟାନ କରନ୍ତୁ।

Principal I/C
National College, Nuapada

ପଶ୍ଚିମ ରେଳବାଇ
ରତଲାମ ମଣ୍ଡଳ

ଇ-ଟେଣ୍ଡରିଂ ବିଜ୍ଞପ୍ତି

ଡିଭିଜନାଲ୍ ରେଲୱେ ମ୍ୟାନେଜର୍ (WA), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଉଛି। ବିବରଣୀ ନିମ୍ନରୂପ:- ଇ-ଟେଣ୍ଡର ନଂ.: RTM-2026-27-76, କାର୍ଯ୍ୟର ନାମ: ଉଜ୍ଜୟିନୀରେ ପ୍ରସ୍ତାବିତ ଚାରି ଲେନ୍ Reoganj ROB ସମ୍ବନ୍ଧରେ ବିଲ୍ଡିଂ କାର୍ଯ୍ୟ, ପାଇପଲାଇନ୍ ନେଟୱର୍କ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ ସିଭିଲ୍ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୪,୧୫,୩୨,୭୭୦.୮୫, ବଯ଼ନା ରାଶି: ଟ. ୮,୩୦,୭୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୮.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୬.୦୯.୨୦୨୬। ଇ-ଟେଣ୍ଡର ନଂ.: RTM-2026-27-79, କାର୍ଯ୍ୟର ନାମ: ଉଜ୍ଜୟିନୀରେ SSE ବ୍ରିଜ୍ ଅଫିସ୍, ଗୋଦାମ ଏବଂ ୱର୍କସପ୍ ପ୍ରଦାନ କରିବା। (କମ୍ପୋଜିଟ୍ ସିଭିଲ୍ + ଇଲେକ୍ଟ୍ରିକାଲ୍), ଆନୁମାନିକ ମୂଲ୍ୟ: ଟ. ୨,୭୩,୩୩,୨୮୩.୧୧, ବଯ଼ନା ରାଶି: ଟ. ୫,୪୬,୭୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୯ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୮.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୬.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। Apex/214

Like us on: facebook.com/WesternRly

FOR SALE

1 Number of TATA NEXON CAR, Registration No.- OD-11-AA-9024, Model- 2024 ENGINE NO –REVTRN21PWXMR3767, CHASSIS NO - MAT627407RLA01389, For Details, contact –8280406596,9043001906, SUNDARAM FINANCE LTD., MISHRA COMPLEX,2 ND FLOOR, INFRONT OF SATYASAI SCHOOL, BARIPADA,MAYURBHANJ-757001 PH. NO-0679-2253348

OFFICE OF THE NOTIFIED AREA COUNCIL, KUCHINDA
Letter No. 1883 /NAC Dated: 19.08.2026

Expression of Interest (EOI) for Selection of Mission Shakti Groups for O&M of AAHAAR Kendra & AAHAAR Kitchen in Notified Area Council, Kuchinda

Notified Area Council Kuchinda invites Expression of Interest (EOI) in the Prescribed Formats (Annexure-I & II) in sealed cover from the intending Mission Shakti Groups having the credibility and experience for O&M of Aahaar Kendra & Aahaar Kitchen and overall management of Aahaar centre including cooking Transportation of meal at Aahaar centre and the entire responsibilities of Aahaar and bring in better accountability towards the public. The applicants should be under Notified Area Council Kuchinda Jurisdiction only.

| | | |
|---|---|---|
| 01 | Available of EOI documents in website | 21.08.2026 (10.00 AM) |
| 02 | Last date and time of submission of EOI | 09.09.2026 (BY 1.00PM) |
| 03 | Date and time of Opening of EOI | 10.09.2026 (10.30 AM) |
| 04 | For downloading the EOI documents and term and Condition of assignment, please visit the Notified Area council Kuchinda website and Sambalpur district website | www.nackuchinda.in https://sambalpur.odisha.gov.in/ |

The authority reserves right to reject any or all the EOIs without assigning any reason thereof. Any Change/ Correction/ Corrigendum in respect the above shall be placed in NAC Kuchinda website.

Sd/- Executive Officer
Notified Area Council, Kuchinda

AFFIDAVIT

I, SUJIT PANDA S/O- RAMESH CHANDRA PANDA, RESIDENT AT- PLOT NO- 115, BAPUJI NAGAR, PS- CAPITAL P.S., BHUBANESWAR- 751009, ODISHA DECLARE BY THIS AFFIDAVIT NO- 105, DT- 27.03.2024. THAT NOW ON WARDS I SHALL BE KNOWN AS SOOJIT PANDA FOR ALL FEATURES PURPOSES.

AFFIDAVIT

By virtue of an affidavit sworn before the Executive Magistrate, Begunia, dated 03.06.2026, I, **Manoranjan Jena,** At/Po- P.S. Begunia, Dist. Khordha, PIN-752062, Odisha declare that I have changed my name from **Manoj Jena** (old name) to **Manoranjan Jena** (new name) for correction of my Aadhaar records. Henceforth, I shall be known as **Manoranjan Jena** for all purposes.

**Manoranjan Jena**

AFFIDAVIT

I, Ananta Kumar Patra, aged about 61 years, S/o- Late Bhaku Patra, resident of Vill- Jhadeswarpur, Po/Ps- Jaleswar, Dist- Balasore, Pin- 756032, Odisha declared by this affidavit No. 3470, dtd- 05/08/2026 that now onwards I shall be known as **ANANTA PATRA** for all future purposes.

OFFICE OF THE MUNICIPAL COUNCIL: JAYAPUR
13001/1600/2627 Phone No. : 06854-231098, e-Mail: ulbievpore@email.com

Letter No. 4114 Date: 19/08/2026

Advertisement for Auction Sale Notice

Through this notice, the general public is hereby informed that the following municipal property under Jayapur Municipality will be leased for the financial year 2026-2027. Therefore, institutions, individuals, and self-help groups registered under Jayapur Municipality who are interested in taking the lease are requested to submit sealed tenders by Registered Post by 12 PM (Noon) on 29.08.2026. The tenders received will be opened at 5 PM on 29.08.2026.

The approved parking fee rate chart and tender documents can be obtained from the office of Municipality @ Cashier Section by paying the prescribed fee between 21.08.2026 to 28.08.2026.

The authority is not bound to accept the highest tender or any tender. The authority reserves the right to cancel or reject all tenders without providing any reason.

All details, terms and conditions related to the tender can be obtained from the office of the Municipality.

| Sl No | Name of the property | Lease period | Lease value for 11 months (INR) | Security Deposit (INR) | Tender Document Fee (INR) |
|---|---|---|---|---|---|
| 01 | Paid Parking Stand Near Old OSRTC Bus Stand | 01.09.2026 to 31.07.2027 | Rs. 4,31,063/- | Rs. 39,188/- | Rs. 600/- |

Sd/-
Executive Officer
Jayapur Municipality

OIPR-13001/13079/1/26-27/0025

25001/981/2627
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail : eerw_kjr2@yahoo.com

"e" Procurement Notice for Building Works

Identification No Online NCB - 07/2026-27.

1. Name of the Work : Building Works
2. Total Number of Work : 04 Nos. Building
3. Estimated Cost : Rs. 52.54 Lakhs to Rs. 55.08 Lakhs
4. Class of Contractor : Only 'B' Class
5. Period of Completion : As per annexure of e-Procurement Notice No. 07/2026-27.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar, | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Building Online NCB No.07 | Dt.28.08.26 at 11.00 A.M. | Dt.09.09.26 up to 5.00 P.M. | Dt.08.09.26 up to 5.00 P.M. | Dt.10.09.26 at 11.00 A.M. | Will be intimated later |

Further details can be seen from the Website www.tendersorissa.gov.in

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/26-27/007

OFFICE OF THE NOTIFIED AREA COUNCIL, BHUBAN
e-Mail: bhubann.hud@od.gov.in

INVITATION FOR BIDS
13001/1615/2627
E- Procurement Notice- 04/2026-27
Tender Call Notice No-2017/BBN NAC Dt.20.08.2026

1. Name of the work : 06 Numbers of Civil Construction works as in the DTCN published in the website.
2. Estimated Cost : Varies from Rs. 03 Lakhs to Rs 05 Lakhs
3. Period of Completion : One Month to Three Months
4. Date and time of availability of Bid Document in the Portal : From 10.00 A.M of Dt. 24.08.2026 to 5.00 P.M of Dt. 05.09.2026
5. Last date /Time for receipt of Bid in the portal : 5.00 P.M of Dt. 05.09.2026
6. Date and time of opening of Bid : 10.00 A.M hours of Dt. 07.09.2026
7. Name and address of the Officer : Executive Officer, Bhuban NAC

Inviting Bid
Further details can be seen from the e-Procurement portal http://tenderorissa.gov.in

Executive Officer
Bhuban N.A.C.

OIPR-13001/13096/1/26-27/0003

ଜିଲ୍ଲା ପରିଷଦ, ଅନୁଗୋଳ
ZILLA PARISHAD, ANGUL
ପଞ୍ଚାୟତି ରାଜ
Dist. -ANGUL, Odisha. Pin- 759122
E-mail : ori-dangul@nic.in , drdaangul@gmail.com

19001/208/2627 ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

ବ୍ଲକ ସ୍ତରୀୟ ଜନଶୁଣାଣି

କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା - 2929 / ତା: 18.08.2026

ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ(୦୧-ଅକ୍ଟୋବର-୨୦୨୫ ଠାରୁ ୩୧ ମାର୍ଚ୍ଚ୨୦୨୬)ମଧ୍ୟରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡିକର ବ୍ଲକ ସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରଯାଇଅଛି।

ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି କି ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସଂପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିଗଣ ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରୀତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ।

ବ୍ଲକ ସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ

| କ୍ର. ସଂ. | ବ୍ଲକର ନାମ | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତା ପ୍ରାପ୍ତ ଅଧିକାରୀ। |
|---|---|---|---|---|---|
| ୧ | ପାଲଲହଡା | ୦୮/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ,ପାଲଲହଡା |
| ୨ | ଜଣିଆଁ | ୦୯/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ |
| ୩ | ଛେଣ୍ଡିପଦା | ୧୦/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅନୁଗୋଳ |
| ୪ | ଅନୁଗୋଳ | ୧୧/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅନୁଗୋଳ |
| ୫ | ତାଳଚେର | ୧୮/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ତାଳଚେର |
| ୬ | ବଣାରପାଳ | ୧୯/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଅନୁଗୋଳ |
| ୭ | କିଶୋର ନଗର | ୨୨/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ଆଠମଲ୍ଲିକ |
| ୮ | ଆଠମଲ୍ଲିକ | ୨୩/୦୯/୨୦୨୬ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ନିର୍ବାହୀଅଧିକାରୀ,(ପ୍ରଶାସନ) ଜିଲ୍ଲାପରିଷଦ, ଅନୁଗୋଳ |

ସ୍ୱା/-
ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ

ସ୍ୱା/-
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ଅନୁଗୋଳ

OIPR-19001/19236/1/26-27/0002

**ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

# ୯୬ ପଦ ପାଇଁ ଆବେଦନକାରୀଙ୍କ ସଂଖ୍ୟା ୪ହଜାରରୁ ଊର୍ଦ୍ଧ୍ୱ

ଭବାନୀପାଟଣା, ୨୦।୮ (ସମିସ)




ଶିକ୍ଷାଦାନକୁ ଫଳପ୍ରସୂ କରିବା ପାଇଁ ସାମ୍ପ୍ରତିକସ୍ଥିତିରେମ ଶିକ୍ଷା, ଶିକ୍ଷାନୁଷ୍ଠାନ, ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କୁ ଦିଗହରା ପରିସ୍ଥିତିରୁ ମୁକ୍ତ କରିବା ଜରୁରୀ। ସେ ଗୁରୁଦାୟିତ୍ୱ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତୁଲାଇଥାଏ। ନବୀନ ସରକାର କାଳରେ ବହୁ ଚିନ୍ତାକରି ୨୦୨୦ ମସିହା ସେପ୍ଟେମ୍ବର ୧ ତାରିଖରେ ଏହି ବିଶ୍ୱବିଦ୍ୟାଳୟକୁ ଭେଟିରୂପେ କଳାହାଣ୍ଡିବାସୀଙ୍କୁ ଦିଆଯାଇଥିଲା। ଜିଲ୍ଲାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ନୂଆ ସନ୍ଦେଶ ଆଣିବା ସହିତ ଅଗଣିତ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ପ୍ରତି ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇବାର ଅବକାଶଟିଏ ଥିଲା। ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାଁ ରେ ନାମିତ ହୋଇଛି। କିନ୍ତୁ ଶିକ୍ଷାର ମୌଳିକ ଉଦ୍ଦେଶ୍ୟକୁ ଅର୍ଥପୂର୍ଣ୍ଣ କରିବାରେ ବିଳମ୍ବିତ ବ୍ୟବସ୍ଥା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟର ଗାରିମା ଚର୍ଚ୍ଚାର କାରଣ ପାଲଟିଛି। ବିଶ୍ୱବିଦ୍ୟାଳୟ ଅଧୀନରେ ୪୯ଟି ଆଫିଲେଟେଡ ମହାବିଦ୍ୟାଳୟ ପରିଚାଳିତ ହେଉଥିବା ଜଣାପଡ଼ିଛି। ଏଥିମଧ୍ୟରୁ ବିଶ୍ୱବିଦ୍ୟାଳୟ ତତ୍ତ୍ୱାବଧାନରେ ଯୁକ୍ତ ତିନିରୁ ସ୍ନାତକୋତ୍ତର, ପିଏଚ୍‌ଡିରେ ହଜାର ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଶ୍ୱବିଦ୍ୟାଳୟର ଭିନ୍ନ ଭିନ୍ନ ବିଭାଗର କଳେବର ବୃଦ୍ଧି ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପରିବର୍ତ୍ତେ ଅନେକ ସମୟରେ ବହୁଳ ଭାବେ ଅନ୍ୟ କାର୍ଯ୍ୟକ୍ରମର ବାହ୍ୟ ପ୍ରଦର୍ଶନ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଯେଉଁଠି ପିଏଚ୍‌ଡି ସମେତ ୨୦ରୁ ଊର୍ଦ୍ଧ୍ୱ ବିଭାଗରେ ଛାତ୍ରଛାତ୍ରୀମାନେ ଅଧ୍ୟୟନରତ। ସେଠାରେ ଶିକ୍ଷକ ଅଭାବ ବିଶ୍ୱବିଦ୍ୟାଳୟ ପାଇଁ ବଡ଼ ବିପତ୍ତିରୂପେ ଦେଖାଯାଇଛି। ଦୀର୍ଘ ବର୍ଷର ବ୍ୟବଧାନରେ ରାଜ୍ୟ ସରକାର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଇଁ ଶିକ୍ଷକ ଯୋଗାଇବା କ୍ଷେତ୍ରରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦ ସର୍ବମୋଟ ୯୬ଟି ପୋଷ୍ଟ ପାଇଁ ଇତିମଧ୍ୟରେ ୪ହଜାରରୁ ଅଧିକ ଆବେଦନ ପତ୍ର ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଇଁ ୧୧୨ଟି ଶିକ୍ଷକ ପଦ ଆବଶ୍ୟକ ଥିବାବେଳେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ରିପୋର୍ଟ ଅନୁଯାୟୀ ୧୬ ଜଣ ପ୍ରଫେସର, ୩୨ ଜଣ ଆସୋସିଏଟ ପ୍ରଫେସର ଏବଂ ୬୪ ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିବା କଥା। କିନ୍ତୁ ଦେଖାଯାଇଛି, ପ୍ରଫେସର କେହି ବି ନଥିବା ବେଳେ ୧୬ଟି ପଦ ଖାଲି ପଡ଼ିଛି। ସେହିଭଳି ଆସୋସିଏଟ ପ୍ରଫେସର ମାତ୍ର ଦୁଇଜଣ ଅଛନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ୩୦ଟି ପଦ ଖାଲି ପଡ଼ିଛି। ବିଶ୍ୱବିଦ୍ୟାଳୟ ହେବା ପୂର୍ବରୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭବାନୀପାଟଣାର ରେଗୁଲାର ଷ୍ଟାଫ୍ ୧୪ ଜଣ ଏବଂ ଅନ୍ୟମାନଙ୍କୁ ମିଶାଇ ୨୬ ଜଣ ଷ୍ଟାଫ୍ ବାଦ୍ ଦେଲେ ଛାତ୍ରଛାତ୍ରୀଙ୍କ ପାଇଁ ୮୭ ଜଣ ଅତିଥି ଅଧ୍ୟାପକ ଅଧ୍ୟାପିକା ଦାୟିତ୍ୱର ସହ କାର୍ଯ୍ୟ ତୁଲାଇ ଆସୁଛନ୍ତି। କେବଳ ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଠିକା କର୍ମଚାରୀଙ୍କୁ ନେଇ ଅଧିକାଂଶ କାର୍ଯ୍ୟ ସମ୍ପାଦନ କରାଯାଉଛି। ଗୁଣାତ୍ମକ ଶିକ୍ଷାଦାନର ଆଶା ମୌଳିବା ସଙ୍ଗେ ସଙ୍ଗେ ଶିକ୍ଷା କେବଳ ପରୀକ୍ଷା ଓ ପାଠ୍ୟ ପୁସ୍ତକ କୈନ୍ଦ୍ରିକ ହେଉଥିବା ଲକ୍ଷ୍ୟ କରାଯାଇଛି। ବିଶ୍ୱବିଦ୍ୟାଳୟ ପାଇଁ ଅଭାବ ଥିବା ୧୧୨ଟି ଶିକ୍ଷକ ପଦ ପୂରଣ ହୋଇଗଲେ ଏକ ସ୍ୱୟଂସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଗ୍ରହଣ କ୍ଷେତ୍ରରେ ବିନିଯୋଗ ହୋଇପାରିବ। ଶିକ୍ଷାଦ୍ୱାରା ମାନବିକତାର ଉନ୍ମେଷ ଓ ବିକାଶ ସାଧିତ ହେବା ନିଶ୍ଚିତ। ଖାଲି ପଡ଼ିଥିବା ପଦପୂରଣ ହେଲେ ଛାତ୍ରଛାତ୍ରୀମାନେ ପଢ଼ିବେ, ଦେଖିବେ, ଶିଖିବେ ଓ ନିଜର ଜ୍ଞାନ ଓ ବିଦ୍ୟାକୁ ଅଧିକ ଗତିଶୀଳ କରିପାରିବେ। କିନ୍ତୁ ୪ହଜାରରୁ ଊର୍ଦ୍ଧ୍ୱ ଆବେଦନ ପତ୍ରକୁ ତନ୍ନତନ୍ନ କରି ବିଭିନ୍ନ ଫରୋମରେ ଏକ୍ସପାର୍ଟମାନଙ୍କ ଦ୍ୱାରା ଯାଞ୍ଚ ପାଇଁ ପ୍ରାୟ ୭ମାସରୁ ଅଧିକ ସମୟ ଲାଗିପାରେ ବୋଲି କୁଳସଚିବ ଗୁଣନିଧି ନାୟକ ପ୍ରକାଶ କରିଛନ୍ତି। ସେ ଯାହା ହେଉ ୨୦୨୭ ବର୍ଷରେ ବିଶ୍ୱବିଦ୍ୟାଳୟକୁ ନୂତନ ଭାବେ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ମିଳିବା ଆଶା ଉଜ୍ଜୀବିତ ହୋଇଛି ବୋଲି କୁହାଯାଇପାରେ।

## ପ୍ରଜାପତି ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ନିଶାମୁକ୍ତି ଅଭିଯାନ



ଖଡିଆଳ, ୨୦।୮ (ସମିସ): ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ବିଭାଗ ପକ୍ଷରୁ ପ୍ରଜାପତି ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ନିଶା ନିବାରଣ ସଚେତନତା ଏବଂ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବି.କେ.ସୂର୍ଯ୍ୟକାନ୍ତି ଭଉଣୀ ନିଶାମୁକ୍ତିର ଗୁରୁତ୍ୱ, ଯୁବସମାଜ ପାଇଁ ଆବଶ୍ୟକ ବିଷୟରେ ଆଲୋଚନା କରିଥିଲେ। ସଂଯୋଜିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧକ୍ଷା ରାଜଲକ୍ଷ୍ମୀ ରଥ, ପ୍ରଣତି ପଣ୍ଡା, ପ୍ରଦୀପ କୁମାର ବେହେରା, ଡ଼ ସରୋଜ କୁମାର ପଣ୍ଡା ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ପୁଅର ପଥର ମାଡ଼ରେ ବାପାଙ୍କ ମୃତ୍ୟୁ

ଖଡ଼ିଆଳ, ୨୦।୮ (ସମିସ): ପାରିବାରିକ ଝଗଡ଼ାକୁ କେନ୍ଦ୍ରକରି ପୁଅର ଇଟାପଥର ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡ଼େନ ଥାନା ଅଧୀନ ବୋଇରଗା ପଞ୍ଚାୟତ କୋଟିଆପଡ଼ା ଗ୍ରାମର ଭୂଷଣ ମାଝୀ (୬୦)। ସୂଚନା ଅନୁଯାୟୀ, ପାରିବାରିକ କଥାକୁ ନେଇ ଭୂଷଣ ଓ ତାଙ୍କ ପୁଅ ବିନୋଦ ମାଝୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଇଟାପଥର ମାଡ଼ରେ ଭୂଷଣ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ପୂର୍ବତନ ସମିତି ସଭ୍ୟ ସୈଦାଗର ସାହୁ ପୁଲିସକୁ ସୂଚନା ଦେଇଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ରଞ୍ଜିତ ନାଏକ, ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବୋଡ଼େନ ଥାନାଧିକାରୀ ଧର୍ମେନ୍ଦ୍ର ଭୁଏ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାର ତଦନ୍ତ ପରେ ଅଭିଯୁକ୍ତ ବିନୋଦ ମାଝୀଙ୍କୁ ପୁଲିସ ଗିରଫକରି କୋର୍ଟଚାଲାଣ କରିଛି। ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ପୁଲିସ ସୂତ୍ରରୁ ପ୍ରକାଶ।

**ପ୍ରବାସୀ ଶ୍ରମିକଙ୍କୁ ଘରୋଇ ବସ୍‌ର ଜୁଲମ୍**

## ଭଡ଼ା ଟଙ୍କା ପୂରା ରାସ୍ତାର; ସେବା ଅଧା ବାଟର




କୋକସରା, ୨୦।୮ (ସମିସ): ସାନ୍ ଟୁର୍ ଆଣ୍ଡ ଟ୍ରାଭେଲ୍ସର ‘ନ୍ୟୁ ଇଣ୍ଡିଆ’ ନାମକ ଘରୋଇ ବସ୍ କର୍ମଚାରୀଙ୍କ ଦବଙ୍ଗଗିରି ଓ ଯାତ୍ରୀ ଶୋଷଣର ଏକ ଅଭାବନୀୟ ଦୃଶ୍ୟ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଧୀନ ଆମପାଣି ମୁଖ୍ୟ ଛକ ଜାତୀୟ ରାଜପଥରେ ଦେଖିବାକୁ ମିଳିଛି। ଗନ୍ତବ୍ୟସ୍ଥଳ ପାଇଁ ସମ୍ପୂର୍ଣ୍ଣ ଭାଡ଼ା ଦେଇ ଟିକେଟ୍ କାଟିଥିଲେ ବି ପ୍ରବାସୀ ଶ୍ରମିକଙ୍କୁ ଅଧା ବାଟରେ ଓହ୍ଲାଇ ଦେଇଥିଲେ ବସ୍ କର୍ମଚାରୀ। ଅଭିଯୋଗ ଅନୁସାରେ, ନୂଆପଡ଼ା ଜିଲ୍ଲାର ସିନାପାଲି, ବଲାଙ୍ଗିରର ବଙ୍ଗୋମୁଣ୍ଡା, ମୁରିବାହାଲ, କେମନା ଏବଂ କଳାହାଣ୍ଡିର ଗୋଲାମୁଣ୍ଡା ଅଞ୍ଚଳର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଘରକୁ ଫେରିବା ପାଇଁ ହାଇଦରାବାଦ ସ୍ଥିତ ‘ରାଜଧାନୀ ବସ୍’ କାଉଣ୍ଟରରେ ପହଞ୍ଚିଥିଲେ। ଅଭିଯୋଗ ହୋଇଛି ଯେ, ସେଠାକାର କିଛି ବସ୍ କର୍ମଚାରୀ ଶ୍ରମିକମାନଙ୍କୁ ମାଡ଼ ମାରିବା ସହ ନଗଦ ଟଙ୍କା ଓ ଫୋନ୍-ପେ ମାଧ୍ୟମରେ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଥିଲେ। ଏହାପରେ ସେଠାରେ ଟିକଟ ଧରାଇ ଦେଇ ଉକ୍ତ ବସ୍‌ରେ ପଠାଇଥିଲେ। ଅନ୍ୟପଟେ ବସ୍‌ରେ ଆସୁଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପରିବର୍ତ୍ତେ ଆମପାଣିଠାରେ ଓହ୍ଲାଇ ଦେଇ ବସ୍ ଚାଲିଯିବାକୁ ଉଦ୍ୟମ କରିଥିଲା। ଏହାକୁ ନେଇ ଗୁରୁବାର ସକାଳେ ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ପ୍ରବଳ ହୋହାଲ୍ଲା ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଆମପାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଯାତ୍ରୀଙ୍କୁ ବୁଝାସୁଝା କରିବା ସହ ବସ୍‌ଟିକୁ ଜବତ କରି ଥାନାକୁ ଆଣିଥିଲା। ଥାନାରେ ଅନେକ ସମୟ ଧରି ଆଲୋଚନା ପରେ, ଯାତ୍ରୀମାନଙ୍କୁ ସେମାନଙ୍କ ନିଜ ନିଜ ଗନ୍ତବ୍ୟସ୍ଥଳରେ ନିରାପଦରେ ଛାଡ଼ିବେ ବୋଲି ବସ୍ କର୍ମଚାରୀମାନେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗାଡ଼ିଟିକୁ ଛଡ଼ାଯାଇଥିଲା। ଅନ୍ୟପଟେ ଜବତ ବସ୍‌ଟି କୌଣସି ନିୟମିତ ଯାତ୍ରୀବାହୀ ବସ୍ ନ ଥିଲା, ବରଂ ଏହା ଏକ ‘ଟୁରିଷ୍ଟ ବସ୍’ ଥିଲା। ଟୁରିଷ୍ଟ ବସ୍‌ରେ ନିୟମ ବାହାରେ ଟିକେଟ୍ କାଟି ସାଧାରଣ ଯାତ୍ରୀ ପରିବହନ କରାଯାଉଥିଲେ ବି ପରିବହନ ବିଭାଗ ଓ ପୁଲିସ କିପରି ଆଖି ବୁଜି ଦେଇଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟଲୋକଙ୍କ ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସୱେରେ ନିୟମିତ ଗୋଟିଏ କି ଦୁଇଟି ନୁହେଁ, ବେଆଇନ ଭାବେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଟୁରିଷ୍ଟ ବସ୍ ହାଇଦରାବାଦ ଓ ବେଙ୍ଗାଲୁରୁ ଭଳି ସହରକୁ ଶ୍ରମିକ ନେଇ ଯାତ୍ରୀବାହୀ ବସ୍ ଭଳି ଟିକଟ କାଟି ନିୟମିତ ଚାଲୁଛି। ଏହି ବେଆଇନ କାରବାର ପଛରେ କାହାର ଛତ୍ରଛାୟା ରହିଛି, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ବେଆଇନ ଭାବେ ଚାଲୁଥିବା ଏହି ଟୁରିଷ୍ଟ ବସ୍ ଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ଶ୍ରମିକଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟପଟେ ଏତେବଡ଼ ନିୟମ ଉଲ୍ଲଂଘନ ସତ୍ତ୍ୱେ ବସ୍ ବିରୋଧରେ କୌଣସି ଚାଲାଣ କଟା ନ ଯାଇ ଗାଡ଼ିଟିକୁ ଛାଡ଼ି ଦିଆଯିବା ଆମପାଣି ପୁଲିସର ଭୂମିକା ପ୍ରତି ସନ୍ଦେହ ସୃଷ୍ଟି କରିଛି।

## ଖଡ଼ିଆଳ ବ୍ଲକ ପରିସରରେ ଜମୁଛି ବର୍ଷାପାଣି



ଖଡ଼ିଆଳ, ୨୦।୮ (ସମିସ): ଲଗାଣବର୍ଷା ଯୋଗୁଁ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ପରିସରରେ ବର୍ଷାପାଣି ଜମି ରହୁଥିବାରୁ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ କାମରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ବ୍ଲକ ପରିସରର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଫଳରେ କାଦୁଅ ଓ ଦୂଷିତପାଣି ମଧ୍ୟରେ ଯାତାୟାତ କରିବାକୁ ପଡୁଛି। ଦୀର୍ଘ ସମୟ ଧରି ପାଣି ନିଷ୍କାସନ ନହେବାରୁ ପରିସରର ପରିବେଶ ମଧ୍ୟ ଅସ୍ୱାସ୍ଥ୍ୟକର ହେବାରଆଶଙ୍କା ରହିଛି। ବ୍ଲକ କାର୍ଯ୍ୟାଳୟ ଭଳି ଏକ ପ୍ରମୁଖ ସରକାରୀ ପରିସରରେ ଏଭଳି ଅବସ୍ଥା ଦେଖାଦେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣି ନିଷ୍କାସନ ପାଇଁ ଆବଶ୍ୟକ ନାଳୀ ବ୍ୟବସ୍ଥା କରିବା ସହ ଜମିଥିବା ପାଣି ତୁରନ୍ତ ନିଷ୍କାସନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଖଡ଼ିଆଳ ସ୍ୱୟଂଶାସିତ କଲେଜରେ ‘ଶକ୍ତିଶ୍ରୀ’ କାର୍ଯ୍ୟକ୍ରମ

ଖଡ଼ିଆଳ, ୨୦।୮ (ସମିସ): ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ‘ଶକ୍ତିଶ୍ରୀ’ ଆନୁକୂଲ୍ୟରେ ଆଇନ ସୁରକ୍ଷା କାର୍ଯ୍ୟକ୍ରମ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଛାତ୍ରୀ ଦୀପାଞ୍ଜଳି ଦାଶ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏଥିରେ ଖଡ଼ିଆଳ ଥାନା ଅଧିକାରୀ ପ୍ରତିମା ଡୁଙ୍ଗଡୁଙ୍ଗ ଯୋଗଦେଇ ଛାତ୍ରୀଙ୍କୁ ସଚେତନ ପୂର୍ବକ ସାହସର ସହ ସୁରକ୍ଷିତ ରହିବାର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଜୋସେଫ ସୁନା ସାଇବର କ୍ରାଇମ ସମ୍ପର୍କିତ ଅନେକ ଜରୁରୀ ତଥ୍ୟ ପ୍ରଦାନ କରିଥିଲେ।

ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ଶକ୍ତିଶ୍ରୀ ବିଭାଗରେ ଥିବା ସହ-ସଂଯୋଜିକା ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଛାତ୍ରୀ ପ୍ରତିନିଧି ଯଥା ଚିନ୍ମୟୀ ବାରିକ, ଦୀପାଞ୍ଜଳି ଦାଶ, ଚାନ୍ଦିନୀ ବେହେରା, ପରୀ ଟଣ୍ଡନ, ପୂଜା ସାହୁ, ରିମଝିମ ବର୍ଚ୍ଛା, ମାନସୀ ସାଗର, ଶ୍ରାବଣୀ ନାଏକ, ପ୍ରତିଭା ଦୁବେ, ନିହାରୀକା ଭୋଇ, ଦୀପ୍ତିମୟୀ ରାଉତ, ଅଲିଭା ସାହୁ, ତିଲୋତ୍ତମା ପାଣ୍ଡେ, ତୃପ୍ତିମୟୀ ମେହେର, ହରିସ୍ମିତା ଚାଲାନ, ରିପା ଭୋଇ, ମାନିଶ୍ରୀ ବାଗ, ସୁସ୍ମିତା ଭୋଇ, ଚର୍ଚ୍ଚିତା ନାୟକ, ଭାନୁପ୍ରିୟା ସାହୁ ଅତିଥିଙ୍କୁ ସ୍ୱାଗତକରିବା ସଙ୍ଗେସଙ୍ଗେ ‘ଶକ୍ତିଶ୍ରୀ’ର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଅବଗତ କରିଥିଲେ।

ଆଇସିସି ଅଧିକାରୀ ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ନିବେଦିତା ଆଚାରି, ରାଜେଶ୍ୱରୀ କରୁଁଆ, ଶତରୂପା ପଟ୍ଟନାୟକ, ମୁଖ୍ୟ କିରାଣି ରୀତା ବାରିକ, ସୁକାନ୍ତି ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ।

ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀମାନେ ଯୋଗ ଦେଇଥିଲେ। ସହ-ସଂଯୋଜିକା ଅଧ୍ୟାପିକା ବିୟୁଟି ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ଛକ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ସିନାପାଲି, ୨୦।୮ (ସମିସ): ଆଗାମୀ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଈଶ୍ୱର ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଏହି କମିଟି ୪୯ତମ ପାର୍ବଣ ଉତ୍ସବ ପାଳନ କରିବାକୁ ଯାଉଥିବା ବେଳେ ଏଥର ସଭାପତି ଭାବରେ ଈଶ୍ୱର ପ୍ରସାଦ ମେହେର, ଉପସଭାପତି ମୁରଲୀଧର ମେହେର ଓ ପ୍ରଦୀପ ମେହେର, ସମ୍ପାଦକ ଜିତେନ୍ଦ୍ର କୁମାର ମେହେର, ସହସମ୍ପାଦକ ଭୀଷ୍ମରାଜ ମେହେର ଏବଂ କୋଷାଧକ୍ଷ ଭାବରେ ରାମକୃଷ୍ଣ ମେହେର ଓ ପାଣ୍ଠି ସଂଗ୍ରାହକ ଭାବରେ ନୂତନ ମେହେରଙ୍କୁ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତୁଳସୀରାମ ମେହେର, ତପେଶ୍ୱର ମେହେର, ନବୀନଚନ୍ଦ୍ର ମେହେର, ଉଗ୍ରେସନ ମେହେର, ନିଲାଞ୍ଚଳ ମେହେର, ସାନଟା ମେହେର, ମହେନ୍ଦ୍ର ମେହେର, ଚୈତନ୍ୟ ମେହେର, ଖିରୋଦ ମେହେର, ଲମ୍ବୋଦର ମେହେର, ପ୍ରଭାତ କୁମାର ମେହେର, ବେଣୁଧର ମେହେର, ଚନ୍ଦନ ମେହେର, ରାକେଶ ମେହେର, ଫଣିନ୍ଦ୍ର ମେହେର, ହେମନ୍ତ ମେହେର, ଓମ ମେହେର, ସୋହନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ‘ରନ୍ ଫର୍ ରାଜୀବ’ ପ୍ରତିଯୋଗିତା

ଖଡ଼ିଆଳ, ୨୦।୮ (ସମିସ): ଖଡ଼ିଆଳ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମଦିବସ ଅବସରରେ ଉଗ୍ରସେନ




ଭବନଠାରେ ସଦ୍ଭାବନା ଦିବସ ପାଳିତ ହୋଇଛି। ଖଡ଼ିଆଳ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାନମହେଶ୍ୱର ଠାରୁ ଖଡ଼ିଆଳ ବୋଡେନ ଛକ ପର୍ଯ୍ୟନ୍ତ ପ୍ରାୟ ୧୦ କିମି ଦୌଡ଼ ପ୍ରତିଯୋଗିତା ‘ରନ୍ ଫର୍ ରାଜୀବ’ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଷ ଓ ମହିଳା ବର୍ଗର ୫୦୦ରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ପ୍ରଥମ ସତୀଶ ବର୍ମା (ଇଉପି), ଦ୍ୱିତୀୟ ଅଶୋକ ଦଣ୍ଡସେନା (ବୋଡେନ) ଓ ତୃତୀୟ ଆଶୁତୋଷ କୁମାର (ଛଗ) ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ପ୍ରଥମ ରୁକ୍ମଣୀ ସାହୁ, ଦ୍ୱିତୀୟ କିରନ ମହୋତା, ଓ ତୃତୀୟ ଦିବ୍ୟକାନ୍ତି ଶବର ହୋଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନ୍ୟ ଚାରିଜଣ ଯୁବକଙ୍କୁ ମଧ୍ୟ କଂଗ୍ରେସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସଂହତି, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଭାଇଚାରା ଓ ସାମାଜିକ ସମନ୍ୱୟର ବାର୍ତ୍ତା ପ୍ରଚାର ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଏଆଇସିସି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ, ବରିଷ୍ଠନେତା ଭୀଷ୍ମ ସୁନାନୀ, ଫାରୁକ ମହମ୍ମଦ, ଜିଲ୍ଲା ପରିଷଦ ସଭ୍ୟ ଭରତ ରାଉତ, ବୋଡେନ ବ୍ଲକ ସଭାପତି ଭାଗୀରଥି ଦଣ୍ଡସେନା, ଖଡ଼ିଆଳ ବ୍ଲକ ସଭାପତି ବୁଦ୍ଧଦେବ ବେହେରା, ଖଡ଼ିଆଳ ନଗର ସଭାପତି ପ୍ରବୀଣ ରଞ୍ଜନ ପଟ୍ଟନାୟକ, ରବି ମଙ୍ଗରାଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କଳାହାଣ୍ଡି ଜିଲ୍ଲା ଯୋଜନା କମିଟିର ବୈଠକ




ଭବାନୀପାଟଣା, ୨୦।୮ (ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲାର ଚଳିତବର୍ଷର ପ୍ରଥମ ଜିଲ୍ଲା ଯୋଜନା କମିଟିର ବୈଠକ ଜିଲ୍ଲା ଯୋଜନା କମିଟିର ଅଧକ୍ଷ୍ୟ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲା ପରିଷଦ ଉପସଭାପତି ସୁଧୀରା ମେହେର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ଯୋଜନା କମିଟିର ସଭ୍ୟ ଓ ସଭ୍ୟା, ସଂସଦ ଏବଂ ବିଧାୟକଙ୍କର ମନୋନୀତ ସଦସ୍ୟ ତଥା ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ୨୦୨୬-୨୦୨୭ ଯୋଜନା ଆର୍ଥିକ ବର୍ଷ ପାଇଁ ସର୍ବମୋଟ ୪୩୧୮.୬୫ କୋଟି ଟଙ୍କାର ବିତୀୟ ବିବରଣୀର ମଞ୍ଜୁରୀ ପାଇଁ ସଭାରେ ଉପସ୍ଥାପନ କରିଥିଲେ। ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀ ପାଟ୍ଟଯୋଶୀ ଜିଲ୍ଲାର ଜଳ ସେଚନ, ରାସ୍ତା, ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷ୍ୟା ଓ ମୌଳିକ ଭିତ୍ତିଭୂମିର ବିକାଶ ଉପରେ ବିଭାଗୀୟ ଅଧିକାରୀମାନଙ୍କୁ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ। ପୁଷ୍ପେନ୍ଦ୍ର ସିଂଦେଓ ବିଭାଗୀୟ ଅଧିକାରୀମାନଙ୍କୁ ଠିକ ସମୟରେ ଓ ସଠିକ ଭାବରେ ଲୋକଙ୍କ ଅସୁବିଧାକୁ ସୁଚାରୁ ରୂପେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଯୋଜନା କମିଟିର ସଦସ୍ୟ ଓ ସଦସ୍ୟା ନିଜ ନିର୍ବାଚିତ ମଣ୍ଡଳୀର ସମସ୍ୟାର ସୁଚାରୁରୂପେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀ ପାଟ୍ଟଯୋଶୀ ଆର୍ଥିକ ବର୍ଷ-୨୦୨୬-୨୦୨୭ ସମଗ୍ର ଜିଲ୍ଲାର ବାର୍ଷିକ ଖସଡ଼ା ସର୍ବମୋଟ ୪୩୧୮.୬୫ କୋଟି ସର୍ବସମ୍ମତିରେ ଅନୁମୋଦନ କରିଥିଲେ।

**ସରକାର ବଦଳିଲା; ବଦଳିଲାନି ଭାଗ୍ୟ**

## ବେହାଲ ବଡ଼ପୋଡ଼ାଗୁଡ଼ା-ରଏନ୍‌ଗୁଡ଼ା ରାସ୍ତା

କୋକସରା, ୨୦।୮ (ସମିସ)



କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଅଧୀନ ରଏନ୍‌ଗୁଡ଼ାରୁ ବଡ଼ପୋଡ଼ାଗୁଡ଼ାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଦୀର୍ଘ ବର୍ଷ ହେବ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତାଟି ବିଜୁ ଏକ୍ସପ୍ରେସୱେ (ରଏନଗୁଡ଼ା ଛକ) ଠାରୁ ବଡ଼ପୋଡ଼ାଗୁଡ଼ା ଦେଇ ମହାଜନଗୁଡ଼ା ଓ କାଉଡୋଲା ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ଏହାର ଗୁରୁତ୍ୱ ଯଥେଷ୍ଟ ଅଧିକ। ମାତ୍ର ପ୍ରଶାସନିକ ଅବହେଳା ଯୋଗୁଁ ବର୍ଷ ବର୍ଷ ବିତିଯାଉଥିଲେ ବି ରାସ୍ତାର ସୁଧାର ଆସୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଏହି ରାସ୍ତାଟି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ରାସ୍ତା ସମସ୍ୟା କୁ ନେଇ ପୂର୍ବ ବିଜେଡି ସରକାର ସମୟରେ ଲୋକଙ୍କ ବାରମ୍ବାର ଦାବି ଓ ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ ହୋଇଥିଲା। ଖୁବଶୀଘ୍ର ଏହାକୁ ‘ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା’ କିମ୍ବା ‘ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା’ରେ ସାମିଲ କରାଯିବ ବୋଲି ଆଶ୍ୱାସନା ମିଳିଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଏହି ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରାସ୍ତାସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ କାଦୁଅମୟ ହୋଇପଡ଼ିଛି। ଏଥିଯୋଗୁଁ ସ୍କୁଲ ଛାତ୍ରଛାତ୍ରୀ, କର୍ମଜୀବୀ, କୃଷକ, ଶ୍ରମିକ ଏବଂ ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଥିବା ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅଗମ୍ୟ ହୋଇପଡ଼ିଥିବାରୁ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୩ ରୁ ୪ କିଲୋମିଟର ବୁଲିବାକୁ ପଡୁଛି। ବଡ଼ପୋଡ଼ାଗୁଡ଼ା, ରଏନଗୁଡ଼ା, ସର୍ଗିଗୁଡ଼ା, ଦାବ୍ରିଗୁଡ଼ା, ରୋବେନଚଞ୍ଚରା, ନୂଆପଡ଼ା ଓ କରଙ୍ଗାପଡ଼ା ଆଦି ଗ୍ରାମର ଜନସାଧାରଣ ଏହି ରାସ୍ତାକୁ ତୁରନ୍ତ ‘ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା’ରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ କରିବାକୁ ଦୃଢ଼ ଦାବି କରିଛନ୍ତି। ଯଦି ପ୍ରଶାସନ ଓ ସରକାର ଅତିଶୀଘ୍ର କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ତନ୍ତ୍ର ସାଧନା ପାଇଁ ଯୁବକଙ୍କୁ ହତ୍ୟା

## ● ବନ୍ଧରୁ ମୁଣ୍ଡ ବିହିନ ଶରୀର, ତନ୍ତ୍ରପୀଠରୁ ମୁଣ୍ଡ ଜବତ

ବଲାଙ୍ଗିର/ଦେଓଗାଁ, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବଗଡ଼ା ଗାଁ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ନିକଟରେ ବୁଧବାର ରାତିରେ ହତ୍ୟାକାଣ୍ଡ ଘଟିଛି। ତୁଷୁରା ଥାନା ଅଧୀନ ତେବଡାମୁଣ୍ଡା ଗାଁର ସନ୍ତୋଷ ଖରସେଲ (୪୦)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ତାଙ୍କ ମୁଣ୍ଡଗଣ୍ଡି ଅଲଗା କରି ଫିଙ୍ଗି ଦିଆଯାଇଛି। ତାଙ୍କୁ ସେହି ଗାଁର ଶତ୍ରୁଘ୍ନ ସାହୁ ହତ୍ୟା କରିଛନ୍ତି। ତନ୍ତ୍ର ସାଧନା ପାଇଁ ଏହି ହତ୍ୟା କରାଯାଇଥିବା ପୁଲିସ ପ୍ରଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ଶତ୍ରୁଘ୍ନକୁ ପୁଲିସ ଗିରଫ କରିଛି। ବନ୍ଧରେ ସନ୍ତୋଷଙ୍କ ମୁଣ୍ଡ ବିହୀନ ଶରୀର ଭାସୁଥିବା ଦେଖି ଗାଁରେ ଚହଳ ପଡ଼ିଥିଲା। ଖବର ପାଇ ପୁଲିସ ପହଞ୍ଚି ଥିଲା। ହତ୍ୟାକାରୀ ଶତ୍ରୁଘ୍ନକୁ ପୁଲିସ ଧରିବା ପରେ ପଚରା ଉଚୁରା କରିଥିଲା। ଏହାପରେ ଏକ ଘରୁ କଟା ମୁଣ୍ଡ ମିଳିଥିଲା; ଯେଉଁ ଘରେ କି ଅଭିଯୁକ୍ତ ଏହି କଟାମୁଣ୍ଡ ରଖି ତନ୍ତ୍ର ସାଧନା କରୁଥିଲା। ତେବେ ଅଭିଯୁକ୍ତ କହିବା ଅନୁସାରେ ଉଭୟ ନିଶାରେ ଥିଲେ। ସନ୍ତୋଷ ଛୁରା ଧରି ତାକୁ ହତ୍ୟା କରିବାକୁ ଉଦ୍ୟମ କରିବାରୁ ପ୍ରତି ଆକ୍ରଣ କରିଥିଲା। ପୁଲିସ ସନ୍ତୋଷଙ୍କ କଟାମୁଣ୍ଡ ଓ ଶରୀରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ଶତ୍ରୁଘନ ବର୍ଷେ ହେଲା ବଳି ଦେବ ବୋଲି କହି ବୁଲୁଥିଲା। ୬ ମାସ ତଳେ ସେ ତା ଭାଇଙ୍କୁ ମଧ୍ୟ ଆକ୍ରମଣ କରି ଲହୁଲୁହାଣ କରିଥିଲା। ତା ନାଁରେ ଚୋରି, ଆକ୍ରମଣ ଆଦି କେଶ୍ ରହିଛି। ବୁଧବାର ରାତିରେ ସେ ସନ୍ତୋଷଙ୍କ ତଣ୍ଟି କାଟି ହତ୍ୟା କରିବା ପରେ ଶବକୁ ବଗଡ଼ା ନିକଟ ବନ୍ଧରେ ଫିଙ୍ଗି ଦେଇଥିଲା। ଏହା ପରେ ସେ ଗାଁରୁ ପ୍ରାୟ ୧ କିଲୋମେଟର ଦୂର ବଗଡ଼ା ଇନ୍ଦିରା ଗାନ୍ଧୀ ହାଇସ୍କୁଲ ନିକଟରେ ଏକା ରହୁଥିବା ଘରେ ମୁଣ୍ଡ ରଖି ତନ୍ତ୍ର ସାଧନା କରୁଥିଲା।

# ଚାପି ହୋଇଗଲା ଗୀତାଞ୍ଜଳି ହତ୍ୟା ମାମଲା

ବଲାଙ୍ଗିର, ୨୦।୮ (ସମିସ)


ଫାଇଲ୍ ଫଟୋ

● ଗୁଣ୍ଡା ସାହୁ ଅପହରଣ ମାମଲା ଯୋଗୁଁ ଅଧାରେ ଝୁଲୁଛି
● ଦୁଇ ସପ୍ତାହ ପରେ ବି ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ବଲାଙ୍ଗିର ସହର ଉପକଣ୍ଠ ପୁଇଁନ୍ତଲା ଥାନା ଅଧୀନ ଖମାରମୁଣ୍ଡା ଗାଁର ଗୀତାଞ୍ଜଳି ଷଡଙ୍ଗୀ ହତ୍ୟା ମାମଲାକୁ ଦୁଇ ସପ୍ତାହ ବିତିବାକୁ ବସିଛି। ପୁଲିସ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହି ଘଟଣାରେ କେବଳ ମୃତା ଗୀତାଞ୍ଜଳିଙ୍କ ବଡ ଭାଇକୁ ପୁଲିସ ଗିରଫ କରଛି। ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନେ ଏବେବି ଫେରାର ରହିଛନ୍ତି। ତେବେ ବହୁ ଚର୍ଚ୍ଚିତ ଏହି ହତ୍ୟା ମାମଲା ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା ଯୋଗୁଁ ଚାପି ହୋଇ ରହିଯାଇଛି। ପୁଲିସ କେବେ ଅଭିଯୁକ୍ତଙ୍କୁ ଧରିବ ଓ ହତ୍ୟା ପଛର ରହସ୍ୟ ଖୋଲିବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହି ହତ୍ୟା ମାମଲା ପଛରେ ଜମି କାରବାରର କଳା କାରନାମା ରହିଥିବା ଚର୍ଚ୍ଚା ହେଉଛି।

ଗତ ୯ ତାରିଖ ସକାଳୁ ପୁଇଁନ୍ତଲା ଥାନା ଖମାରମୁଣ୍ଡା ଗାଁର ଗୀତାଞ୍ଜଳି ଷଡଙ୍ଗୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ଖବର ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ଛାନିଭିନ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ପୁଲିସ ଏହା ଜମି ବିବାଦରୁ ହୋଇଥିବା ଜାଣିବାକୁ ପାଇଥିଲା। ଏଣୁ ତାଙ୍କ ୩ ଭାଇକୁ ପୁଲିସ ଅଟକ ରଖି ପ୍ରଥମେ ପଚରାଉଚୁରା କରିଥିଲା। ଏହା ପରେ ଖମାରମୁଣ୍ଡା ଗାଁର ଦୁଇ ଜଣ ଯୁବକଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରାଯାଇଥିଲା। ବଲାଙ୍ଗିର ସହରର ଏକାଧିକ ଯୁବକଙ୍କୁ ମଧ୍ୟ ପୁଲିସ ପଚରାଉଚୁରା କରିଥିଲା। ପରେ କେବଳ ଗୀତାଞ୍ଜଳିଙ୍କ ବଡ ଭାଇ ନବୀନ ଷଡଙ୍ଗୀକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାର ଅଭିଯୁକ୍ତମାନେ ଫେରାର ଥିବା ପୁଲିସ କହୁଛି। ମାମଲାର ପ୍ରାୟ ଦୁଇ ସପ୍ତାହ ପରେ ବି ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ତେବେ ଏହି ହତ୍ୟା ପଛରେ ଏକ ଜମି ବୋଲି କୁହାଯାଉଥିଲା। ଗୀତାଞ୍ଜଳିଙ୍କ ପୈତୃକ ଜମି ବିକ୍ରିକୁ ନେଇ ଭାଇ ଭଉଣୀ ମଧ୍ୟରେ ବିବାଦ ରହିଛି। ଏହି ଜମି ସହରର ଜଣେ ବ୍ୟବସାୟୀ କିଣିବାକୁ ଯୋଜନା କରିଥିବା ଜଣାପଡ଼ିଥିଲା। ଏପରିକି ସେ ଅଗ୍ରୀମ ଟଙ୍କା ଦେଇସାରିଛନ୍ତି। ଗୀତାଞ୍ଜଳି ଜମି ବିକିବାକୁ ମନା କରୁଥିଲେ। ଏହାକୁ ନେଇ ବିବାଦ ଲାଗିରହିଛି। ଗୀତାଞ୍ଜଳିଙ୍କ ଉପରେ ପୂର୍ବରୁ ମଧ୍ୟ ଆକ୍ରମଣ ଉଦ୍ୟମ କରାଯାଇଥିଲା। ତେବେ କେବଳ ଜମି କାରବାର ହିଁ ହତ୍ୟା ପଛର କାରଣ ନା ଆଉ କିଛି ତାହା ସନ୍ଦେହ ଘେରରେ ରହିଛି। ଏହି ହତ୍ୟା ପଛରେ ତାଙ୍କ ଭାଇ ଅଛନ୍ତି ନା ଏହି ଜମିକୁ ହାତେଇବାକୁ ଚେଷ୍ଟା କରୁଥିବା କିଛି ବ୍ୟବସାୟୀ ଓ ଦଲାଲ ମଧ୍ୟ ଏହି ମାମଲାରେ ସାମିଲ ରହିଛନ୍ତି ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଅବଶ୍ୟ ଏହି ମାମଲା ଚର୍ଚ୍ଚାରେ ରହିଛି। ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା ଯୋଗୁଁ ଏହି ମାମଲା ଅଧାରେ ଅଟକିଯାଇଥିବା ଆଲୋଚନା ହେଉଛି। ଏନେଇ ସ୍ଥାନୀୟ ଥାନା ଅଧିକାରୀ ସଞ୍ଜୟ ରାଉତରାୟଙ୍କୁ ପଚାରିବାରୁ ମାମଲା ଅଧାରେ ଅଟକି ନାହିଁ। ଅଭିଯୁକ୍ତମାନେ ଫେରାର ରହିଛନ୍ତି। କିଛି ଅଭିଯୁକ୍ତ ପୁଲିସ ସ୍କାନରରେ ରହିଛନ୍ତି। ଅପହରଣ ମାମଲା ଯୋଗୁଁ କିଛିଟା ପ୍ରଭାବିତ ହୋଇଛି; କିନ୍ତୁ ଶୀଘ୍ର ମାମଲାର ଅଭିଯୁକ୍ତକୁ ପୁଲିସ ଗିରଫ କରିବା ସହ ହତ୍ୟା ପଛର ଅସଲ କାରଣ ମଧ୍ୟ ସାମ୍ନାକୁ ଆଣିବ ବୋଲି ଶ୍ରୀ ରାଉତରାୟ ସୂଚନା ଦେଇଛନ୍ତି।

# ସରପଞ୍ଚ ସଂଘର ବ୍ଲକ୍ ଘେରଉ ନିଷ୍ପତ୍ତି

ଦେଓଗାଁ, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ସମସ୍ୟା ୧୦ ଦିନ ଭିତରେ ପୂରଣ ନ ହେଲେ ବ୍ଲକ ଘେରଉ ଲାଗି ସରପଞ୍ଚ ସଂଘ ନିଷ୍ପତି ନେଇଛି। ଏ ନେଇ ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ଗୁରୁବାର ବିଡ଼ିଓ ପ୍ରିୟରଞ୍ଜନ କୁମାରଙ୍କୁ ଅବଗତ କରିଛନ୍ତି। ୪ ହଜାର ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ରାସନ କାର୍ଡ ଯୋଗ୍ୟଙ୍କୁ କାର୍ଡରେ ଅନ୍ତର୍ଭୁକ୍ତ କରିବା, ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ କରିବା, ଗାଈ ଓ ଛେଳି ଗୁହାଳ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ପାଉଣା ପ୍ରଦାନ, ଚାଷୀଙ୍କୁ ଜମି ଉନ୍ନତୀକରଣରେ ସାମିଲ କରିବା, ପ୍ରତି ପଞ୍ଚାୟତରେ ଶ୍ରମିକଙ୍କୁ କାମ ଯୋଗାଇ ଦେବା, ସମସ୍ତ ଚାଷୀଙ୍କୁ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରସନ, ପଞ୍ଚାୟତର ବକେୟା ବିଲ୍ ପ୍ରଦାନ, ନଳକୂପ ମରାମତି ପାଇଁ ଯନ୍ତ୍ରାଂଶ କିଣିବାକୁ ଅର୍ଥ ପ୍ରଦାନ, ପିଡିଏସ ଚାଉଳ ବଣ୍ଟନରେ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ କରିବାକୁ ଦାବି ରହିଛି। ସଂଘ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ରଣା, ସରପଞ୍ଚ କୁଶମଣୀ ମେହେର, ଯଶୋବନ୍ତି ନାଏକ, ମହେନ୍ଦ୍ର ମଲ୍ଲିକ, ତ୍ରିଲୋଚନ ନାଗ, ପଞ୍ଚମୀ ଦୀପ ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ।

# ଲିଙ୍କ୍ ଫେଲ୍ ଯୋଗୁଁ ଧାନ ପଞ୍ଜୀକରଣ ପାଇଁ ଚାଷୀ ହଇରାଣ

ସଇଁତଲା, ୨୦।୮ (ସମିସ): ସଇଁତଲା ବ୍ଲକର ୨୨ଟି ପଞ୍ଚାୟତର ଚାଷୀ ଧାନ ପଞ୍ଜିକରଣ ନେଇ ହଇରାଣ ହେଉଛନ୍ତି। ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିବାକୁ ଚାଷୀମାନେ ବିଭିନ୍ନ ସମବାୟ ସମିତିକୁ ଆସୁଥିବା ବେଳେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଅନଲାଇନ୍ ଲିଙ୍କ୍ ବାରମ୍ବାର ଫେଲ୍ ହେବା ଯୋଗୁଁ ପଞ୍ଜିକରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ସକାଳୁ ସମିତି କାର୍ଯ୍ୟାଳୟରେ ପହଞ୍ଚି ଲମ୍ବା ଧାଡ଼ିରେ ଠିଆ ହେବା ସତ୍ତ୍ୱେ ଲିଙ୍କ ସମସ୍ୟା ଯୋଗୁଁ ଅନେକ ଚାଷୀଙ୍କ ପଞ୍ଜିକରଣ ହୋଇପାରୁନାହିଁ। ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଦିନ ସାରା ଅପେକ୍ଷା କରି ମଧ୍ୟ କାମ ନ ହେବାରୁ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏହା ସହ ପଞ୍ଜିକରଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ସମୟସୀମାକୁ ନେଇ ମଧ୍ୟ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅନ୍ୟପଟେ, ଧାନ ପଞ୍ଜିକରଣର ଶେଷ ତାରିଖ ୩୧ ତାରିଖ ରହିଥିବାରୁ ସମସ୍ତ ଚାଷୀଙ୍କ ପଞ୍ଜିକରଣ ସମ୍ଭବ ହେବ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଛେଳି ପ୍ରଜନନ କେନ୍ଦ୍ରରେ ୨୦ ହାତୀଙ୍କ ଉପଦ୍ରବ

ଦେଓଗାଁ, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ଓ ସଇଁତଲାରେ କିଛି ଦିନ ହେଲା ୨୦ଟି ହାତୀ ଉପଦ୍ରବ ଚଳାଇଛନ୍ତି। ଏଣୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବିଶେଷ କରି ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରାତିରେ ହାତୀ ସଇଁତଲା ରେଞ୍ଜ କନ୍ଧକେଲ ଗାଁ ଫରେଷ୍ଟ ସେକ୍ସନର ବରମୁଣ୍ଡା ଓ ନାଇକେନଶିରା ମଝିରେ ରହୁଛନ୍ତି। ରେଳ ଲାଇନର



ପାଚେରି ଭାଙ୍ଗି ହାତୀସରା ଗାଁକୁ ପଶି ଉପଦ୍ରବ କରିଛନ୍ତି। ଦେଓଗାଁ ଛେଳି ପ୍ରଜନନ କେନ୍ଦ୍ର ଭିତରେ ମଧ୍ୟ ଉପଦ୍ରବ କରିଛନ୍ତି। ଏଠାରେ କାମ କରୁଥିବା ଗୋଟିଏ ପରିବାର ଭୟଭୀତ ହୋଇ ପଡ଼ିଛନ୍ତି। ହାତୀ ଘଉଡ଼ାଇବା ଲାଗି ବନ ବିଭାଗ ଉଦ୍ୟମ ଜାରି ରଖିଛି।

# ଗୌରଗୋଠ ପ୍ୟାକ୍ସ ପରିଦର୍ଶନ କଲେ ନରସିଂହ



ବଲାଙ୍ଗିର, ୨୦।୮ (ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ଗୌରଗୋଠ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ପରିଦର୍ଶନ କରିଛନ୍ତି। ଶ୍ରୀ ମିଶ୍ରଙ୍କ ସହ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୁ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଗୁଣନିଧି ସାହୁ, ଅସୀତ ମିଶ୍ର, ବିକାଶ ସାହୁ, ସୁଶିଲ ରଣା, ବୁଦ୍ଧଦେବ ସାହୁ, ସୁଧୀର ସାହୁ, ଜିତୁ ରଣା, ହରିଶ୍ଚନ୍ଦ୍ର ଭୋଇ, ଅଜିତ ରଣା, ପିତାମ୍ବର ମଲ୍ଲିକ, ରିଙ୍କୁ ରଣା, ବିରେନ ରଣା, ସୁଦାମ ଷାଣ୍ଡ, ତ୍ରିନାଥ ରଣା, ବୈଷ୍ଣବ ଧରୁଆଙ୍କ ସମେତ ସହସ୍ରାଧିକ ଚାଷୀ ଉପସ୍ଥିତ ଥିଲେ।

## ● କଣ୍ଟାବାଞ୍ଜି ଶ୍ରୀ ଶ୍ୟାମଜୀ ମନ୍ଦିର ଟ୍ରଷ୍ଟର ଠକେଇ ପ୍ରସଙ୍ଗ

# ଟ୍ରଷ୍ଟି ଦୀପକ ଅଗ୍ରୱାଲଙ୍କ ବିରୋଧରେ ମାମଲା

● ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଦୋକାନୀ
● ନିର୍ଦ୍ଦେଶ ଆସିବା ପରେ ପୁଲିସ ତତ୍ପର
● ୬୦ ଲକ୍ଷରୁ ଅଧିକ ଟଙ୍କା ଠକେଇ ଅଭିଯୋଗ

କଣ୍ଟାବାଞ୍ଜି, ୨୦।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା ଶ୍ରୀ ଶ୍ୟାମଜୀ ମନ୍ଦିର ଟ୍ରଷ୍ଟକୁ ନେଇ ଗତ କିଛି ମାସ ହେଲା ଚର୍ଚ୍ଚା ଲାଗି ରହିଛି। କେତେବେଳେ ବାହାରୁ ବାବାମାନଙ୍କୁ ଆଣି ବ୍ୟବସାୟ କରିବା ତ କେତେବେଳେ ଶ୍ୟାମଜୀ ମନ୍ଦିର ବାହାରେ ଥିବା ଦୋକାନକୁ ନେଇ ଏହି ଟ୍ରଷ୍ଟ ଏବଂ ପରିଚାଳକମାନେ ବିବାଦରେ ରହି ଆସିଛନ୍ତି। ସହରର ବ୍ୟବସାୟୀଙ୍କୁ ଦୋକାନ ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ନେଇ ଠକେଇ ହୋଇଛି। ଏ ନେଇ ୪ ଜଣ ବ୍ୟବସାୟୀ କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇଥିଲେ; କିନ୍ତୁ ପୋଲିସ ମାମଲା ରୁଜୁ କରିବା ବଦଳରେ ବଡ଼ବଡ଼ିଆଙ୍କ ଚାପରେ କେବଳ ଜିଡି ବା ଷ୍ଟେସନ ଡାଏରି କରି ଚୁପ୍ ବସିଥିଲା। ଏଣୁ ଠକେଇ ଶିକାର ହୋଇଥିବା ଦୋକାନୀ ଅନିଲ ଅଗ୍ରୱାଲ ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ହାଇକୋର୍ଟ କଣ୍ଟାବାଞ୍ଜି ଥାନାକୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେବା ପରେ ଟ୍ରଷ୍ଟି ଦୀପକ ଅଗ୍ରୱାଲଙ୍କ ନାଁରେ କଣ୍ଟାବାଞ୍ଜି ଥାନା ପୁଲିସ ମାମଲା ରୁଜୁ କରିବାକୁ ବାଧ ହୋଇଛି। ୨୦୧୮ ମସିହାରେ ଶ୍ୟାମଜୀ ମନ୍ଦିର ମୁଖ୍ୟ ଗେଟ୍ ପରିସରରେ ଶ୍ରୀ ଶ୍ୟାମଜୀ ଟ୍ରଷ୍ଟ ପକ୍ଷରୁ ୧୯ ଦୋକାନ ଗୃହ ନିର୍ମାଣ କରାଯାଇ ବିକ୍ରି କରିବାକୁ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ଗୋଟିଏ ଦୋକାନ ପିଛା ୧୨ ଲକ୍ଷ ୫୧ ହଜାର ଧାର୍ଯ୍ୟ ହୋଇଥିଲା। ରେଜିଷ୍ଟ୍ରେସନ ବାବଦକୁ ୩ ଲକ୍ଷ ୩୦ ହଜାର କୁହାଯାଇଥିଲା। ପ୍ରତି ବ୍ୟବସାୟୀଙ୍କଠାରୁ ଶ୍ୟାମଜୀ ଟ୍ରଷ୍ଟ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ୮୧ ହଜାର ଟଙ୍କା ନିଆଯାଇଛି। ଆଜିଯାଏ କିନ୍ତୁ ରେଜିଷ୍ଟ୍ରି କରା ଯାଇନାହିଁ। ଆଜି କାଲି କହି ଟ୍ରଷ୍ଟ ଦିନ ଗଡ଼ାଇ ଠକି ଚାଲିଛି। ଯେଉଁ ଦୋକାନୀ ଅଭିଯୋଗ କରୁଛନ୍ତି ତାଙ୍କୁ ହତ୍ୟା ଧମକ ଦିଆଯାଉଛି। ଏଭଳି ଅଭିଯୋଗ କରି ୪ ଜଣ ଦୋକାନୀ କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇଥଲେ। ପୁଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲା। ଏଣୁ ସେମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ନିର୍ଦ୍ଦେଶ ଆସିବା ପରେ ପୁଲିସ ମାମଲା ରୁଜୁ କରିଛି ବୋଲି ଅଭିଯୋଗକାରୀ ଅନିଲ୍ ଅଗ୍ରୱାଲ କହିଛନ୍ତି। ସେପଟେ ଅନିଲ୍ କେବଳ ଏକା ଅଭିଯୋଗ କରିଛନ୍ତି ତାହା ନୁହେଁ; ଟ୍ରଷ୍ଟ ବିରୋଧରେ ଦୋକାନୀ ମୁରାରୀଲାଲ ଅଗ୍ରୱାଲ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏହି ଅଭିଯୋଗ ଅନୁସାରେ ମଧ୍ୟ ଟ୍ରଷ୍ଟିଟି ଦୀପକ ଅଗ୍ରୱାଲ ଏବଂ ଟ୍ରଷ୍ଟର ଅନ୍ୟମାନଙ୍କ ନାଁରେ ମଧ୍ୟ ମାମଲା ରୁଜୁ କରିଛି। ସେହିପରି ଦୋକାନୀ ରମେଶ ଜୈନ, ଗୋପାଳ ଶର୍ମା ମଧ୍ୟ ଶ୍ରୀ ଶ୍ୟାମଜୀ ଟ୍ରଷ୍ଟ ଏବଂ ଦୀପକ୍ ଅଗ୍ରୱାଲଙ୍କ ବିରୋଧରେ ଲିଖିତ ଅଭିଯୋଗ କରଛନ୍ତି। ତାଙ୍କ ଅଭିଯୋଗକୁ ନେଇ ମଧ୍ୟ ପୁଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଟ୍ରଷ୍ଟି ଦୀପକ ଅଗ୍ରୱାଲ କଣ୍ଟାବାଞ୍ଜି ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟବସାୟୀ। ବଡ଼ବଡ଼ିଆଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି। ଏଣୁ ଏହି ମାମଲା କେମିତି ଚାପି ହୋଇଯିବ ସେ ନେଇ ମଧ୍ୟ ବଡ଼ବଡ଼ିଆ ଚାପ ସୃଷ୍ଟି କରୁଥିବା ଅଭିଯୋଗକାରୀ ଅଭିଯୋଗ କରିଛନ୍ତି।



# ନିଶାରୁ ଦୂରେଇ ରହିବାକୁ ଶପଥ ନେଲେ ଛାତ୍ରଛାତ୍ରୀ



ମୁରିବାହାଲ, ୨୦।୮ (ସମିସ): ମୁରିବାହାଲସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ 'ନ୍ୟାସନାଲ୍ ପ୍ଲେଜ୍ ଏଗେନ୍ଷ୍ଟ ଡ୍ରଗ୍ ଏବ୍ୟୁଜ୍' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସଙ୍କଳ୍ପବଦ୍ଧ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟ ସେବନର ଭୟାବହ ପରିଣାମ ଏବଂ ଏଥିରୁ ଦୂରେଇ ରହିବାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣସାଗର ମେହେର, ପୂର୍ଣ୍ଣଚନ୍ଦ୍ର ପଧାନ ଓ ସୋମେଶଦତ୍ତ ହୋତା ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଯୁବସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ମତବ୍ୟକ୍ତ କରିଥିଲେ। ଯୁବପିଢ଼ି ନିଶାର କବଳରୁ ଦୂରେଇ ରହି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଛନ୍ଦାଚରଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତଙ୍କୁ ନିଶାଦ୍ରବ୍ୟ ବିରୋଧୀ ଜାତୀୟ ଶପଥ ପାଠ କରାଯାଇଥିଲା। ନିଜେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ ଜୀବନ ପାଇଁ ପ୍ରେରିତ କରିବାକୁ ସମସ୍ତେ ସଙ୍କଳ୍ପ ନେଇଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରେମଚାନ୍ଦ ତାଣ୍ଡି ସଭା ପରିଚାଳନା କରିଥିଲେ। ଏହି ଅବସରରେ ଘନଶ୍ୟାମ ଖମାରୀ, ଫାଲ୍ଗୁନି ଦାସ, ଶରତଚନ୍ଦ୍ର ପ୍ରଧାନ, ପର୍ଶୁରାମ ବାଗ, ବାସୁଦେବ ଦଲାଇ, ଶୈଳିକା ନାୟକ, ଯଶୋସ୍ମିତା ବେହେରା, ସରିତା ରଣା, ଚନ୍ଦ୍ରିକା ସାହୁ ଓ ଦିଲ୍ଲୀପ ଘିଭେଲାଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଅଭିଳାଷା ଚୌଧୁରୀଙ୍କ ସ୍ୱର୍ଣ୍ଣ ପଦକ ହାସଲ

ବଲାଙ୍ଗିର, ୨୦।୮ (ସମିସ): ଟିଟିଲାଗଡ଼ ସେଣ୍ଟ ଆନ୍ ସ୍କୁଲରେ ସିଆଇଏସ୍‌ସିଇ ରିଜିଓନାଲସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ଛାତ୍ରୀ ଅଭିଳାଷା ଚୌଧୁରୀ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଭିଳାଷା ଅଣ୍ଡର-୧୪ ବର୍ଷ ୩୪ରୁ ୩୮ କେଜି କୁମିତେ (ଫାଇଟିଂ) ବିଭାଗରେ ଭାଗନେଇ ଏହି ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତା ଶେଷରେ ମୁଖ୍ୟ ଅତିଥି ଡବ୍‌ଲୁକେଏଫ ରେଫରି ରାଜିବ ସିଂ ଓ ସେଣ୍ଟ ଆନ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ବିନା ଅଭିଳାଷାଙ୍କୁ ସ୍ୱର୍ଣ୍ଣ




ପଦକ ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। ଏହି ପ୍ରତିଯୋଗିତାରେ ଜାତୀୟ ସ୍ତରୀୟ ରେଫରୀ ଅସୀମ ଭୋଇ ରେଫରି ଓ ଜଜ୍ ଦାୟିତ୍ୱ ନିର୍ବାହ କରିବା ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ, ଅଭିଳାଷା ବଲାଙ୍ଗିର ରେଲୱେ ଷ୍ଟେସନ ଛକସ୍ଥିତ ଅସୀମ କରାଟେ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ସେ ଏବେ ବଲାଙ୍ଗିର ଲିଟିଲ ଫ୍ଲାୱାର ସ୍କୁଲରେ ଅଧ୍ୟୟନରତ। ଅକ୍ଟୋବରରେ ତାମିଲନାଡୁର ତିରୁପୁରଠାରେ ହେବାକୁ ଥିବା ସିଆଇଏସ୍‌ସିଇ ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ସେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିବେ।

# କଣ୍ଟାବାଞ୍ଜିରେ ଶକ୍ତିଶ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ



କଣ୍ଟାବାଞ୍ଜି, ୨୦।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମହିଳା ସ୍ନାତକ ବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅଧୀନ ଛାତ୍ରୀମାନଙ୍କ ପାଇଁ ୬ ଦିନିଆ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଶୁଭାରମ୍ଭ ହୋଇଛି। ଏହି ଶିବିରରେ ପ୍ରଥମ ବର୍ଷ କଳା ଓ ବାଣିଜ୍ୟ ବିଭାଗର ଛାତ୍ରୀମାନେ ଭାଗ ନେଇଛନ୍ତି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଂଯୋଜିକା ରଶ୍ମୀ ରମିତା ମେହେର, ଖେଳ ଶିକ୍ଷୟିତ୍ରୀ ରଞ୍ଜୁ ବଂଚୋର, ମାଷ୍ଟର ପ୍ରଶିକ୍ଷିକା ଗୌରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଯୁଧିଷ୍ଠିର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିବିରରେ ମାଷ୍ଟର ପ୍ରଶିକ୍ଷିକା ଗୌରୀ ରାଉତଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଓ ପ୍ରାଥମିକ ପ୍ରତିରୋଧମୂଳକ ପଦକ୍ଷେପ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଅବସରରେ ଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଶପଥ ପାଠ କରାଯାଇଥିଲା। ଡିଜିଟାଲ ମାଧ୍ୟମର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ବ୍ୟକ୍ତିଗତ ତଥ୍ୟର ସୁରକ୍ଷା, ଅଜଣା ଲିଙ୍କ୍ ଓ ସନ୍ଦେହଜନକ ସନ୍ଦେଶରୁ ସତର୍କ ରହିବା ଏବଂ ସାଇବର ଅପରାଧ ବିରୋଧରେ ସଚେତନ ରହିବା ପାଇଁ ଶପଥ ଗ୍ରହଣ କରିଥିଲେ। ସୁନନ୍ଦା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ● ପଞ୍ଜୀକରଣ ପାଇଁ ଚାଷର ପ୍ରମାଣ ମାଗୁଛନ୍ତି ପାକ୍ସ କର୍ମଚାରୀ

# ଧାନକେଣ୍ଡା ଧରି ଜିଲ୍ଲାପାଳ ଅଫିସରେ ଚାଷୀ

ବଲାଙ୍ଗିର, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଳା ପାକ୍ସରେ ଧାନ କିଣା ପଞ୍ଜିକରଣ ପାଇଁ ଚାଷୀଙ୍କୁ ହଇରାଣ କରାଯାଉଛି। ଏହି ପେକ୍ସ ଅଧୀନରେ ଥିବା ପିପିଲବାହାଲି ଗାଁର ଜଣେ ଚାଷୀଙ୍କ ନାଁରେ ଜମି ଥାଇ ମଧ୍ୟ ସେ ଚାଷ କରିଛନ୍ତି ନା ନାହିଁ ପେକ୍ସ କର୍ମଚାରୀ ତାହା ସନ୍ଦେହ କରିଛନ୍ତି। ଫଟୋ ଓ ଭିଡିଓ କରି ଦେଖାଇବା ପରେ ପଞ୍ଜିକରଣ କରାଯିବ ବୋଲି କହିଛନ୍ତି। ଏହା ପରେ ଜଣେ ଚାଷୀ ତାଙ୍କ ଜମିରେ କରିଥିବା ଧାନ ଚାଷ କେଣ୍ଡା ଧରି ଜିଲ୍ଲାପାଳଙ୍କ ଅଫିସ ପହଞ୍ଚିଥିଲେ। କେବେଳ ତାଙ୍କୁ ନୁହଁ; ଏହିଭଳି ଅନେକ



ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଆସନ୍ତା ଖରିଫ ଧାନ କିଣା ଲାଗି ପଞ୍ଜିକରଣ ଜାରି ରହିଛି। ଏଥିପାଇଁ ଚାଷୀମାନେ ପାକ୍ସରେ ଲମ୍ବା ଲାଇନ ଲଗାଉଛନ୍ତ। ଗୁରୁବାର ପୁଇଁତଳା ବ୍ଲକ ପିପଲବାହାଲି ଗାଁର ଚାଷୀ ବିଶ୍ୱନାଥ ଡାଙ୍ଗ ଧାନକେଣ୍ଡା ଧରି ଜିଲ୍ଲାପାଳ ଅଫିସ ପହଞ୍ଚିଥିଲେ। ତେବେ ସେ କାହିଁକି ଧାନ କେଣ୍ଡା ଧରି ଆସିଲେ ବୋଲି ପଚାରିବାରୁ ପଞ୍ଜିକରଣ ପାଇଁ ହଇରାଣ କରାଯାଉଥିବା ଅଭିଯୋଗ କରିଥିଲେ। ସେ ସତରେ ଚାଷ କରିଛନ୍ତି ନା ନାହିଁ ସେ ନେଇ ଡାଟା ଏଣ୍ଟ୍ରି ଅପରେଟର ପ୍ରମାଣ ମାଗିଥିଲେ; କିନ୍ତୁ ତାଙ୍କର ମୋବାଇଲ ନ ଥିବାରୁ ସେ ଧାନକେଣ୍ଡା ଧରି ଜିଲ୍ଲାପାଳଙ୍କୁ ପ୍ରମାଣ ଦେଖାଇବା ପାଇଁ ଆସିଥିବା କହିଥିଲେ। ସୂଚନାଯୋଗ୍ୟ, ପିପିଲବାହାଲି ମୌଜାରେ ପାଖାପାଖି ଦୁଇଟି ଖାତାରେ ତାଙ୍କ ନାଁରେ ୨ ଏକର ଜମି ରହିଛି। ସେହିପରି ତାଙ୍କ ସ୍ତ୍ରୀଙ୍କ ନାମରେ ପ୍ରାୟ ୧ ଏକର ଓ ତାଙ୍କ ବାପାଙ୍କ ନାମରେ ୧ ଏକର ଜମି ରହିଛି। ଏହି ଜମିରେ ସେ ପ୍ରତିବର୍ଷ ଚାଷ କରନ୍ତି।

# ସମଗ୍ର ଶିକ୍ଷା ଯୋଜନାର ସାମାଜିକ ସମୀକ୍ଷା






ଖପ୍ରାଖୋଲ, ୨୦।୮ (ସମିସ)

ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଶିକ୍ଷା ବିଭାଗ ତରଫରୁ ସମଗ୍ର ଶିକ୍ଷା ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କରାଯାଇଛି। ବ୍ଲକ ସହ ଶିକ୍ଷା ଅଧିକାରୀ ମୀନକେତନ ବରିହା ଏଥିରେ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଜିଲ୍ଲା ପରିଷଦର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନିକ) ଅଶୋକ ମାଝୀ, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ଜିଲ୍ଲା ସାମାଜିକ ସମୀକ୍ଷକ ଅମିତାଭ ମେଣ୍ଡୁଲି ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ୫୮ ଟି ବିଦ୍ୟାଳୟ ସମଗ୍ର ଶିକ୍ଷା ଯୋଜନାର ସାମାଜିକ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷାରେ ବିଦ୍ୟାଳୟଗୁଡ଼ିକର ନୂତନ କୋଠା, ରୋଷେଇ ଘର, ଖାଇବା ଘର, ପାଇଖାନା, ଖେଳପଡ଼ିଆ, ସ୍କୁଲ ବାଡ, ପାନୀୟ ଜଳର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। କିଛି ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ରାଜସ୍ୱ ବିଭାଗ ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ବେସାହାରା ଭିକ୍ଷୁକଙ୍କ ଶେଷ ସାହାରା ସାଜିଲା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର, ୨୦।୮ (ସମିସ): ଜୀବନ ଥିବା ଯାଏଁ ସେମାନେ ଥିଲେ ଅପରିଚିତ, ଅଲୋଡ଼ା ଆଉ ବେସାହାରା। ଦୁଆର ଦୁଆର ବୁଲି ଭୋକ ମେଣ୍ଟାଉଥିବା ସେହି ନିଃସହାୟ ମଣିଷ ଦୁଇଜଣଙ୍କ ପାଇଁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଶେଷରେ କାନ୍ଧ ଦେଇଛି। ମୃତ୍ୟୁ ପରେ ଦୁଇ ଅଜଣା ଭିକ୍ଷୁକଙ୍କ ଶବକୁ ସସମ୍ମାନେ ଅନ୍ତିମ ସଂସ୍କାର ସମ୍ପନ୍ନ କରିଛି। ପୁଇଁତଲା ଥାନା ଭାଲେର ଗ୍ରାମରେ ଜଣେ ଅଜଣା ବ୍ୟକ୍ତି ଭିକ୍ଷାବୃତ୍ତି କରି ଗୁଜୁରାଣ ମେଣ୍ଟାଉଥିଲେ। ହଠାତ୍ ସେ ଗ୍ରାମର ଜଣଙ୍କ ଘର ବାରଣ୍ଡାରେ ଅଚେତ ଅବସ୍ଥାରେ ପଡ଼ିରହିଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେହିପରି ଅନ୍ୟ ଜଣେ ଭିକ୍ଷୁକ ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ଭିକ ମାଗି ଚଳୁଥିବା ବେଳେ ଗୁରୁତର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଉଭୟ ଥାନା ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ପରିଚୟ ସନ୍ଧାନ ନିମନ୍ତେ ମେଡିକାଲ ଶବ ସଂରକ୍ଷଣ ଗୃହରେ ନିୟମ ଅନୁଯାୟୀ ୭୨ ଘଣ୍ଟା ସଂରକ୍ଷିତ ରଖାଯାଇଥିଲା। ମାତ୍ର କୌଣସି ଆତ୍ମୀୟ ସ୍ୱଜନ ସେମାନଙ୍କୁ ଚିହ୍ନଟ କରିବାକୁ କିମ୍ବା ଶବ ନେବାକୁ ଆସି ନ ଥିଲେ। ଶେଷରେ ଟାଉନ୍ ଥାନା ଓ ପୁଇଁତଲା ଥାନା ପୁଲିସ ଉପସ୍ଥିତିରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଏହି ଦୁଇ ଅଜଣା ମୃତକଙ୍କ ଅନ୍ତିମ ଦାୟିତ୍ୱ ନିଜ କାନ୍ଧକୁ ନେଇ ଶବ ସତ୍କାର କରିଥିଲା। ସଂଗଠନ ସଦସ୍ୟମାନେ ମେଡିକାଲ ଶବଗୃହରୁ ଉଭୟ



ମରଶରୀରକୁ ସ୍ୱର୍ଗ ରଥ ଯୋଗେ ବିଭୂତିପଡ଼ାସ୍ଥିତ ଶ୍ମଶାନ ଘାଟକୁ ନେଇଥିଲେ। ସେଠାରେ ସମ୍ମାନର ସହ ଦାହ କରାଯାଇଥିଲା। ଏଥିରେ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ସନ୍ତୋଷ ପଟ୍ଟନାୟକ, ରବୀନ୍ଦ୍ର ପ୍ରଧାନ, ଅଙ୍କିତ ସାହୁ, ଉତ୍ତମ ନନ୍ଦ, ସୀମାଞ୍ଚଳ ସୁନା, ପ୍ରଦୀପ ଯୁଏଡ ଓ ସୁମିତ୍ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ପାଉଁଶ ପକାଇବାକୁ କେନ୍ଦ୍ର କରି ଅସନ୍ତୋଷ

**ତରଭା, ୨୦।୮ (ସମିସ):** ତରଭା ବ୍ଲକର ରାଣୀସର୍ଡା ପଞ୍ଚାୟତ ଅଧୀନ କନ୍ଧପାଲି ଗ୍ରାମର ୨୦ ଏକର ୭୦ ଡିସିମିଲ ଜମିରେ ସମ୍ବଲପୁର ଜିଲ୍ଲାର ଏକ କମ୍ପାନୀ ପାଉଁଶ



ଆଣି ଡମ୍ପିଙ୍ଗ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏସମ୍ପର୍କରେ ଅଞ୍ଚଳର କେତେକ ସଚେତନ ବ୍ୟକ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଏହାର ପ୍ରତିବାଦ କରିବା ସହ କମ୍ପାନୀକୁ ମିଳିଥିବା ଏନଓସି ବାତିଲ କରିବାକୁ ଦାବି କରିଛନ୍ତି। ଦାବିପତ୍ର ଅନୁଯାୟୀ ଏହି ଅଞ୍ଚଳର ୯୦ ଭାଗ ଅଧିବାସୀ ଚାଷ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏଠାରେ ୨୯ ଏକର ପରିମିତ ଜମିରେ ହଜାର ହଜାର ଟନ ପାଉଁଶ ଡମ୍ପିଙ୍ଗ ହେଲେ ଚାଷୀଙ୍କ ଚାଷ ଜମି ବରବାଦ ହେବାସହ ଅଞ୍ଚଳର ପାଣି ପବନ ପ୍ରଦୂଷିତ ହେବ। ଏଣୁ ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ କମ୍ପାନୀକୁ ପ୍ରଦାନ କରାଯାଇଥିବା ଏନଓସିକୁ ତୁରନ୍ତ ବାତିଲ କରାଯାଉ। ନଚେତ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଉଲ୍ଲେଖ ରହିଛି। ବିଜେଡି ସୋନପୁର ଜିଲ୍ଲା ଉପ ସଭାପତି ସନାତନ କର୍ମୀଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# କିଶୋର ନ୍ୟାୟ ବୋର୍ଡରେ ନୂତନ ସଦସ୍ୟ ନିଯୁକ୍ତ

**ଦେବଗଡ଼, ୨୦।୮ (ସମିସ):** ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ଆଇନଜୀବୀ ଦେବିଦାସ ପ୍ରସାଦ ଦ୍ୱିବେଦୀ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ମନୋନୀତ ହୋଇ ଦେବଗଡ଼ କିଶୋର ନ୍ୟାୟ ବୋର୍ଡରେ ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିତ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଜୁଭେନାଇଲ ଜଷ୍ଟିସ ଆକ୍ଟର ପ୍ରାବଧାନ ଅନୁଯାୟୀ ଗଠିତ ହୋଇଥିବା କିଶୋର ନ୍ୟାୟ ବୋର୍ଡରେ ଛୋଟ ବଡ଼ ଅପରାଧ କରି ଆଇନର ପରିଭାଷାରେ ହେଉଥିବା କିଶୋର ଓ କିଶୋରୀମାନଙ୍କ ବିଚାର କରାଯାଇ ସେମାନଙ୍କ ଅଧିକାର କରାଯାଇ ମୁଖ୍ୟ ସ୍ରୋତରେ ସାମିଲ କରାଯାଏ। ତେବେ ଏହି ପଦବୀରେ ପୂର୍ବରୁ ଆଇନଜୀବୀ ଗାୟତ୍ରୀ ଦ୍ୱିବେଦୀ ରହିଥିଲେ। ତେବେ ସେ ଦେବଗଡ଼ ଶିଶୁ ମଙ୍ଗଳ କମିଟିରେ ସଦସ୍ୟ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବାପରେ ଗତ ଜୁନ ମାସରୁ ଏହି ପଦବୀ ଖାଲି ପଡ଼ିଥିଲା।



ଦେବିଦାସ ପ୍ରସାଦ ଦ୍ୱିବେଦୀ ବିଗତ ୩୧ ବର୍ଷ ଧରି ସଂସ୍କୃତ ଶିକ୍ଷକ ଭାବେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରିବା ପରେ ଗତ ୨୦୨୧ରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଅବସର ଗ୍ରହଣ କରିଥିଲେ। ଶିକ୍ଷକତାରୁ ଅବସର ପରେ ଶ୍ରୀ ଦ୍ୱିବେଦୀ ଦେବଗଡ଼ ଏକଲବ୍ୟ ବିଦ୍ୟାଳୟରେ ଅତିଥି ଶିକ୍ଷକ ଭାବେ ଓ ଦେବଗଡ଼ ଜିଲ୍ଲା ନ୍ୟାୟାଳୟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ।

# ରାସ୍ତା ପ୍ରଶସ୍ତୀକରଣ ଯୋଗୁଁ ସ୍ଥାନାନ୍ତର ନେଇ ସମୀକ୍ଷା

**ଝାରସୁଗୁଡ଼ା, ୨୦।୮ (ସମିସ):** ଝାରସୁଗୁଡ଼ାଠାରୁ କନକତୋରା ପର୍ଯ୍ୟନ୍ତ ପ୍ରସ୍ତାବିତ ୪ ଲେନ୍ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଅଧୀନରେ ଆସୁଥିବା ସମସ୍ତ ଜନ ଉପଯୋଗୀ ସେବା (ପବ୍ଲିକ ୟୁଟିଲିଟି) ଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜମି ଅଧିଗ୍ରହଣ ଅଧିକାରୀ ବିଜୟ ପଲେଇ ଉପସ୍ଥିତ ରହି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପଦାଧିକାରୀ, ଗେଲ୍ ଇଣ୍ଡିଆ ଲିମିଟେଡ୍, ପାୱାର ଗ୍ରୀଡ୍, ବିଏସଏନଏଲ, ଓପିଜିସିଏଲ ଏବଂ ଟିପିଡବ୍ଲ୍ୟୁଏସଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ ପ୍ରସ୍ତାବିତ ଅଞ୍ଚଳ ମଧ୍ୟରେ ଥିବା ବିଦ୍ୟୁତ ତାର, ଖୁଣ୍ଟ, ଗ୍ୟାସ ଓ ପାଣିର ଜଳ ପାଇପଲାଇନ ଏବଂ ଟେଲିକମ୍ୟୁନିକେସନ କେବୁଲ ଆଦି ସ୍ଥାନାନ୍ତର ପାଇଁ ଆବଶ୍ୟକ ଖର୍ଚ୍ଚ ଆକଳନ (ଏଷ୍ଟିମେଟ) ଯଥାଶୀଘ୍ର ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଓ ବିନା ବାଧାରେ ସୁରୁଖୁରୁରେ ଆଗେଇ ପାରିବ ସେଥିପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସ୍ଥାନାନ୍ତର କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ବୈଠକ



**ଦେବଗଡ଼, ୨୦।୮ (ସମିସ):** ଦେବଗଡ଼ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଦାବି ଓ ଆପତ୍ତି ପର୍ଯ୍ୟାୟରେରେ ଜୁଲାଇ ୫ ତାରିଖଠାରୁ ଆରମ୍ଭ ହୋଇଥିଲା। ୧୯ ତାରିଖରେ ଶେଷ ହୋଇଥିଲା। ଏହି ପର୍ଯ୍ୟାୟରେ ୩ହଜାର ୭୫ଟି ଫର୍ମ-୬, ୩୧୯ଟି ଫର୍ମ-୭ ଏବଂ ୫୩୫ଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ଫର୍ମ ପ୍ରାପ୍ତ ହୋଇଥିବା ନେଇ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରାପ୍ତ ହୋଇଥିବା ସମସ୍ତ ଫର୍ମର ତାଲିକା ଫର୍ମ ନଂ-୯, ୧୦, ୧୧, ୧୧-କ ଏବଂ ୧୧-ଖ ପ୍ରଦାନ କରାଯାଇଥିଲା। ସମସ୍ତ ଦାବି ଆପତ୍ତିର ଫଇସଲା ପରେ ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ମତଦାତା ତାଲିକା ପ୍ରକାଶ କରାଯିବ ବୋଲି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ସୂଚନା ପ୍ରଦାନ କରିଛନ୍ତି।

# ଡାହାଣୀ ସଚେତନତା ବୈଠକ




**ଦେବଗଡ଼, ୨୦।୮ (ସମିସ):** ଦେବଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକର ଗ୍ରାମାଞ୍ଚଳରେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଡାହାଣୀ ସନ୍ଦେହରେ ଘଟୁଥିବା ଅପରାଧ ରୋକିବା ପାଇଁ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଏକ ସଚେତନତା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ୩ ବ୍ଲକର ବିଭିନ୍ନ ଗ୍ରାମରେ ଡାହାଣୀ ସନ୍ଦେହରେ ଘଟୁଥିବା ଅପରାଧ ଓ ଏଥିରେ ଶିକାର ହେଉଥିବା ପରିବାରକୁ ରକ୍ଷା ପାଇବା ପାଇଁ ବିଭିନ୍ନ ଗ୍ରାମରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପାଲା, ଦାସକାଠିଆ ଓ ସଚେତନତା ସଭା କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ, ପ୍ରିୟା ତିର୍କି, ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦ୍ରା କୁଜୁର, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପରିଚାଳକ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣିଗାରେଡି ସନ୍ଦେହରେ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୦।୮ (ସମିସ)**

ଦେବଗଡ଼ ଜିଲ୍ଲା ଓ ଦୌରାଜଜ୍ ଦେବାଶିଷ ରାଉତ ଆଜି ଏକ ହତ୍ୟା ମାମଲାର ବିଚାର କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ଗୋଲେଖ ଗୋଖରାକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ୨୦୨୩ ମସିହା ମାର୍ଚ୍ଚ ମାସ ୨୪ ତାରିଖ ରାତିରେ ରିଆମାଳ ଥାନାଞ୍ଚଳ ହରିହରପୁର ଗ୍ରାମର ଯୋଗୀନ୍ଦ୍ର ନାଗ(୫୬) ଘରେ ଏକୁଟିଆ ଶୋଇଥିଲେ। ଏହା ପରଦିନ ଅର୍ଥାତ ମାର୍ଚ୍ଚ ୨୫ ତାରିଖ ସକାଳେ ତାଙ୍କର ରକ୍ତାକ୍ତ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ରମ୍ଭା ଡାଙ୍ଗୀ ନାମ୍ନୀ ଯୋଗୀନ୍ଦ୍ରଙ୍କ ଜଣେ ସମ୍ପର୍କିୟା ଭଉଣୀ ଏନେଇ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରଥିଲେ। ଯୋଗୀନ୍ଦ୍ରଙ୍କୁ କେହି ଜଣେ ଧାରୁଆ ଅସ୍ତ୍ର ସାହାଯ୍ୟରେ ହାଣି ହତ୍ୟା କରିଥିବା ଏତଲାରେ ଦର୍ଶାଇଥିଲେ। ପୁଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରମ୍ଭାଙ୍କ ଅଭିଯୋଗ ଅଧାରରେ ରିଆମାଳ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ସେହି ଗ୍ରାମର ଗୋଲେଖ ଗୋଖରା (୪୧)ଙ୍କ ଝିଅ ସୁଷମା ଗୋଖରାଙ୍କ ଦୀର୍ଘ ଦିନ ଧରି ଅସୁସ୍ଥ ରହୁଥିବା ବେଳେ ଡାକ୍ତରୀ ଚିକିତ୍ସା ସତ୍ତ୍ୱେ ସେ ସୁସ୍ଥ ହେଉ ନ ଥିଲେ। ଏପରିକି ଗୋଲେଖ ସୁଷମାଙ୍କ ଚିକିତ୍ସାରେ ପ୍ରାୟ ଦେଢ଼ଲକ୍ଷ ଟଙ୍କା ବ୍ୟୟ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ବେଳେ ଗୋଲେଖ ନିଜେ ମଧ୍ୟ ଅସୁସ୍ଥ ହୋଇପଡ଼ିବାରୁ କାମଧନ୍ଦା କରିବାକୁ ସକ୍ଷମ ନ ଥିଲା। ଅନ୍ୟପକ୍ଷରେ ଘଟଣାର କିଛି ମାସ ପୂର୍ବରୁ ଏକ ହନୁମାନ ଟଙ୍କା କାରବାର ମାମଲାରେ ଜେଲରେ ଥିବା ଯୋଗୀନ୍ଦ୍ର ନିଜ ଘରକୁ ଫେରିଥିବା ବେଳେ ସେ ଅଧିକାଂଶ ସମୟ ପୂଜାପାଠ ଏବଂ ତନ୍ତ୍ର ବିଦ୍ୟା ସାଧନରେ ବ୍ୟସ୍ତ ରହୁଥିଲା। ଯୋଗୀନ୍ଦ୍ରଙ୍କ ଏତାଦୃଶ ଆଚରଣ ଦେଖି ସେ ହିଁ ଗୁଣି ଗାରେଡି କରି ଉଭୟ ବାପ-ଝିଅ(ବାପ ଗୋଲେଖ ଓ ଝିଅ ସୁଷମା)ଙ୍କୁ ଅସୁସ୍ଥ କରୁଥିବା ଗୋଲେଖର ମନରେ ସନ୍ଦେହ ଜାତ ହୋଇଥିଲେ। ଏହାଫଳରେ ଏଥିରୁ ମୁକ୍ତି ପାଇବା ପାଇଁ ସେ ଯୋଗୀନ୍ଦ୍ରଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲା। ଏହା ସତ୍ତ୍ୱେ ବାପ ଝିଅଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ତେବେ ଗୋଲେଖ ଓ ଯୋଗୀନ୍ଦ୍ରଙ୍କ ମଧ୍ୟରେ ବନ୍ଧୁତା ଦୃଢ ହେବାପରେ ଗୋଲେଖ ଯୋଗୀନ୍ଦ୍ରଙ୍କଠାରୁ ଧାର ସୂତ୍ରରେ ନଗଦ ୧୦ ହଜାର ଟଙ୍କା ନେଇଥିଲା; ମାତ୍ର ଧାର୍ଯ୍ୟ ସମୟରେ ଗୋଲେଖ ଧାର୍ ଟଙ୍କା ନ ଫେରାଇବାରୁ ଗୋଲେଖ ଉପରେ ଯୋଗୀନ୍ଦ୍ର ଚାପ ପକାଉଥିଲେ। ଏଣୁ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖା ଦେଇଥିଲା। ଯୋଗୀନ୍ଦ୍ରଙ୍କ ଉପରେ ଆକ୍ରୋଶ ରଖି ସେ ଘରେ ଏକୁଟିଆ ଶୋଇଥିବା ଅବସ୍ଥାରେ ଗୋଲେଖ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ଅଭିଯୁକ୍ତ ଗୋଲେଖକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଏହି ମାମଲା ବିଚାରାଧୀନ ଥିଲା। ୧୯ ଜଣଙ୍କ ସାକ୍ଷୀଙ୍କର ବୟାନ ଓ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ ମାନ୍ୟବର ଅଦାଲତ ଅଭିଯୁକ୍ତ ଗାଲେଖକୁ ଆଜି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ପାଇଁ ସରକାରଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଦିଲ୍ଲୀପ ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମାମଲା ପରିଚାଳନା କରୁଥିଲେ।

# ସି ମାର୍ଟ ଉଦଘାଟିତ

**ଦେବଗଡ଼, ୨୦।୮ (ସମିସ):** ଓରମାସ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲା ନ୍ୟାୟାଳୟ ପରିସର ସମ୍ମୁଖରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ବିକ୍ରୟ କେନ୍ଦ୍ର 'ସି ମାର୍ଟ' ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମସଲା, ରାସନ୍ ସାମଗ୍ରୀ ଓ ଖାଦ୍ୟ ଦ୍ରବ୍ୟ ଇତ୍ୟାଦିର ବିକ୍ରୟ କରାଯିବାର ସୁବନ୍ଦୋବସ୍ତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ପ୍ରଧାନ, ଉପ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂହ, ନିଜାରତ ଅଧିକାରୀ ଈଶ୍ୱର ଗୁରୁ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ବ୍ରଜରାଜନଗର କଲେଜ ପରିଦର୍ଶନ

**ଝାରସୁଗୁଡ଼ା, ୨୦।୮ (ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର କଲେଜ ପରିଦର୍ଶନ କରି କ୍ୟାମ୍ପସରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଉଭୟ ବ୍ରଜରାଜନଗର ଏବଂ ବେଲପାହାଡ଼ କଲେଜର ଭିତ୍ତିଭୂମି ତଥା ଶିକ୍ଷାଗତ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କଲେଜର ବିକାଶକୁ ଦୃଷ୍ଟିରେ ରଖି ଏକ ବ୍ଲୁ-ପ୍ରିଣ୍ଟ ସହ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ କଲେଜର ଅବ୍ୟବହୃତ ହୋଇ ପଡ଼ିରହିଥିବା ହଷ୍ଟେଲ ପରିସର ଅନୁଧ୍ୟାନ କରିଥିଲେ। ଏହି ଛାତ୍ରାବାସକୁ ପରିତ୍ୟକ୍ତ ଅବସ୍ଥାରେ ନ ରଖି ଶୀଘ୍ର ଉପଯୁକ୍ତ ବ୍ୟବହାର ଉପଯୋଗୀ କରିବା ପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉପଲବ୍ଧ ସମ୍ବଳ ଓ ଜମିର ଠିକ୍



ବିନିଯୋଗ ପାଇଁ ସମସ୍ତ ଅଂଶୀଦାରମାନଙ୍କ ସହ ଏକ ସମନ୍ୱୟ ବୈଠକ ଡକାଇ ୧୦ ଦିନ ମଧ୍ୟରେ ଏକ କାର୍ଯ୍ୟକ୍ଷମ ପ୍ରସ୍ତୁତ କରିବାକୁ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବେଲପାହାଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ପୂର୍ତ୍ତ ବିଭାଗର ଏସଡିଓ ସୁରଥ ନାଏକ, ପୌର ଯନ୍ତ୍ରୀ, କଲେଜର ଅଧ୍ୟାପକ-ଅଧ୍ୟାପିକା ଏବଂ ପୁରାତନ ଛାତ୍ର ସଂସଦର ସଦସ୍ୟ ଉପସ୍ଥିତ ଥିଲେ।

# ଶାରୀରିକ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବୌଦ୍ଧ, ୨୦।୮ (ସମିସ):** ବୌଦ୍ଧ ବୁଟୁପାଲି ନିକଟସ୍ଥ ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟଠାରେ ୩ ଦିନ ଧରି ଚାଲିଥିବା ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି। ମାଉଲସିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ଅଦ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ




ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟରୁ ୬୯ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟରେ କ୍ରୀଡ଼ାର ବିକାଶ ତଥା ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଭିନ୍ନ କ୍ରୀଡାର ରାଜ୍ୟସ୍ତରର କୋଚମାନଙ୍କ ମାଧ୍ୟମରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଲ୍ୟବିବାହ ମୁକ୍ତ ସୁବର୍ଣ୍ଣପୁର ଗଠନ ପାଇଁ ଟାସ୍କ ଫୋର୍ସ

**ତରଭା, ୨୦।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବେଟି ବଚାଓ, ବେଟି ପଢ଼ାଓ ଯୋଜନା ଉପରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରଥମେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ସମ୍ପୃକ୍ତ ବିଭାଗଗୁଡ଼ିକ ନିଜ ନିଜ ଦାୟିତ୍ୱ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ସହ ପ୍ରତ୍ୟେକ ଝିଅ ଶିକ୍ଷା ଲାଭ କରି ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ସୁନିଶ୍ଚିତ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଲିଙ୍ଗ ଅନୁପାତରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ପୋଲିସ ଏବଂ ସାଇବର ସୁରକ୍ଷା ସମ୍ପର୍କରେ ଡିଏସ୍‌ପି ରେଣୁକା ସୁନା ଆଲୋକପାତ କରିଥିଲେ। ସେହିପରି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ, ଉତ୍କଳ ବାଳାଶ୍ରମର ଶିଶୁମାନଙ୍କ ବାହାର ରାଜ୍ୟରେ ନିଯୁକ୍ତି ସୁଯୋଗ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କୁ ସ୍ୱାବଲମ୍ବୀ କରିବା ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ସୋସିଆଲ ମିଡିଆ ଏବଂ ଲୋକକଳା ମାଧ୍ୟମରେ ବାଲ୍ୟ ବିବାହ ସମ୍ପର୍କିତ ଜନସାଧାରଣଙ୍କ ଚିନ୍ତାଧାରାରେ କିପରି ସକାରାତ୍ମକ ପରିବର୍ତ୍ତନ ଅଣାଯାଇପାରିବ ସେ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ଅଞ୍ଜନା କିସାନ ପରିଚାଳନା କରିଥିଲେ।

# ଆଉଟସୋର୍ସିଂ କର୍ମଚାରୀ ସଂଘ ତରଫରୁ ଦାବିପତ୍ର



**ବୌଦ୍ଧ, ୨୦।୮ (ସମିସ):** ବୌଦ୍ଧ ଜିଲ୍ଲାର ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଉଟ୍ ସୋର୍ସିଂ ଏଜେନ୍ସି ଦ୍ୱାରା ଅନ୍ୟାୟ ଭାବେ ଛଟେଇ ହୋଇଥିବା ୩ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, କନ୍ଧମାଳ ବଦଳି ହୋଇଥିବା ମହିଳା କର୍ମଚାରୀଙ୍କୁ ପ୍ରତ୍ୟାବର୍ତ୍ତନ, ଆଉଟ୍ ସୋର୍ସିଂ ଏଜେନ୍ସିଗୁଡିକ ଦଲାଲ୍ ଜରିଆରେ କରୁଥିବା ଶୋଷଣ ବନ୍ଦ, ଠକ ଓ କର୍ମଚାରୀଙ୍କୁ ଶୋଷଣ କରୁଥିବା ଏଜେନସିଗୁଡିକ ଟେଣ୍ଡର ରଦ୍ଦ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଭାପତି ସଞ୍ଜିତ ଜେନା ଓ ମହାସଚିବ ଉମାଶଙ୍କର ପୁରୋହିତଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକଙ୍କୁ ପ୍ରଦାନ କରିଥିଲେ।

# ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

**ମନମୁଣ୍ଡ, ୨୦।୮ (ସମିସ):** ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୋନପୁର ଶାଖା ତରଫରୁ ଶଗଡ଼ାସ୍ଥିତ ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ଜୟଶ୍ରୀ ଭଉଣୀ, ଯୋଗେନ୍ଦ୍ର, ହିତେନ୍ଦ୍ର ଭାଇ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଅଧ୍ୟାପକ ସୁଶୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବିଭୀଷଣ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ




**ବୌଦ୍ଧ, ୨୦।୮ (ସମିସ):** ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତର ଚରଦା ଗ୍ରାମରେ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଆଜି ଏକ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡିସିପିୟୁର କର୍ମଚାରୀ, ଗାଁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ଆଶା, ଅଙ୍ଗନବାଡି କର୍ମୀ, ୱାର୍ଡ ସଭ୍ୟ, କିଶୋରୀ ବାଳିକା, ଏସଏଚଜି ମା'ମାନେ ଉପସ୍ଥିତ ଥିଲେ। ଏହି ବୈଠକକୁ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟିକା ବନିତା ମନ୍ତ୍ରୀ ପରିଚାଳନା କରିଥିଲେ। ବୈଠକରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ସମ୍ପର୍କିତ ଆଇନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କିପରି ସଂଯୋଗ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଗ୍ରାମବାସୀ ଶିଶୁ ସୁରକ୍ଷା କ୍ଷେତ୍ରରେ ସମାଜର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟବିବାହ, ଶିଶୁ ଶ୍ରମ, ଶିଶୁ ଚାଲାଣ ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ରୋକିବା ପାଇଁ ସମସ୍ତଙ୍କୁ ସଚେତନ ହୋଇ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ଼, ୨୦।୮ (ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀବତ୍ସ ଦଲେଇଙ୍କ ଆବାହକତ୍ୱ କ୍ରମେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ ମଦ ବିକ୍ରି କରୁଥିବା ଢାବା ଗୁଡ଼ିକ ଯାଞ୍ଚ କରିବା, ୪୯ ନମ୍ବର ଜାତୀୟ ରାଜପଥର ରାସ୍ତା ପାର୍ଶ୍ୱରେ ଜବର ଦଖଲ ଦୋକାନ ଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ପୌରପରିଷଦରେ ଯାନ ବାହାନ ଚଳାଇବା ବେଳେ ଗାଡ଼ିର ବେଗ ନିୟନ୍ତ୍ରଣ କରିବା, ଗାଡ଼ି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ପିନ୍ଧିବା, ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଆଲୋକପାତ କରିଥିଲେ। ବୈଠକରେ ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଟିପିଡବ୍ଲୁ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ସମୟ ସୀମାରେ ଚାଉଳ ବଣ୍ଟନ ସାରିବାକୁ ନିର୍ଦ୍ଦେଶ



**ଝାରସୁଗୁଡ଼ା, ୨୦।୮ (ସମିସ)**

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବଡ଼ମାଲସ୍ଥିତ ଓଡ଼ିଶା ରାଜ୍ୟ ୱେୟାରହାଉସିଂ କର୍ପୋରେସନ ଚାଉଳ ଗୋଦାମ ଏବଂ ବମ୍ବେ ଛକ ନିକଟସ୍ଥ ଭାରତୀୟ ଖାଦ୍ୟ ନିଗମ ଗୋଦାମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଗୋଦାମଗୁଡ଼ିକରେ ଖାଦ୍ୟଶସ୍ୟର ମହଜୁଦ ସ୍ଥିତି, ରକ୍ଷଣାବେକ୍ଷଣ ତଥା ଯୋଗାଣ ପ୍ରକ୍ରିୟାର ସବିଶେଷ ସମୀକ୍ଷା କରିଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଧାର୍ଯ୍ୟ ହୋଇଥିବା ଚାଉଳ ଉଠାଣ ଏବଂ ବଣ୍ଟନ ପ୍ରକ୍ରିୟାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଉପଯୁକ୍ତ ସମୟରେ ଚାଉଳ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ସେ ତାଗିଦ୍ କରିଥିଲେ। ଏଥିସହ ନିୟମ ଉଲ୍ଲଂଘନ କିମ୍ବା କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଭାରପ୍ରାପ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର, ଏଲ୍-୨ ପରିବହନ ଠିକାଦାର ଏବଂ ସମ୍ପୃକ୍ତ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।


**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୧୫-ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୨- ବନ୍ୟ ଜୀବ ସଂରକ୍ଷଣ ଆଇନ ସଂସଦରେ ପାରିତ ହେଲା।
- ୧୯୮୮- ଭାରତ-ନେପାଳ ସୀମାରେ ଆସିଥିବା ଭୂମିକମ୍ପରେ ପାଖାପାଖି ହଜାରେ ଲୋକଙ୍କ ପ୍ରାଣହାନି।
- ୧୯୯୧- ଲାଟଭିଆ ସୋଭିଏତ୍ ସଂଘରୁ ଅଲଗା ହେବାକୁ ଘୋଷଣା କଲା।
- ୨୦୦୬- ଭାରତ ରତ୍ନରେ ସମ୍ମାନିତ ପ୍ରଖ୍ୟାତ ସେହନାଇ ବାଦକ ଉସ୍ତାଦ ବିସ୍ମିଲ୍ଲା ଖାନ୍‌ଙ୍କ ପରଲୋକ।

# 'କ୍ୟାପ୍ଟେନ୍ ଇଣ୍ଡିଆ'କୁ ମିଳିଲା ନାୟିକା

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ ତାଙ୍କ ଆଗାମୀ ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ'କୁ ନେଇ ଅନେକ ଦିନ ହେଲାଣି ଚର୍ଚ୍ଚାରେ ଅଛନ୍ତି। ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ବିଧିବଦ୍ଧ ଭାବେ ଏହି ଫିଲ୍ମ ସମ୍ପର୍କରେ ଘୋଷଣା କରାଯାଇଥିଲା। ତାପରେ ଏହି ଫିଲ୍ମକୁ ନେଇ କିଛି ଖବର ନ ଆସିବାରୁ ଏହା ଆଉ ନିର୍ମାଣ କରାଯିବ ନାହିଁ ବୋଲି ଅନେକ ରିପୋର୍ଟରେ ପ୍ରକାଶ ମଧ୍ୟ ପାଇଥିଲା। ହେଲେ ଏବେ ଏହାର ନାୟିକାଙ୍କୁ ନେଇ ଖବର ଆସିବାରୁ ପୁଣିଥରେ କାର୍ତ୍ତିକଙ୍କ ଏହି ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏବେ ଭାରତୀୟ ସିନେମାରେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି। ସାଉଥ୍‌ର ଲୋକପ୍ରିୟ କଳାକାରମାନେ ହିନ୍ଦୀ ଚଳଚ୍ଚିତ୍ରରେ ଏବଂ ହିନ୍ଦୀ ସିନେମାର ଅନେକ କଳାକାର ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ କାମ କରୁଥିବାର ଦେଖାଯାଉଛି। ଏହି କ୍ରମରେ ଏବେ ଅଭିନେତ୍ରୀ ପାର୍ବତୀ ଥିରୁଭୋଥୁ 'କ୍ୟାପ୍ଟେନ୍ ଇଣ୍ଡିଆ' ଫିଲ୍ମରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ ଦେଖାଯିବେ। ଫିଲ୍ମଟି ଯେତେବେଳେ ୨୦୨୧ ମସିହାରେ ଘୋଷଣା ହୋଇଥିଲା, ହଂସଲ ମେହେଟା ଏହାର ନିର୍ଦ୍ଦେଶନା ଦେବେ ବୋଲି ସ୍ଥିର କରାଯାଇଥିଲା। ଫିଲ୍ମ ନିର୍ମାଣ ବିଳମ୍ବ ହେବାରୁ ସେ ଏଥିରୁ ଓହରିଗଲେ। ଏବେ ଏହି ଫିଲ୍ମର ନିର୍ଦ୍ଦେଶନା ନେଉଛନ୍ତି 'ଚକ୍‌ଦେ ଇଣ୍ଡିଆ' ଫେମ୍ ନିର୍ଦ୍ଦେଶକ ଶିମିତ ଅମିନ୍। 'ରକେଟ୍ ସିଂହ: ସେଲ୍ସମ୍ୟାନ୍ ଅଫ୍ ଦି ଇଅର୍'ର ପ୍ରାୟ ୧୭ ବର୍ଷ ପରେ ଶିମିତ ପୁଣିଥରେ ନିର୍ଦ୍ଦେଶନାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। 'କ୍ୟାପ୍ଟେନ୍ ଇଣ୍ଡିଆ'ରେ ପାର୍ବତୀଙ୍କ ଚରିତ୍ର ବିଷୟରେ ଏପର୍ଯ୍ୟନ୍ତ ଅଧିକ କିଛି ସୂଚନା ସାମ୍ନାକୁ ଆସିନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ମାଲାୟାଲମ୍ ଏବଂ ତାମିଲ ଚଳଚ୍ଚିତ୍ରରେ କାମ କରିଥିବା ପାର୍ବତୀ ୨୦୧୭ରେ 'କରିବ କରିବ ସିଙ୍ଗଲ୍' ଫିଲ୍ମ ଜରିଆରେ ହିନ୍ଦୀ ସିନେମାରେ ପାଦ ଥାପିଥିଲେ। ଏବେ ପ୍ରାୟ ନଅ ବର୍ଷ ପରେ ସେ 'କ୍ୟାପ୍ଟେନ୍ ଇଣ୍ଡିଆ' ଫିଲ୍ମ ମାଧ୍ୟମରେ ବଲିଉଡ୍‌କୁ ଫେରୁଛନ୍ତି।



# ବରିଷ୍ଠ ନାଗରିକ ଦିବସ



ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖକୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଭାବରେ ପାଳନ କରାଯାଏ। ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ସମାଜ ପ୍ରତି ଥିବା ଅବଦାନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସମସ୍ୟା ଓ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିନଟି ଉଦ୍ଦିଷ୍ଟ। ବରିଷ୍ଠ ନାଗରିକମାନେ ଆମ ପରିବାର ଓ ସମାଜର ମୂଳଦୁଆ। ସେମାନଙ୍କ ସହ ସମୟ ବିତାଇବା, ସେବା କରିବା ଏବଂ ସେମାନଙ୍କର ଅଭିଜ୍ଞ ମତାମତକୁ ଗୁରୁତ୍ୱ ଦେବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ଅଟେ। ବୟୋଜ୍ୟେଷ୍ଠଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିଲେ ହିଁ ସମାଜରେ ସଂସ୍କାର ଆସିପାରିବ। ୧୯୯୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଦିବସ ପାଳନର ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ ଆରମ୍ଭ କରାଯାଇଥିଲା। ବାର୍ଦ୍ଧକ୍ୟ ଅବସ୍ଥାରେ ବୟସ୍କ ଲୋକେ ସାମ୍ନା କରୁଥିବା ସ୍ୱାସ୍ଥ୍ୟଗତ, ମାନସିକ ଏବଂ ଆର୍ଥିକ ସମସ୍ୟାଗୁଡ଼ିକ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଆଜିକାଲି ଅନେକ ସ୍ଥାନରେ ବୃଦ୍ଧବୃଦ୍ଧାମାନେ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଏବଂ ସମାଜରେ ସେମାନଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା ପାଇଁ ଏହି ଦିନଟି ପ୍ରେରଣା ଦିଏ। ଏହିଦିନ ସମାଜର ବିଭିନ୍ନ କ୍ଷେତ୍ରରେ (ଯେପରିକି ଶିକ୍ଷା, ସାହିତ୍ୟ, ସମାଜସେବା) ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବରିଷ୍ଠ ନାଗରିକମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଏ।

ଏହିଦିନ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଆଖି ପରୀକ୍ଷା ଏବଂ ମାଗଣା ଔଷଧ ବିତରଣ କରାଯାଏ। ବିଭିନ୍ନ ସଂଗଠନ ଓ ସ୍ୱେଚ୍ଛାସେବୀମାନେ ଜରାଶ୍ରମକୁ ଯାଇ ସେଠାରେ ରହୁଥିବା ବୃଦ୍ଧବୃଦ୍ଧାମାନଙ୍କ ସହ ସମୟ ବିତାନ୍ତି, ସେମାନଙ୍କୁ ଖାଦ୍ୟ ଓ ପୋଷାକ ବାଣ୍ଟନ୍ତି ଏବଂ ସେମାନଙ୍କ ମନରେ ଖୁସି ଭରିବାକୁ ଚେଷ୍ଟା କରନ୍ତି।


# ଅନନ୍ୟ ଶୈବପୀଠ ଜଳାଭିଷେକ ମନା

ସନାତନ ଧର୍ମରେ ଭଗବାନ ଶିବଙ୍କୁ ଜଳ ଅର୍ପଣ କରିବା ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଶିବଲିଙ୍ଗ ଉପରେ ଜଳ, ଫୁଲ, ବେଲପତ୍ର ଏବଂ କ୍ଷୀର ଚଢ଼ାଇ ଜଳାଭିଷେକ କରିବା ଦ୍ୱାରା ମହାଦେବ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ହେଲେ ଋଷିକେଶର ସଚ୍ଚା ଅଖିଳେଶ୍ୱର ମହାଦେବ ମନ୍ଦିରରେ ଜଳାଭିଷେକ ଓ କ୍ଷୀରାଭିଷେକର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ଏଠାରେ ପ୍ରାୟ ୧୧ ରୁ ୧୧.୫ ଫୁଟ୍ ଉଚ୍ଚ ଏବଂ ୧୨ ଟନ୍ ଓଜନର ଏକ ବିଶାଳକାୟ ଶିବଲିଙ୍ଗ ରହିଛି। ଭକ୍ତମାନେ ସାଧାରଣ ମନ୍ଦିର ପରି ଏଠାରେ ଭୂମିରୁ ଜଳ ଚଢ଼ାନ୍ତି ନାହିଁ; ବରଂ ମନ୍ଦିର ଭିତରେ ଥିବା ସିଡ଼ି ଦ୍ୱାରା ଉପର ମହଲାକୁ ଉଠି ନିଜେ କ୍ଷୀର ବା ଜଳ ଅର୍ପଣ କରନ୍ତି। ସେହିଭଳି ଏହି ମନ୍ଦିରର ଗର୍ଭଗୃହରେ ପାରଦ ଦ୍ୱାରା ନିର୍ମିତ ଏକ ଛୋଟ ଶିବଲିଙ୍ଗ ମଧ୍ୟ ଅଛି ଏବଂ ଏହା ଉପରେ ରୂପାର ଏକ ସୂକ୍ଷ୍ମ ପ୍ରଲେପ ଦିଆଯାଇଛି। ପାରଦ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଧାତୁ। ଏହା ଉପରେ କ୍ରମାଗତ ଭାବେ ଜଳ କିମ୍ବା କ୍ଷୀର ଢାଳିବା ଦ୍ୱାରା ଏହାର ପ୍ରାକୃତିକ ସଂରଚନା ପ୍ରଭାବିତ ହେବାର ଆଶଙ୍କା ଥାଏ। ସେଥିପାଇଁ ଏହି ଶିବଲିଙ୍ଗର ସୁରକ୍ଷା ପାଇଁ ଜଳାଭିଷେକ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏହି ନିୟମ ଯୋଗୁଁ ଭକ୍ତମାନେ ଏଠାରେ ଜଳ ବଦଳରେ କେବଳ ଫୁଲ ଚଢ଼ାଇ ଭଗବାନ ଶିବଙ୍କର ଆରାଧନା କରିଥାନ୍ତି। ଏଠାରେ ପ୍ରତିଦିନ ସାଧାରଣ ପୂଜା ହେଉଥିଲେ ମଧ୍ୟ, ପ୍ରତି ୧୫ ଦିନରେ ଥରେ ଏକ ଭବ୍ୟ ମହାପୂଜା ଆୟୋଜନ କରାଯାଏ।

ଏହି ଦିନ ଶିବଲିଙ୍ଗକୁ ବିଭିନ୍ନ ପ୍ରକାରର ସୁଗନ୍ଧିତ ଫୁଲରେ ସଜାଯିବା ସହ ଫଳ ଓ ମିଠା ଭୋଗ ଲଗାଯାଏ। ପାରଦ ଶିବଲିଙ୍ଗର ଦର୍ଶନ ଓ ପୂଜା ଦ୍ୱାରା ସମସ୍ତ ପାପ କ୍ଷୟ ହୁଏ ଏବଂ ଘରକୁ ସୁଖ-ସମୃଦ୍ଧି ଆସିଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏନେଇ ମନ୍ଦିରର ପୁରୋହିତଙ୍କ ଅନୁଯାୟୀ, ଯେତେବେଳେ ମନ୍ଦିରରେ ୧୧.୫ ଫୁଟର ବିଶାଳ ପଥର ଶିବଲିଙ୍ଗ ସ୍ଥାପିତ ହୋଇଥିଲା, ସେତେବେଳେ ନାଗା ସାଧୁମାନେ ଜଗତର କଲ୍ୟାଣ ପାଇଁ ଏଠାରେ ଏକ ପାରଦ ଶିବଲିଙ୍ଗ ସ୍ଥାପନ କରିବା ଅନିବାର୍ଯ୍ୟ ବୋଲି କହିଥିଲେ। ଏହାପରେ ବାବା ୧୦୦୮ ଭଗତ ଜୀ ମହାରାଜ ଏହାକୁ ମୁଖ୍ୟ ଶିବଲିଙ୍ଗ ନିକଟରେ ସ୍ଥାପନ କରିଥିଲେ। ସାଧାରଣତଃ ପାରଦ ଏକ ତରଳ ଧାତୁ ହୋଇଥିବା ବେଳେ, ନାଗା ସାଧୁମାନେ ନିଜର ଗୁପ୍ତ ବିଦ୍ୟା ଏବଂ ତପୋବଳ ଦ୍ୱାରା ଜଡ଼ିବୁଟି ବ୍ୟବହାର କରି ଏହାକୁ କଠିନ ରୂପ ଦେଇଥିଲେ।



# ବର୍ଷାଦିନେ ମଧୁମେହ ରୋଗୀଙ୍କ ପାଦର ଯତ୍ନ



**ବର୍ଷାଦିନେ ଦୂଷିତ ପାଣି ସଂସ୍ପର୍ଶରେ ଆସି ମଧୁମେହ ରୋଗୀଙ୍କ ପାଦରେ ନାନା ସମସ୍ୟା ସୃଷ୍ଟି ହୋଇଥାଏ। ଏଥିପାଇଁ ସତର୍କ ରହିବା ଆବଶ୍ୟକ।**

ମଧୁମେହ ଦୀର୍ଘଦିନ ରହି ରକ୍ତ ଶର୍କରା ନିୟନ୍ତ୍ରଣରେ ନ ରହିଲେ ପାଦକୁ ରକ୍ତ ସଞ୍ଚାଳନ କମିଯାଏ। ପ୍ରାୟତଃ ରୋଗୀଙ୍କ ପାଦର ସ୍ନାୟୁଗୁଡ଼ିକର ସମ୍ବେଦନଶୀଳତା କମ୍ ହୋଇଯାଏ। ତେଣୁ ବର୍ଷାରେ ଭିଜିବା, ଦୀର୍ଘ ସମୟ ଓଦା ଜୋତା ପିନ୍ଧିବା ଦ୍ୱାରା ପାଦରେ ଛାଲ ପଡ଼ି ଘା' ହେବା ଆଶଙ୍କା ବଢ଼ିଯାଏ। ମଧୁମେହ ରୋଗୀଙ୍କ ସ୍ନାୟୁ ଦୁର୍ବଳତା ଥିବା ହେତୁ ଘା' ହେବା ଜାଣିପାରନ୍ତିନି ଏବଂ ଘା' ଶୁଖିବାକୁ ବିଳମ୍ବ ହୁଏ। ଖଣ୍ଡିଆ ହେଲେ ସଂକ୍ରମଣ ବଢ଼ିଯାଏ। ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବାରୁ ବେଳେ ବେଳେ ରୋଗୀଙ୍କ ଗୋଡ଼ କାଟିବାକୁ ପଡ଼େ। ସେଥିପାଇଁ ବର୍ଷାଦିନେ ମଧୁମେହ ରୋଗୀ ପାଦକୁ ସଫା କରିବା ସହ ସଠିକ୍ ଜୋତା ପିନ୍ଧିବା ଆବଶ୍ୟକ। ପାଦ ଲାଲ୍ ପଡ଼ିବା ସହିତ ଘା', ଚମଡ଼ା ଛାଡ଼ି ସେଥିରୁ ପୂଜ ବା ଦୁର୍ଗନ୍ଧ ଆସିଲେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ବର୍ଷାଦିନେ ବାହାରୁ ଆସିଲେ ନଖଉଷୁମ ପାଣିରେ ଗୋଡ଼କୁ ଧୋଇବା ଉଚିତ। ଗୋଡ଼କୁ ଶୁଖିଲା ନ ରଖିବାକୁ ମଏଶ୍ଚରାଇଜର ଲଗାଇବା ଉଚିତ। ଗୋଡ଼ରେ ସାମାନ୍ୟ ଘା' ହେଲେ ଯତ୍ନ ନେବା ଆବଶ୍ୟକ। ରକ୍ତ ସଞ୍ଚାଳନ ହେଉଛି କି ନାହିଁ ଓ ସ୍ନାୟୁ ଠିକ୍ କାମ କରୁଛି କି ନାହିଁ ନିୟମିତ ପରୀକ୍ଷା କରିବା ଆବଶ୍ୟକ। ଚମଡ଼ା ଛାଡ଼ି ଲାଲ୍ ପଡ଼ିଲେ, ଆଙ୍ଗୁଠି ସନ୍ଧିରେ ସଂକ୍ରମଣ ହୋଇଥିଲେ, ଏହାକୁ ସଫା କରିବା ଉଚିତ।




# ହୃଦ୍‌ଘାତର ସତର୍କ ସୂଚନା



ଡା.ଅଶୋକ କୁମାର ମହାନ୍ତି

ବର୍ତ୍ତମାନ ସାରା ବିଶ୍ୱରେ ହୃଦ୍‌ରୋଗରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ହୃଦୟକୁ ରକ୍ତ ଏବଂ ଅମ୍ଳଜାନ ପଠାଉଥିବା ଏକ ଧମନୀ ଅବରୋଧିତ ହେଲେ ହୃଦ୍‌ଘାତ ହୁଏ। ଶରୀରରେ ଅଧିକ ଚର୍ବି, କୋଲେଷ୍ଟ୍ରଲ୍ ଜମା ହୋଇ ହୃଦୟର ଧମନୀରେ ପ୍ଲାକ୍ ସୃଷ୍ଟି ହୁଏ। ଯଦି ଏକ ପ୍ଲାକ୍ ଫାଟିଯାଏ ତେବେ ରକ୍ତଜମାଟ ହୋଇ ଧମନୀକୁ ଅବରୋଧ କରିପାରେ। ଯାହାଫଳରେ ହୃଦ୍‌ଘାତ ହୋଇଥାଏ। ରକ୍ତ ପ୍ରବାହର ଅଭାବ ହୃଦ୍‌ଘାତ ମାଂସପେଶୀର ଏକ ଅଂଶକୁ କ୍ଷତି କିମ୍ବା ନଷ୍ଟ କରିପାରେ। ଛାତିରେ ଚାପ ଅନୁଭବ, ଝାଳ ନିର୍ଗତ କିମ୍ବା ହାତ ଯନ୍ତ୍ରଣା ଭଳି ସତର୍କତା ସଙ୍କେତ (୧୦-୧୫ ମିନିଟରୁ ଅଧିକ ସମୟ ପାଇଁ) ତୁରନ୍ତ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରେ। ତେଣୁ ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଜୀବନ ବଞ୍ଚାଇପାରେ।

**ସଙ୍କେତକୁ ଅଣଦେଖା କରିବା ଅନୁଚିତ**

ହୃଦ୍‌ଘାତର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଛାତିରେ ଯନ୍ତ୍ରଣା, ଜଳାପୋଡ଼ା, ଚାପ ଅନୁଭବ, ଛାତି ମଝି ଭାଗ ଭାରି ଲାଗିବା, ବଦହଜମୀ ହୋଇପାରେ। ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ, ଛାତିରୁ ଯନ୍ତ୍ରଣା ଆରମ୍ଭ ହୋଇ ବାମ ହାତ, ହନୁହାଡ଼, କାନ୍ଧ, ବାହୁ, ବେକ, ପିଠି କିମ୍ବା ପେଟକୁ ବ୍ୟାପିପାରେ। ବିଶେଷକରି ମହିଳାଙ୍କ କ୍ଷେତ୍ରରେ ଛାତି ଅଶ୍ୱସ୍ତି ବିନା ହନୁହାଡ଼ କିମ୍ବା ବେକ ଯନ୍ତ୍ରଣା ବି ହୃଦ୍‌ଘାତର ସଙ୍କେତ। ଅସ୍ପଷ୍ଟ ଥକ୍କାପଣ, ଥଣ୍ଡା ଝାଳ ବାହାରିବା, ବାନ୍ତି, ବଦହଜମୀ, ଅସୁସ୍ଥ ଅନୁଭବ, ହଠାତ୍ ପେଟ ସମସ୍ୟା, ମୁଣ୍ଡ ବୁଲାଇବା, ପ୍ରାୟ ଚେତାଶୂନ୍ୟ ହେବା ମସ୍ତିଷ୍କକୁ ରକ୍ତ ପ୍ରବାହ କମ୍ ହୋଇପାରେ। ଛାତିରେ ଯନ୍ତ୍ରଣା ନ ଥାଇ ଏହା ନୀରବ ହୃଦ୍‌ଘାତରେ ହୁଏ। ଅନିୟମିତ ହୃଦ୍‌ସ୍ପନ୍ଦନ ସହିତ ଉପରୋକ୍ତ ସଙ୍କେତକୁ ଅଣଦେଖା କରିବା ଅନୁଚିତ।

**ଲକ୍ଷଣ ଅନୁଭବ କଲେ କ'ଣ କରିବେ**

କାମ ବନ୍ଦ କରି ବାୟୁ ଚଳାଚଳ କରୁଥିବା କୋଠରିରେ ବିଶ୍ରାମ ନିଅନ୍ତୁ। ପୋଷାକ ଢିଲା କରିଦିଅନ୍ତୁ। ଭୟଭୀତ ନହୋଇ ତୁରନ୍ତ ଜରୁରୀକାଳୀନ ସେବାକୁ କଲ୍ କରନ୍ତୁ। ରକ୍ତ ଜମାଟ ବାନ୍ଧିବାକୁ ରୋକିବାରେ ସାହାଯ୍ୟ କରିବା ପାଇଁ ଏକ ଆସ୍ପିରିନ୍ ଟାବଲେଟ୍ (୩୦୦-୩୨୫ mg)- (ଯଦି ଆସ୍ପିରିନ୍ ପ୍ରତି ଆଲର୍ଜିକ୍ ବା କୌଣସି ସକ୍ରିୟ ରକ୍ତସ୍ରାବ ଜନିତ ରୋଗ ନ ଥାଏ) ଚୋବାଇ ଦିଅନ୍ତୁ, ନଚେତ୍ ପାଣିରେ ଗୋଳାଇ ପିଇ ଦିଅନ୍ତୁ। ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନେବା ଉଚିତ୍। ଅନ୍ୟ କାହାର ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ବ୍ୟବହାର କରନ୍ତୁ ନାହିଁ। ଗାଡ଼ି ଚାଳନାରୁ ନିବୃତ୍ତ ରୁହନ୍ତୁ।


**କାହା ପାଇଁ ଅଧିକ ବିପଦ**

ଶାରୀରିକ ନିଷ୍କ୍ରିୟତା, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ଧୂମପାନ, ତମାଖୁ, ମଦ୍ୟପାନ, ମଧୁମେହ ରୋଗୀ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ମେଦବହୁଳତା, ହୃଦ୍‌ଘାତର ପାରିବାରିକ ଇତିହାସ, ମାନସିକ ଚାପ ଏବଂ ନିଶାଦ୍ରବ୍ୟ ଅପବ୍ୟବହାର, ବାୟୁ ପ୍ରଦୂଷଣ ଆଦି କାରଣ ହୃଦ୍‌ଘାତ ପାଇଁ ଅଧିକ ବିପଦ ହୋଇଥାଏ। ବିଶେଷକରି ୪୫ ବର୍ଷର ପୁରୁଷ ଓ ୫୫ ବର୍ଷ ପରେ ମହିଳାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇପାରେ।

**ପ୍ରତିରୋଧ ମୂଳକ ପରାମର୍ଶ**

ରକ୍ତଚାପ, ରକ୍ତ ଶର୍କରା, ଶରୀରର ଓଜନ, ବିଏମ୍‌ଆଇ ଏବଂ ରକ୍ତ କୋଲେଷ୍ଟ୍ରଲ୍ ସର୍ବଦା ନିୟନ୍ତ୍ରଣରେ ରଖନ୍ତୁ। ନିଶାସେବନରୁ ଦୂରେଇ ରହିବା ଉଚିତ। ନିୟମିତ ବ୍ୟାୟାମ (୩୦-୪୫ ମିନିଟ୍ ଚାଲିବା) କରନ୍ତୁ। ଅଧିକ ଚର୍ବି, ଶର୍କରାଜାତୀୟ ତଥା ଲୁଣଯୁକ୍ତ ଖାଦ୍ୟ ବଦଳରେ ସମ୍ପୂର୍ଣ୍ଣ ଶସ୍ୟ, ପନିପରିବା ଏବଂ ଫଳ ଖାଇବା ଉଚିତ। ପରିବାରରେ ହୃଦ୍‌ରୋଗର ଇତିହାସ ଥିଲେ ନିୟମିତ ହୃଦୟ ତଥା ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ। ଚାପଗ୍ରସ୍ତ ହୁଅନ୍ତୁ ନାହିଁ। ନିୟମିତ ଯୋଗ ଓ ପ୍ରାଣାୟାମ ସହ ୭ରୁ ୯ ଘଣ୍ଟା ଶୋଇବା ଉଚିତ୍। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଔଷଧ ସେବନ କରିବା ଆବଶ୍ୟକ।

ମାଟିମଣ୍ଡପ ସାହି,
ପାଟଣା ଲେନ୍, ପୁରୀ ଟାଉନ୍



# କାର୍ ଟି- ସେଲ୍ ଥେରାପି



ଶରୀରର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ସମୟରେ ଉପଯୁକ୍ତ ପରିମାଣର ରକ୍ତ ତିଆରି ହୋଇଥାଏ। ଏହା ସବୁ ଗୁଣସୂତ୍ର ଦ୍ୱାରା ନିୟନ୍ତ୍ରିତ ହୁଏ। ଯଦି ଗୁଣସୂତ୍ରରେ କିଛି କ୍ଷତିକାରକ ପରିବର୍ତ୍ତନ ହୁଏ, ରକ୍ତ କର୍କଟର ସମ୍ଭାବନା ଥାଏ। ବଂଶାନୁଗତ, ବିକିରଣ ସଂସ୍ପର୍ଶରେ ଆସିଲେ, ଧୂମପାନ ଆଦି ମଧ୍ୟ ରକ୍ତ କର୍କଟର ପ୍ରମୁଖ କାରଣ। ଏହି ରୋଗ ହେଲେ ପରିସ୍ରା ତଥା ମଳଦ୍ୱାରରେ ରକ୍ତ ପଡ଼ିବା, ଜ୍ୱର ଲାଗି ରହିବା, ହାଡ଼ରେ ଯନ୍ତ୍ରଣା, ଝାଳ ବାହାରିବା, ଓଜନ ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଠିକ୍ ସମୟରେ ରୋଗ ନିରୂପଣ, ପରୀକ୍ଷା ନିରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ଜଟିଳ ବ୍ୟାଧିରୁ ପୀଡ଼ିତ ଆରୋଗ୍ୟ ଲାଭ କରନ୍ତି। ତେବେ ରକ୍ତ କର୍କଟରୁ ଆରୋଗ୍ୟ ହେବାକୁ କାର୍ ଟି- ସେଲ୍ ଥେରାପି ଏକ ଆଧୁନିକ ଚିକିତ୍ସା ପଦ୍ଧତି। ଏହି ଚିକିତ୍ସା ପଦ୍ଧତିଟି ରକ୍ତକର୍କଟ, ଲ୍ୟୁକେମିଆ, ଲିମ୍ଫୋମା, ମାୟୋଲୋମା ଆଦି କ୍ଷେତ୍ରରେ ପ୍ରୟୋଗ ହେଉଛି। କର୍କଟ ସହ ଲଢ଼େଇ କରିବାକୁ ଏହା ଶରୀରରେ ରୋଗପ୍ରତିରୋଧ ଶକ୍ତିକୁ ବୃଦ୍ଧି କରାଏ। ଏହି ଥେରାପିରେ ରୋଗୀର ଟି-ସେଲ୍ (ଥାଇମୋସାଇଡ୍)କୁ ଜେନେଟିକାଲ ପରିବର୍ତ୍ତିତ କରି ଶରୀରର କର୍କଟ କୋଷଗୁଡ଼ିକୁ ନଷ୍ଟ କରିବାକୁ ବ୍ୟବହାର କରାଯାଏ। ଏହାଦ୍ୱାରା କର୍କଟ ବ୍ୟାପିବାକୁ ନିୟନ୍ତ୍ରଣ କରିହୁଏ। ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଦ୍ୱାରା ଉପକୃତ ହେଉନଥିବା ରୋଗୀଙ୍କ ପାଇଁ ଏହା ବରଦାନ ସଦୃଶ ହେବ। କାର୍ ଟି-ସେଲ୍ ଥେରାପିରେ ରୋଗର ଲକ୍ଷଣ ହ୍ରାସ ପାଇବା ସହ ଅଧିକ ସମୟ ପର୍ଯ୍ୟନ୍ତ ଆରାମ ମିଳିପାରିବ। ଯଦିଓ ଏହି ଚିକିତ୍ସା ପଦ୍ଧତି ବ୍ୟୟବହୁଳ କିନ୍ତୁ ଓଡ଼ିଶାରେ ଏହା ଉପଲବ୍ଧ କରାଯାଇପାରେ।

# ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ

ବିଶୃଙ୍ଖଳିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ, ହରମୋନ୍ ଅସନ୍ତୁଳନ, ମେଦବହୁଳତା ଆଦି କାରଣରୁ କମ୍ ବୟସର ବ୍ୟକ୍ତି ଉଚ୍ଚ ରକ୍ତଚାପର ଶିକାର ହେଉଛନ୍ତି। ମୁଣ୍ଡ ବିନ୍ଧା, ଛାତି ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ଦୁର୍ବଳ ଅନୁଭବ ଆଦି ଉଚ୍ଚ ରକ୍ତଚାପର ଲକ୍ଷଣ। ରକ୍ତଚାପ ୧୪୦-୯୦ରୁ ଅଧିକ ହେଲେ ଏହା ଉଚ୍ଚ ରକ୍ତଚାପକୁ ସୂଚାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଯଦି ଜଣଙ୍କର ଅଚାନକ ରକ୍ତ ଚାପ ବୃଦ୍ଧି ପାଏ ତାଙ୍କୁ ତୁରନ୍ତ ବାୟୁ ଚଳାଚଳ ସ୍ଥାନରେ ବସାଇ ଶ୍ୱାସକ୍ରିୟାକୁ ସାଧାରଣ କରିବାକୁ ପରାମର୍ଶ ଦିଆଯାଏ। ଉକ୍ତ ବ୍ୟକ୍ତିଙ୍କୁ ସର୍ପଗନ୍ଧା କ୍ୱାଥ ଦିଆଯାଇପାରେ। ଜଙ୍କଫୁଡ, ମସଲାଯୁକ୍ତ ଖାଦ୍ୟ, ଲୁଣ, ଘିଅ ଓ ତେଲ ଆଦି ଖାଇବା ଅନୁଚିତ। ସେହିପରି ସର୍ପଗନ୍ଧା ମୂଳ ଏକ ଗ୍ରାମ୍ ପର୍ଯ୍ୟନ୍ତ ବାଟି ପାଣିରେ ମିଶାଇ ଦିନକୁ ଦୁଇଥର ସେବନ କରିବା ହିତକର।

ଲେମ୍ବୁପାଣି, ପଇଡ଼, ସଜନା, ଟମାଟୋ, ଅଳସୀ, କଳା ଚଣା ସେବନ ହିତକର। ଅଁଳା ରସକୁ ମହୁ ସହ ମିଶାଇ ଏକ ଗ୍ଲାସ ପାଣିରେ ପିଇଲେ ଉଚ୍ଚ ରକ୍ତଚାପରୁ ଆରାମ ମିଳିଥାଏ।

## ଘରୋଇ ଉପଚାର

# ଯାଦୁର ଉପଚାର

- ଚାକୁଣ୍ଡା ମଞ୍ଜି, ଗନ୍ଧକ ଲେମ୍ବୁରସରେ ଉତ୍ତମରୂପେ ମର୍ଦ୍ଦନ କରି ଯାଦୁରେ ଦିନ ମଧ୍ୟରେ ୫ଥର ଲଗାଇଲେ ଦୁଇ ଦିନରେ ଯାଦୁ ଭଲ ହୁଏ।
- ଝୁଣା, ଟାଙ୍ଗଣା, ଗନ୍ଧକ, ଫିଟିକିରି ସମଭାଗ କରି ପାଣିରେ ବାଟି ପ୍ରଲେପ ଦେଲେ ଅଳ୍ପ ଦିନରେ ଯାଦୁ ଭଲ ହୁଏ।
- ମନଃଶିଳା, ରାଶିତେଲ, ଅରଖ କ୍ଷୀର ସମଭାଗ ବାଟି ଲଗାଇଲେ ଯାଦୁ ଭଲ ହୁଏ। (ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ଇଂଲଣ୍ଡ ସହ ଡ୍ର' ରଖି ଦ୍ୱିତୀୟ ରାଉଣ୍ଡରେ ଭାରତ

ଆମଷ୍ଟଲଭିନ୍,୨୦।୮ (ଏଜେନ୍ସି)

ରକ୍ଷଣଭାଗର ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଅନ୍ୟତମ ଶ୍ରେଷ୍ଠ ଦଳ ଇଂଲଣ୍ଡ ସହ ଗୋଲ ଶୂନ୍ୟ ଡ୍ର ରଖି ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭରରେ ପ୍ରବେଶ କରିଛି। ଏହା ଫଳରେ ଭାରତୀୟ ମହିଳାମାନେ ହକି ବିଶ୍ୱକପ୍‌ରେ ଉଲ୍ଲେଖନୀୟ ସଫଳତା ପାଇବାରେ ସମର୍ଥ ହୋଇଛନ୍ତି। ଏଠାରେ ଆଜି ପୁଲ-ଡି'ର ଶେଷ ଲିଗ୍ ମ୍ୟାଚ୍‌ରେ ଇଂଲଣ୍ଡ ସହ ଭାରତର ମୁକାବିଲା ହୋଇଥିଲା। ଏହି ମୁକାବିଲା ପୂର୍ବରୁ ଭାରତ ଚୀନ୍ ସହ ଡ୍ର ଓ ଦକ୍ଷିଣ ଆଫ୍ରିକାକୁ ହରାଇ ୪ ପଏଣ୍ଟ ପାଇଥିଲାବେଳେ ଗୋଟିଏ ବିଜୟ ଓ ଚୀନ୍‌ଠାରୁ ହାରିଥିବା ଇଂଲଣ୍ଡ ୩ ପଏଣ୍ଟ ପାଇଥିଲା। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହୋଇଥାନ୍ତା ସେହି ଦଳ ଦ୍ୱିତୀୟ ରାଉଣ୍ଡକୁ ଯିବା କଥା। କିନ୍ତୁ ମ୍ୟାଚ୍ ଡ୍ର ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲେ। ଫଳରେ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ଭାରତ ୫ ପଏଣ୍ଟ ପାଇଥିଲା। ପୂର୍ବରୁ ଚୀନ୍ ୨ଟି ବିଜୟ ଓ ଭାରତ ସହ ଗୋଟିଏ ମ୍ୟାଚ୍ ଡ୍ର କରି ପୁଲ୍-ଡି'ରେ ୭ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ୪ପଏଣ୍ଟ ପାଇ ଇଂଲଣ୍ଡ ତୃତୀୟ ସ୍ଥାନରେ ରହିବା ସହ ପ୍ରତିଯୋଗିତାର ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛି। କ୍ରସ୍ ଓଭରରେ ଭାରତ ସହ ନେଦରଲ୍ୟାଣ୍ଡସ ଓ ଅଷ୍ଟ୍ରେଲିଆର ମୁକାବିଲା ହେବ।



ଆଜି ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମୁକାବିଲାରେ ଭାରତୀୟ ରକ୍ଷଣଭାଗ ଖେଳାଳି ଜବରଦସ୍ତ ଖେଳପ୍ରଦର୍ଶନ କରି ଇଂଲଣ୍ଡକୁ ଗୋଟିଏ ହେଲେ ଗୋଲ ଦେବାର ସୁଯୋଗରୁ ବଞ୍ଚିତ କରିଥିଲେ। ଏଣୁ ଆଜିର ମ୍ୟାଚ୍‌ରେ ରକ୍ଷଣଭାଗ ଖେଳାଳି ହିରୋ ସାଜିଛନ୍ତି।

### ପୁରୁଷ ବିଭାଗ: ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ସହ ଖେଳିବ ଭାରତ

ପୁରୁଷ ବିଭାଗ ପୁଲ-ଡି'ରେ ବୁଧବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରି ଭାରତ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ବା ମୋଟରେ ୮ଟି ଦଳ କ୍ରସ ଓଭରକୁ ଉନ୍ନୀତ ହେବେ। ଏହି ଦଳ ଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇବେ। କିନ୍ତୁ ଏହି ପର୍ଯ୍ୟାୟରେ ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିବ। ଗୋଟିଏ ଗ୍ରୁପ୍‌ରୁ ଦୁଇଟି ଦଳ କ୍ରସ୍ ଓଭରକୁ ଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ମୁକାବିଲା ହେବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରେ ବିଜେତା ଦଳ କ୍ରସ୍ ଓଭରରେ ଗୋଟିଏ ମ୍ୟାଚ୍ ବିଜୟର ପୂରା ପଏଣ୍ଟ ସହ ଖେଳିବ। ଅର୍ଥାତ୍ ପୁଲ-ଡି'ରୁ ଇଂଲଣ୍ଡ ଓ ଭାରତ ଯୋଗ୍ୟତା ଅର୍ଜନ କରିଛନ୍ତି। ଏମାନେ କ୍ରସ ଓଭରରେ ମୁକାବିଲା କରିବେ ନାହିଁ। କିନ୍ତୁ ଇଂଲଣ୍ଡ ଗୋଟିଏ ହେଲେ ମ୍ୟାଚ୍ ନ ଖେଳି ପୂରା ପଏଣ୍ଟ ସହ କ୍ରସ୍ ଓଭରରେ ଖେଳିବ। କ୍ରସ୍‌ଓଭର ପୁଲ-ଇ'ରେ ଭାରତ ଓ ଇଂଲଣ୍ଡ ସହ ପୁଲ-ଏ'ର ପ୍ରଥମ ଦୁଇ ଦଳ ଯଥା ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ସହ ସ୍ଥାନ ପାଇଛି। କ୍ରସ୍ ଓଭରରେ ଭାରତ କେବଳ ଏହି ଦୁଇ ଦଳ ସହ ମୁକାବିଲା କରିବ। ଖେଳସୂଚୀ ଅନୁଯାୟୀ ଭାରତ ପ୍ରଥମ ମ୍ୟାଚ୍ ନେଦରଲାଣ୍ଡସ ସହ ଅଗଷ୍ଟ ୨୨ରେ ଓ ଦ୍ୱିତୀୟ ମ୍ୟାଚ୍ ଆର୍ଜେଣ୍ଟିନା ସହ ଅଗଷ୍ଟ ୨୪ରେ ଖେଳିବ। ଏହି ଦଳ ବିପକ୍ଷରେ ଭାରତ ବିଜୟୀ ହୋଇପାରିଲେ, ସେମିଫାଇନାଲ ଖେଳିବା ସମ୍ଭାବନା ସୃଷ୍ଟି ହୋଇପାରେ। ସେହିପରି କ୍ରସ୍ ଓଭରର ଅନ୍ୟ ପୁଲ ବା ପୁଲ-ଏଫ୍‌ରେ ଜର୍ମାନୀ, ବେଲଜିୟମ, ଅଷ୍ଟ୍ରେଲିଆ ସହ ସ୍ପେନ୍ କିମ୍ବା ଆୟର୍ଲାଣ୍ଡ ସ୍ଥାନ ପାଇବ।

### କ୍ରସ୍‌ଓଭର ଖେଳସୂଚୀ

**ପୁରୁଷ ପୁଲ-ଇ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୨-୮ | ଭାରତ-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ | ରାତି ୭ଟା୩୦ |
| ୨୨-୮ | ଇଂଲଣ୍ଡ- ଆର୍ଜେଣ୍ଟିନା | ଆମଷ୍ଟଲଭିନ୍ | ରାତି ୧୦ଟା୩୦ |
| ୨୪-୮ | ଭାରତ-ଆର୍ଜେଣ୍ଟିନା | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା୩୦ |
| ୨୪-୮ | ଇଂଲଣ୍ଡ-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ୍ | ରାତି ୯ଟା ୩୦ |

**ପୁରୁଷ ପୁଲ-ଏଫ୍**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୧-୮ | ଅଷ୍ଟ୍ରେଲିଆ-ବେଲଜିୟମ | ୱାଭରେ | ରାତି ୮ଟା୩୦ |
| ୨୧-୮ | ଜର୍ମାନୀ- ସ୍ପେନ | ୱାଭରେ | ରାତି ୧୨ଟା |
| ୨୩-୮ | ଜର୍ମାନୀ-ଅଷ୍ଟ୍ରେଲିଆ | ୱାଭରେ | ରାତି ୯ଟା |
| ୨୩-୯ | ବେଲଜିୟମ-ସ୍ପେନ୍ | ୱାଭରେ | ରାତି ୧୨ଟା |

**ମହିଳା ପୁଲ-ଇ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୧-୮ | ଚୀନ୍-ଅଷ୍ଟ୍ରେଲିଆ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା୩୦ |
| ୨୧-୮ | ଭାରତ-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ୍ | ରାତି ୯ଟା ୩୦ |
| ୨୩-୮ | ଚୀନ୍-ନେଦରଲ୍ୟାଣ୍ଡସ | ଆମଷ୍ଟଲଭିନ୍ | ସନ୍ଧ୍ୟା ୭ଟା୩୦ |
| ୨୩-୮ | ଭାରତ-ଅଷ୍ଟ୍ରେଲିଆ | ଆମଷ୍ଟଲଭିନ୍ | ରାତି ୧୦ଟା୩୦ |

**ମହିଳା ପୁଲ-ଏଫ୍**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୨-୮ | ସି୧-ଜର୍ମାନୀ | ୱାଭରେ | ରାତି ୯ଟା |
| ୨୨-୮ | ସି-୨ - ଆର୍ଜେଣ୍ଟିନା | ୱାଭରେ | ରାତି ୧୨ଟା |
| ୨୪-୮ | ସି- ୨- ଜର୍ମାନୀ | ୱାଭରେ | ରାତି ୮ଟା ୩୦ |
| ୨୪-୮ | ସି-୧ - ଆର୍ଜେଣ୍ଟିନା | ୱାଭରେ | ରାତି ୧୨ଟା୩୦ |

ସି-୧ ଓ ସି-୨: ବେଲଜିୟମ ଓ ସ୍ପେନ୍ ମଧ୍ୟରୁ ପ୍ରଥମ ଦ୍ୱିତୀୟ ହେବେ।

■ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

## ଭାରତକୁ ଝଟ୍‌କା; ସିନ୍ଧୁ, ଆୟୁଷଙ୍କ ବିଦାୟ




ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ବିଶ୍ୱକପ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଗୁରୁବାର ଭାରତ ପାଇଁ ବେଶ୍ ନୈରାଶ୍ୟଜନକ ରହିଥିଲା। ପାଞ୍ଚଥରର ପଦକ ବିଜୟିନୀ ପିଭି ସିନ୍ଧୁ ଓ ଉଦୀୟମାନ ଖେଳାଳି ଆୟୁଷ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ହାରି ଅଭିଯାନ ଶେଷ କରିଛନ୍ତି। ସେହିଭଳି ମିକ୍ସଡ ଡବଲ୍ସରେ ମଧ୍ୟ ଭାରତୀୟ ଯୋଡ଼ିଙ୍କୁ ନିରାଶ ହେବାକୁ ପଡ଼ିଛି। ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋ ଯୋଡ଼ି ରାଉଣ୍ଡ-୧୬ରେ ହାରି ବିଦାୟ ନେଇଛନ୍ତି। ତେବେ ମହିଳା ଡବଲ୍ସରେ ତ୍ରିସା ଜୋଲୀ ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଓ ପୁରୁଷ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାନକୀ ରେଡ୍ଡୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଦେଶ ପାଇଁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି।

ଗୁରୁବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମୁକାବିଲାରେ ସିନ୍ଧୁଙ୍କ ମୁକାବିଲା ଚାଇନାର ୱାଙ୍ଗ ଝି ୟିଙ୍କ ସହ ହୋଇଥିଲା। ତିନି ଗେମ୍ ବିଶିଷ୍ଟ ଏହି ମ୍ୟାଚର ପ୍ରଥମ ମୁକାବିଲାକୁ ୱାଙ୍ଗ୍ ୨୧-୧୧ରେ ଜିତି ୧-୦ରେ ଅଗ୍ରଣୀ ରହିଥିଲେ। ଏହାପରେ ସିନ୍ଧୁ ୨୧-୧୫ରେ ଦ୍ୱିତୀୟ ଗେମକୁ ଜିତି ୧-୧'ର ବରାବରସ୍ଥିତିକୁ ଆଣିଥିଲେ। ତେବେ ନିର୍ଣ୍ଣାୟକ ତୃତୀୟ ଗେମକୁ ୱାଙ୍ଗ୍ ୨୧-୧୭ରେ ବାଜିମାତ୍ କରି ୨-୧ରେ ମ୍ୟାଚକୁ ହାତେଇ ନେଇଥିଲେ। ଫଳରେ ଚାଇନାର ୱାଙ୍ଗ୍ କ୍ରମାଗତ ୮ଟି ମ୍ୟାଚ୍ ସିନ୍ଧୁଙ୍କ ନିକଟରୁ ହାରିବା ପରେ ପ୍ରଥମ ବିଜୟସ୍ୱାଦ ଏଠାରେ ଚାଖିଛନ୍ତି। ଅପରପକ୍ଷରେ ପଦକ ଆଶାୟୀ ଆୟୁଷ ମଧ୍ୟ ପୁରୁଷ ବିଭାଗରେ ନିରାଶ କରିଥିଲେ। ରାଉଣ୍ଡ-୧୬ରେ ଆୟୁଷ ୧୯-୨୧, ୧୧-୨୧ ସିଧାସଳଖ ଗେମରେ ଇଣ୍ଡୋନେସିଆର ଅଲ୍‌ୱି ଫରହାନଙ୍କଠାରୁ ହାରିଯାଇଛନ୍ତି। ଏଥିପୂର୍ବରୁ ଆୟୁଷ ପ୍ରଥମ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ଏକ ନମ୍ବର ଖେଳାଳି ଚାଇନାର ଶି ୟୁ କ୍ୱିଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ଡବଲ୍ସରେ ତ୍ରିସା ଓ ଗାୟତ୍ରୀ ଯୋଡ଼ି ୨୧-୧୬, ୨୧-୧୨ ଗେମରେ ଜାପାନ ଯୋଡ଼ିଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

■ ଫିଫା ମହିଳା ବିଶ୍ୱକପ୍- ୨୦୨୭

## ମାରକାନାରେ ଉଦ୍‌ଘାଟନୀ ଓ ଫାଇନାଲ




ରିଓ ଡି ଜାନେଇରୋ,୨୦।୮ (ଏଜେନ୍ସି): ବ୍ରାଜିଲତଥାରିଓଡିଜାନେଇରୋରେଅବସ୍ଥିତ ଆଇକନିକ୍ ଫୁଟବଲ ଷ୍ଟାଡିୟମ୍‌ରେ ୨୦୨୭ ଫିଫା ବିଶ୍ୱକପ୍ ଆରମ୍ଭ ହେବ। ମହିଳା ଫୁଟବଲର ଏହି ସର୍ବଶ୍ରେଷ୍ଠ ଇଭେଣ୍ଟ ୨୦୨୭ ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୨୫ରେ ଶେଷ ହେବ। ଏଥିରେ ୩୨ଟି ଦେଶ ୮ଟି ସହରରେ ଏହି ପ୍ରତିଯୋଗିତା ଶେଷ ହେବ ବୋଲି ଜଣାଯାଇଛି। ଏଥିରେ ମୋଟ ୬୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଆଇକନିକ୍ ମାରକାନା ଷ୍ଟାଡିୟମ୍‌ରେ ଉଦ୍‌ଘାଟନି ଓ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ଆଜି ଫିଫା ପକ୍ଷରୁ ପ୍ରକାଶିତ ଖେଳସୂଚୀରୁ ଜଣାଯାଇଛି। ଏହା ଫଳରେ ପ୍ରତ୍ୟେକ ଭେନ୍ୟୁରେ ଅତିକମ୍‌ରେ ୭ଟି ଲେଖାଏଁ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

୩ ବର୍ଷ ତଳେ ଇଂଲଣ୍ଡକୁ ହରାଇ ଚାମ୍ପିଅନ ହୋଇଥିବା ସ୍ପେନ୍ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଟାଇଟଲଧାରୀ ଭାବେ ଖେଳିବ। ଅନ୍ୟ ପକ୍ଷରେ ଆୟୋଜକ ବ୍ରାଜିଲ ଜୁନ୍ ୨୪ରୁ ତାହାର ଅଭିଯାନ ଆରମ୍ଭ କରିବ। ଏହା ପରେ ଜୁନ୍ ୨୯ ଓ ଜୁଲାଇ ୪ରେ ଘରୋଇ ଦଳ ତାହାର ଅନ୍ୟ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବ। ୮ଟି ଭେନ୍ୟୁ ହେଲା, ବ୍ରାସିଲିଆ, ପୋର୍ଟୋ ଆଲେଗ୍ରେ, ରେସିଫେ, ସାଲଭାଡରରେ କେବଳ ରାଉଣ୍ଡ ଅଫ୍ ୧୬ ମୁକାବିଲା ଖେଳାଯିବ। ବେଲୋ ହୋରିଜୋଣ୍ଟେ, ଫୋର୍ଟାଲେଜା, ରିଓ ଡି ଜାନେଇରୋ ଓ ସାଓ ପାଓଲୋରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ମାରକାନା ବିଶ୍ୱର ତୃତୀୟ ଷ୍ଟାଡିୟମ ଭାବେ ଉଭୟ ଫିଫା ବିଶ୍ୱକପ୍ ଓ ଫିଫା ମହିଳା ବିଶ୍ୱକପ୍ ପ୍ରତିଯୋଗିତା ଆୟୋଜନ କରିବ। ପୂର୍ବରୁ ୧୯୫୮ ଓ ୧୯୯୫ରେସ୍ୱିଡେନ୍‌ରସୋଲନା, ୧୯୯୪ ଓ୧୯୯୯ରେଆମେରିକାରରୋଜ୍‌ବାଉଲ୍ ଉଭୟ ବିଶ୍ୱକପ୍ ଫାଇନାଲରକୁ ଆୟୋଜନ କରିବାରେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମାରାକାନା ଏହି ତାଲିକାରେ ସାମିଲ ହେବ।

## ଡୋପ୍ ଟେଷ୍ଟରେ ବିଫଳ

# ଏସିଆନ୍ ଗେମ୍ସ ଚାମ୍ପିଅନ ସ୍ୱପ୍ନା ବାସନ୍ଦ



ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ପୂର୍ବତନ ଏସିଆନ୍ ଗେମ୍ସ ଚାମ୍ପିଅନ ସ୍ୱପ୍ନା ବର୍ମନଙ୍କୁ ଡୋପିଂ ପାଇଁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି। ନିଷିଦ୍ଧ ପଦାର୍ଥ ସେବନ ଯୋଗୁ ୨୯ ବର୍ଷୀୟା ସ୍ୱପ୍ନାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିଲା। ଜାତୀୟ ଡୋପିଂ ନିରୋଧୀ ସଂସ୍ଥା (ନାଡା) ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ସ୍ୱପ୍ନା ଏଣ୍ଡୋଜେନ୍ସ ଷ୍ଟେରଏଡ୍ ବୋଲ୍ଡେନନ୍ ନାମକ ନିଷିଦ୍ଧ ପଦାର୍ଥ ସେବନ କରିଥିଲେ। ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସର ହେପ୍ଟାଥଲନ ଇଭେଣ୍ଟରେ ସ୍ୱପ୍ନା ବ୍ୟକ୍ତିଗତ ଶ୍ରେଷ୍ଠ ୬୦୨୬ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ବେଙ୍ଗଲର ଏହି ତାରକା ଆଥଲେଟ୍ ୨୦୨୩ରେ ହାଙ୍ଗଝୁ ଏସିଆନ ଗେମ୍ସରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ସେ ୨୦୨୪ରେ ବିରତି ନେଇଥିଲେ। ତେବେ ଚଳିତ ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସିରେ ଯୋଗଦେଇ ରାଜନୀତିରେ ପ୍ରବେଶ କରିଥିବା ସ୍ୱପ୍ନା ଜୁଲାଇ ୩୧ରେ ଆଥଲେଟିକ୍ସରୁ ଅବସର ଘୋଷଣା କରିଥିଲେ।

**ଶିବପାଲ୍ ପୁଣିଥରେ ଧରାପଡ଼ିଲେ**

ଅପରପକ୍ଷରେ ନାଡାର ଶୃଙ୍ଖଳାଗତ ପ୍ୟାନେଲ ପୂର୍ବତନ ଏସୀୟ ରୌପ୍ୟ ପଦକ ବିଜେତା ଜାଭେଲିନ୍ ଥ୍ରୋୟର୍ ଶିବପାଲ ସିଂହଙ୍କୁ ଦ୍ୱିତୀୟ ଡୋପିଂ ଅପରାଧ ପାଇଁ ୧୦ ବର୍ଷ ଲାଗି ନିଲମ୍ବିତ କରିଛି। ୩୧ ବର୍ଷୀୟ ଶିବପାଲଙ୍କ ଅଯୋଗ୍ୟତା ୨୭ ମାର୍ଚ୍ଚ, ୨୦୨୫ ରୁ ଆରମ୍ଭ ହୋଇଛି। ୨୦୨୨ ରେ ତାଙ୍କର ପ୍ରଥମ ଅପରାଧ ପାଇଁ ତାଙ୍କୁ ଚାରି ବର୍ଷ ପାଇଁ ନିଲମ୍ବନ କରାଯାଇଥିଲା। କିନ୍ତୁ ଆପିଲରେ ଏହାକୁ ଗୋଟିଏ ବର୍ଷକୁ ହ୍ରାସ କରାଯାଇଥିଲା।

## ସିନ୍‌ସିନାଟି ଓପନ୍‌ରେ ବିପର୍ଯ୍ୟୟ

# ଚତୁର୍ଥ ରାଉଣ୍ଡରେ ହାରିଲେ ସାବାଲେଙ୍କା



ଓହିହୋ, ୨୦।୮ (ଏଜେନ୍ସି): ଆମେରିକାରେ ଚାଲିଥିବା ସିନ୍‌ସିନାଟି ଓପନ୍‌ରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସରେ ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଚେକ୍ ରିପବ୍ଲିକର ୩୫ତମ ମାନ୍ୟତା ଖେଳାଳି ସାରା ବେଜଲେକ ୭-୬ (୯/୭), ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପରାଜୟ ଫଳରେ ସାବାଲେଙ୍କାଙ୍କ ଏକ ନମ୍ବର ମାନ୍ୟତା ବିପଦରେ ପଡ଼ିଛି। ସେହିଭଳି ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ପୂର୍ବରୁ ମଧ୍ୟ ସାବାଲେଙ୍କାଙ୍କୁ ଏହା ଏକ ଝଟକା ସଦୃଶ ହୋଇଛି। ୨୮ ବର୍ଷୀୟା ସାବାଲେଙ୍କା ୨୦୧୪ ପରେ ପ୍ରଥମ ମହିଳା ଖେଳାଳି ଭାବରେ କ୍ରମାଗତ ତୃତୀୟ ୟୁଏସ୍ ଓପନ୍ ଟାଇଟଲ୍ ହାସଲ ଲକ୍ଷ୍ୟରେ ରହିଛନ୍ତି। ଶେଷଥର ଲାଗି ସେରେନା ୱିଲିୟମ୍ସ ୨୦୧୨, ୨୦୧୩ ଓ ୨୦୧୪ରେ ଚାମ୍ପିଅନ ହୋଇ ୟୁଏସ୍ ଓପନରେ ହ୍ୟାଟ୍ରିକ କରିଥିଲେ।

■ ଜାତୀୟ ଜୁନିଅର ଜଳକ୍ରୀଡ଼ା

## ତୃତୀୟ ଦିନରେ କର୍ଣ୍ଣାଟକକୁ ୪, ମହାରାଷ୍ଟ୍ରକୁ ୩ ସ୍ୱର୍ଣ୍ଣ



ଭୁବନେଶ୍ୱର, ୨୦।୮ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣର ତୃତୀୟ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦୁଇଦିନ ଭଳି ଆଜି ମଧ୍ୟ କର୍ଣ୍ଣାଟକ ଓ ମହାରାଷ୍ଟ୍ର ସନ୍ତରଣକାରୀଙ୍କ ଦବ୍‌ଦବା ଜାରି ରହିଥିଲା। ଗୁରୁବାର କର୍ଣ୍ଣାଟକ ଓ ମହାରାଷ୍ଟ୍ରର ସନ୍ତରଣକାରୀମାନେ ଯଥାକ୍ରମେ ୪ଟି ଓ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ବାଳିକା ୧-ଏ ୨୦୦ ମିଟର ମିଡଲେ, ବାଳିକା ୧-ଏ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ, ବାଳକ ୧-ବି ୧୫୦୦ ମିଟର ଫ୍ରିଷ୍ଟାଇଲ ଓ ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ଦଳଗତ ଇଭେଣ୍ଟରେ କର୍ଣ୍ଣାଟକ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ସେହିଭଳି ମହାରାଷ୍ଟ୍ର ଜିତିଥିବା ୩ଟି ସ୍ୱର୍ଣ୍ଣରୁ ସାନଭୀ ଦେଶୱାଲ ଏକାକୀ ଦୁଇଟି ହାସଲ କରିଥିଲେ। ସାନଭୀ ବାଳିକା ୧-ବି ୨୦୦ ମିଟର ମିଡଲେ ଓ ୧-ବି ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ପୋଡିୟମର ଶୀର୍ଷରେ ରହିଥିଲେ। ଗୁରୁବାର ଅନୁଷ୍ଠିତ ଅନ୍ୟ ଇଭେଣ୍ଟରେ ତାମିଲନାଡୁ ୨ଟି ଓ ସର୍ଭିସେସ ଗୋଟିଏ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

## ଇଂଲଣ୍ଡ-ପାକିସ୍ତାନ ପ୍ରଥମ ଟେଷ୍ଟ

# କକ୍ସ ଓ ରୁଟ୍‌ଙ୍କ ଅର୍ଦ୍ଧଶତକ

ଲିଡ୍ସ,୨୦।୮ (ଏଜେନ୍ସି): ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ଇଂଲଣ୍ଡର ଯୁବ ଖେଳାଳି ଜୋର୍ଡାନ କକ୍ସ ଓ ଅଧିନାୟକ ଜୋ ରୁଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏମାନେ ଦମ୍‌ଦାର ବ୍ୟାଟିଂ କରି ଯଥାକ୍ରମେ ୭୩ ଓ ୬୬ ରନ୍ କରିବା ଫଳରେ ପାକିସ୍ତାନର ପ୍ରଥମ ଇନିଂସ ସ୍କୋର ୪ ୱିକେଟରେ ୨୩୯ ରନ୍‌ରେ ପହଞ୍ଚିଛି। ପୂର୍ବରୁ ପ୍ରଥମ ଇନିଂସରେ ପାକିସ୍ତାନ ୧୭୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ଓ ଜୋଶ ଟଙ୍ଗ୍ ୫ଟି ଲେଖାଏଁ ୱିକେଟ ଭାଗକରିଥିଲେ।


## ଡୁରାଣ୍ଡ କପ୍

# ଇଷ୍ଟ ବେଙ୍ଗଲ-ମୋହନ ବାଗାନ ଫାଇନାଲ

କୋଲକାତା, ୨୦।୮ (ଏଜେନ୍ସି): କୋଲକାତାର ଦୁଇ ଶକ୍ତିଶାଳୀ ଦଳ ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ ମଧ୍ୟରେ ଚଳିତ ଡୁରାଣ୍ଡ କପ୍ ୧୩୫ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଖେଳାଯିବ। ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମୋହନ ବାଗାନ ପେନାଲ୍ଟି ସୁଟ୍ ଆଉଟ୍‌ରେ ୪-୩ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ପୂର୍ବରୁ ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଇଷ୍ଟବେଙ୍ଗଲ ମଧ୍ୟ ସୁଟ୍ ଆଉଟରେ ୫-୩ ଗୋଲରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ହରାଇଥିଲା। ଏବେ ରବିବାର ଟାଇଟଲ୍ ମୁକାବିଲାରେ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ସାମ୍ନାସାମ୍ନି ହେବେ। ଫଳରେ ଫୁଟବଲ୍‌ପ୍ରେମୀ କୋଲକାତା ଡର୍ବି ମ୍ୟାଚ୍ ଦେଖିବାକୁ ପାଇବେ। ଡୁରାଣ୍ଡ କପ୍ ଇତିହାସରେ ଏହି ଦୁଇ ଦଳ ୧୩ଥର ଲାଗି ଫାଇନାଲରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏଥିପୂର୍ବରୁ ଖେଳାଯାଇଥିବା ୧୨ଟି ଫାଇନାଲରୁ ଇଷ୍ଟ ବେଙ୍ଗଲ ୬ ଓ ମୋହନ ବାଗାନ ୪ଥର ବିଜୟୀ ହୋଇଛନ୍ତି। ଦୁଇଥର ଦୁଇଦଳ ଯୁଗ୍ମ ବିଜେତା ହୋଇଛନ୍ତି।

## ଦିନକ ପରେ ବିଶ୍ୱ ଆଥଲେଟିକ୍ସ ସିଲଭର ମିଟ୍

# ଓଡ଼ିଶାରୁ ଭାଗନେବେ ୬ ଆଥ୍‌ଲେଟ୍



ଭୁବନେଶ୍ୱର, ୨୦।୮ (ସମିସ)

ଆଇକନିକ କଳିଙ୍ଗ ଷ୍ଟାଡିୟମ ସର୍ବଦା ମୋ ଲାଗି ଭାଗ୍ୟଶାଳୀ ରହିଛି। ଏଠାରେ ମୁଁ ମୋର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ କରିଛି। ଆସନ୍ତା ମାସରେ ଜାପାନର ଆଇଚି-ନାଗୋୟା ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ମିଟ୍ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ଆଣିଦେଇଛି' ବୋଲି ଭାରତର ତାରକା ଆଥଲେଟ ମୁରଲୀ ଶ୍ରୀଶଙ୍କର ଗୁରୁବାର ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ନିକଟରେ ଶେଷ ହୋଇଥିବା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାର ପୁରୁଷ ଲଙ୍ଗଜମ୍ପରେ ଶ୍ରୀଶଙ୍କର ରୌପ୍ୟ ପଦକ ଜିତିଥିଲେ। ତେଣୁ ପ୍ରଦର୍ଶନରେ ଉନ୍ନତି ଆଣି କଳିଙ୍ଗରେ ସ୍ୱର୍ଣ୍ଣ ପଦକ ହାତେଇବାକୁ ଶ୍ରୀଶଙ୍କର ଆଶାବାଦୀ ରହିଛନ୍ତି। ସେହିଭଳି ବିଶ୍ୱର ଆଗଧାଡ଼ିର କ୍ରୀଡ଼ାବିତଙ୍କ ଖେଳ ଅତି ନିକଟରୁ ଦେଖିବା ଲାଗି ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ଏକ ଭଲ ସୁଯୋଗ ହେବ ବୋଲି ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଗା ଦୌଡ଼କୁଦ ପ୍ରତିଯୋଗିତାରେ ବିଶ୍ୱର ୨୭ଟି ଦେଶର ୧୮୭ଜଣ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଏସିଆର ୧୨ଟି ଦେଶରୁ ୧୪୩ଜଣ କ୍ରୀଡ଼ାବିତ୍ ରହିଛନ୍ତି। ଆୟୋଜକ ଭାରତର ୮୮ଜଣ କ୍ରୀଡ଼ାବିତ୍‌ଙ୍କ କ୍ରୀଡ଼ାକୌଶଳ କ୍ରୀଡ଼ାପ୍ରେମୀ ଦେଖିବାକୁ ପାଇବେ। ଯେଉଁଥିରେ ଓଡ଼ିଶାର ୪ ପୁରୁଷ ଓ ୨ ମହିଳାଙ୍କୁ ମିଶାଇ ମୋଟ୍ ୬ଜଣ କ୍ରୀଡ଼ାବିତ୍ ରହିଛନ୍ତି। ସେମାନେ ହେଲେ କିଶୋର କୁମାର ଜେନା (ଜାଭେଲିନ ଥ୍ରୋ), ଅନିମେଶ କୁଜୁର (ପୁରୁଷ ୧୦୦ମିଟର), ବାପି ହାଁସଦା (ପୁରୁଷ ୮୦୦ ମିଟର), ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ) ଏବଂ ମହିଳାରେ ଶ୍ରାବଣୀ ନନ୍ଦ (୧୦୦ମିଟର) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସ)। ଏହି ପ୍ରତିଯୋଗିତା ଲାଗି ପାଖାପାଖି ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବା ଖେଳାଳିଙ୍କୁ ଯଥାକ୍ରମେ ୧୬୦୦, ୧୨୦୦, ୯୦୦, ୬୦୦, ୩୦୦ ଓ ୨୦୦ ଡଲାର ଅର୍ଥରାଶି ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଏଠାରେ ସଫଳତାର ସହ ବ୍ରୋଞ୍ଜ-ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଳିତଥର ଏହାକୁ ସିଲ୍‌ଭରସ୍ତରକୁ ଉନ୍ନତ କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବିଜୟ୍ କୁମାର ପଣ୍ଡା
ସାମରାଇପୁର, ଗେଲପୁର, ଭଦ୍ରକ
ଆବିର୍ଭାବ - ୦୧.୦୮.୧୯୫୬
ତିରୋଧାନ - ୧୧.୦୮.୨୦୨୬
ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: କନକଲତା ପଣ୍ଡା
ଝିଅ - ନିରୁପମା, ଜ୍ୱାଇଁ - ନୀଳାଦ୍ରି ନାଏକ,
ପୁତ୍ର - ରଶ୍ମିରଞ୍ଜନ, ଜ୍ୟୋତିରଞ୍ଜନ, ପୁତ୍ରବଧୂ - ରିନ୍ନାରାଣୀ, ସ୍ୱପ୍ନାସରିତା, ନାତୁଣୀ - ଶକ୍ତିସ୍ୱରୂପା, ରାଜଲକ୍ଷ୍ମୀ,
ନାତି - ଆଦିତ୍ୟରାଜ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS